ବର୍ଷ-୨୬, ସଂଖ୍ୟା-୧୦୧
ଭୁବନେଶ୍ୱର
୧୪, ଏପ୍ରିଲ୍ ୨୦୨୬ ମଙ୍ଗଳବାର
ପୃଷ୍ଠା-୦୮, ମୂଲ୍ୟ : ୨ ଟଙ୍କା

Vol.-26, Issue No. ୧୦୧
Bhubaneswar
14 April, 2026 Tuesday
Page-08, Rs.: 2.00

# ମହାଭାରତ

RNI Regd. No.: ODIODI2000/03863
Website : www.mahabharataepaper.com

Mahabharat

ଆଜି
ମହାବିଷୁବ
ସଂକ୍ରାନ୍ତି



# ବଡ଼ବିଲ ବାଇପସ ରିଙ୍ଗରୋଡ଼ ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ କଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, ୧୩।୪(ମହାଭାରତ): କଥା ଦେଇ କଥା ରଖିଲେ ରାଜ୍ୟ ସରକାର। ସୋମବାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ବଡ଼ବିଲର ଠାରେ ବଡ଼ବିଲ ବାଇପାସ ରିଙ୍ଗରୋଡ଼ ପ୍ରକଳ୍ପର ଭିତିପ୍ରସ୍ତର ସ୍ଥାପନା କରି ବଡ଼ବିଲ ଅଞ୍ଚଳବାସୀଙ୍କ ବହୁ ପ୍ରତିକ୍ଷିତ ସ୍ୱପ୍ନ ପୂରଣ କରିଛନ୍ତି। ଗତବର୍ଷ ଘଟଗାଁ ଠାରେ ମୁଖ୍ୟମନ୍ତ୍ରୀ ଏହି ପ୍ରତିଶୃତି ବଡ଼ବିଲ ବାସୀଙ୍କୁ ଦେଇଥିଲେ ଏବଂ ଦେଇଥିବା ପ୍ରତିଶ୍ରୁତି ପୂରଣ କରିଛନ୍ତି। ଏହି ଅବସରରେ କେନ୍ଦୁଝର ଜିଲ୍ଲା ପାଇଁ ବିଭିନ୍ନ ଉନ୍ନୟନ ମୂଳକ ପ୍ରକଳ୍ପ ଗୁଡିକର ଭିତିପ୍ରସ୍ତର ସ୍ଥାପନ ଏବଂ ଶୁଭ ଉଦଘାଟନ କରିଛନ୍ତି ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ।

ସୂଚନାଯୋଗ୍ୟଯେ ମୁଖ୍ୟମନ୍ତ୍ରୀ ଆଜିର କାର୍ଯ୍ୟକ୍ରମରେ ୨୯ କୋଟି ୪୧ ଲକ୍ଷ ବ୍ୟୟ ବରାଦରେ ୨୪ ଟି ପ୍ରକଳ୍ପର ଲୋକାର୍ପଣ କରିବା ସହିତ ୩୨୬ କୋଟି ୪୩ ଲକ୍ଷ ଟଙ୍କା ବ୍ୟୟ ବରାଦରେ ୫୧ଟି ପ୍ରକଳ୍ପର ଭିତିପ୍ରସ୍ତର ସ୍ଥାପନ କରିଛନ୍ତି। ବଡ଼ବିଲ ସହର ପାଇଁ ଏକ ବାଇପାସ୍ ତଥା ରିଂ ରୋଡର ଦୈର୍ଘ୍ୟ ହେଉଛି ୧୮ କିଲୋମିଟର ୩୨୬ ମିଟର। ଏହି ପ୍ରକଳ୍ପ ସମ୍ପୂର୍ଣ୍ଣ ପାଇଁ ୧୫୮୧ କୋଟି ୨୧ ଲକ୍ଷ ଟଙ୍କା ବିନିଯୋଗ କରାଯିବ।

ଏହି ଅବସରରେ ମୁଖ୍ୟମନ୍ତ୍ରୀ ଘୋଷଣା କରିଥିଲେଯେ, ଯୋଡ଼ା, ବାସୁଦେବପୁର ଓ ବଡ଼ବିଲ ଅଂଚଳ ପାଇଁ ୨୯୮ କୋଟି ଟଙ୍କା ବ୍ୟୟରେ ଖୁବ ଶୀଘ୍ର ଏକ ବିଦ୍ୟୁତ ସବ ଷ୍ଟେସନ ନିର୍ମାଣ ହେବ ଏବଂ ୮ ଲେନ ବିଶିଷ୍ଟ ବଡ଼ବିଲ – ପାରାଦ୍ୱୀପ ରାସ୍ତା ନିର୍ମାଣ କାର୍ଯ୍ୟକୁ ଶୀଘ୍ର ତ୍ୱରାନ୍ୱିତ କରିବା ପାଇଁ ଜିଲ୍ଲା ପ୍ରଶାସନକୁ ନିର୍ଦ୍ଦେଶ ଦେଇଥିଲେ।

ମୁଖ୍ୟମନ୍ତ୍ରୀ କହିଥିଲେ ଯେ, କେନ୍ଦୁଝର ବା ବଡବିଲ୍ ପରି ସହରମାନଙ୍କ ଟ୍ରାଫିକ ଏବଂ ଭାରି ଯାନବାହାନ ଚଳାଚଳ ସମସ୍ୟା ବିଷୟରେ ମୁଁ ସବୁ ଜାଣିଛି। ମୁଁ ନିଜେ ଗୋଟିଏ ଭୁକ୍ତଭୋଗୀ। ତେଣୁ, ଏ ସବୁ ଅସୁବିଧା ଦୂର କରିବା ପାଇଁ ଆମ ସରକାର ପ୍ରଥମରୁ ହିଁ ନିଷ୍ପତି ନେଇଥିଲେ। ଆଜି ସେହି ନିଷ୍ପତିକୁ କାର୍ଯ୍ୟକାରୀ କରାଯାଇ ବଡ଼ବିଲ ସହର ପାଇଁ ୧୮ କିଲୋମିଟରରୁ ଉର୍ଦ୍ଧ୍ୱ ଲମ୍ବା ବାଇପାସ୍ ତଥା ରିଂ ରୋଡ୍ ର ଶିଳାନ୍ୟାସ କରାଗଲା। ଭଦ୍ରା ସାହିରୁ ସେରେଣ୍ଡା ପର୍ଯ୍ୟନ୍ତ ୩.୭ କିଲୋମିଟର, ସେରେଣ୍ଡାରୁ ବଲାଣି ପର୍ଯ୍ୟନ୍ତ ୬.୩ କିଲୋମିଟର ଏବଂ ସେରେଣ୍ଡାରୁ ନଲ୍‌ଦା ପର୍ଯ୍ୟନ୍ତ ହେଉଛି ୮.୩ କିଲୋମିଟର । ଏ ପୁରା ବାଇପାସ୍ ଟି ଆପଣମାନଙ୍କର ଏକ ଦୀର୍ଘଦିନର ସମସ୍ୟାର ସମାଧାନ କରିବ। ଏହାର ଡିଜାଇନ୍ ଅତ୍ୟନ୍ତ ଉନ୍ନତ ମାନର ହେବ ଏବଂ ଅଧିକ ଗାଡିର ବୋଝ ବା ଟ୍ରାଫିକ୍ ସମ୍ଭାଳିଲାଭଳି ଦୃଢ଼ତା ଏହାର ରହିବ। ଆଧୁନିକ ଡିଜାଇନ୍ ଅନୁଯାୟୀ ଦିନକୁ ୪୦ ହଜାର ପାସେଞ୍ଜର କାର ଗଲାପରି ସଡକ ନିର୍ମାଣ ହେବାର ଆବଶ୍ୟକତା ରହିଛି। ଏହି ରିଂ-ରୋଡ୍‌ରେ ଏତିକି ଗାଡି ଚଳାଚଳ କରିବାର କାପାସିଟି ରହିଛି। ବର୍ତମାନ ଦିନକୁ



ସର୍ବାଧିକ ୧୫ ହଜାର ୩୭୫ ପାସେଞ୍ଜର କାର୍ ଯାଉଛି। ଆଗାମୀ ଦିନରେ ଏହି ରିଂ-ରୋଡ୍ ସମ୍ପୂର୍ଣ୍ଣ ହେବା ପରେ, ଏଥିରେ ୪୦ ହଜାର କାର୍ ଯିବାର କାପାସିଟି ରହିବ। ଏହା ଦ୍ୱାରା ବଡବିଲ୍ ସହରର କଳେବର ମଧ୍ୟ ବୃଦ୍ଧିହେବ। ରିଂ-ରୋଡ୍ ର ଉଭୟ ପାର୍ଶ୍ୱରେ ଅଧିକ ହାଉସିଂ କଲୋନୀ ଗଢିଉଠିବ ଓ ଇକୋନୋମିକ୍ ଆକ୍ଟିଭିଟି ମଧ୍ୟ ବଢିବ। ଯେଉଁ ଗାଡିଗୁଡିକ ଏହି ରୁଟ୍ ରେ ଅପରେଟ୍ କରିବ ତାଙ୍କର ଅପରେଟିଙ୍ଗ ଖର୍ଚ୍ଚ ମଧ୍ୟ କମିବ ଏବଂ ଏହାଦ୍ୱାରା ଆମର ଅର୍ଥନୀତିକୁ ମଧ୍ୟ ଏହାର ଏକ ବଡ ଅବଦାନ ରହିବ। ମୋଟ୍ ଉପରେ ଏହି ପ୍ରକଳ୍ପଟି ଆମ ଅଞ୍ଚଳରେ ସମୃଦ୍ଧି ଆଣିବ।

ଏଥିସହିତ ଆଜି ଅନେକ ଗୁରୁତ୍ୱପୂର୍ଣ୍ଣ ଭିତିଭୂମି ପ୍ରକଳ୍ପର ଶୁଭାରମ୍ଭ ମଧ୍ୟ ହୋଇଛି । ୯୫ କୋଟି ଟଙ୍କା ବିନିଯୋଗରେ ୧୦ କିଲୋମିଟର ଦୀର୍ଘ ବାମ୍ବେରୀ – ପଲାସା – ଗୁରୁଡା – କୋଇଡା ସଡ଼କ ପାଇଁ ଶିଳାନ୍ୟାସ କରାଗଲା। ଏହା ସହିତ ସୁଆକଟି – ଡୁବୁନା – କାଳିମାଟି ସାଢ଼େ ସାତ କିଲୋମିଟର ସଡ଼କ ପାଇଁ ଶିଳାନ୍ୟାସ କରାଗଲା। ଏଥିପାଇଁ ୩୦ କୋଟି ଟଙ୍କା ବିନିଯୋଗ ହେବ। ଏହାସହିତ ପଳାଶପଙ୍ଗା ଠାରୁ ବାମ୍ବେରୀ ପର୍ଯ୍ୟନ୍ତ କିଡକୋ ରୋଡ୍ ର ମଧ୍ୟ ଉନ୍ନତିକରଣ କରାଯିବ। ସାଢ଼େ ପାଂଚ କିଲୋମିଟର ଦୀର୍ଘ ଏହି ରାସ୍ତାର ଉନ୍ନତିକରଣ ପାଇଁ ୩୦ କୋଟି ଟଙ୍କା ଖର୍ଚ୍ଚ କରାଯିବ। ଆଜି ବଡବିଲ ଉତ୍ସବ ପଡ଼ିଆରେ କ୍ରୀଡା ଭିତିଭୂମି ସହିତ ବସ ଷ୍ଟାଣ୍ଡର ଉନ୍ନତିକରଣ କାର୍ଯ୍ୟର ଉଦଘାଟନ ମଧ୍ୟ କରାଯାଇଛି। ଏଥିପାଇଁ ୯.୨୭ କୋଟି ଟଙ୍କା ବିନିଯୋଗ କରାଯାଇଛି। ଏହା ସହିତ ବଡବିଲ ଆଇଟିଆଇ ଷ୍ଟାଫ୍ କ୍ୱାର୍ଟସ୍ ,ନୂଆ ସବ ରେଜିଷ୍ଟ୍ରାର ଅଫିସ୍ , ଟାଉନ ହଲ୍ ନିକଟରେ ଖେଳପଡିଆର ଉନ୍ନତିକରଣ ଓ ପାର୍କ ପ୍ରତିଷ୍ଠା କରାଯାଇଛି ।ଏହି ସବୁ ପ୍ରକଳ୍ପ ଗୁଡ଼ିକ ବଡବିଲ ଓ ସମଗ୍ର କେନ୍ଦୁଝର ଜିଲ୍ଲାର ବିକାଶକୁ ତ୍ୱରାନ୍ୱିତ କରିବା ସହିତ ଲୋକ ମାନଙ୍କ ଜୀବନ ଧାରଣର ମାନରେ ଉନ୍ନତି ଆଣିବ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ ।

ସେ କହିଥିଲେ ଯେ ସମୃଦ୍ଧ ଓଡିଶା ଗଠନ ପାଇଁ ମୂଳ ଆବଶ୍ୟକତାଟି ହେଉଛି ଭିତିଭୂମି। ଉନ୍ନତ ରାସ୍ତା, ଉନ୍ନତ ସେତୁ, ଉନ୍ନତ ବିଜୁଳି ବ୍ୟବସ୍ଥା ଏବଂ ପାନୀୟ ଜଳର ସୁବିଧା । ତେଣୁ, ଆମ ସରକାର ପ୍ରଥମ ଦିନରୁ ହିଁ ଭିତିଭୂମି ଉପରେ ଗୁରୁତ୍ୱ ଦେଇ ଆସିଛି। କେନ୍ଦୁଝର ଜିଲ୍ଲାର ବିକାଶ ପାଇଁ ମୁଁ ବ୍ୟକ୍ତିଗତ ଭାବେ ସରକାରୀ ସ୍ତରରେ ପ୍ରତ୍ୟେକ ବୈଠକରେ, ପ୍ରତ୍ୟେକ ଆଲୋଚନାରେ ଗୁରୁତ୍ୱ ଦେଇଆସିଛି। ଆମ ସରକାର ଆସିବା ପରଠାରୁ ଆମେ ସମୃଦ୍ଧିର କଥା କହୁଛୁ। ସମୃଦ୍ଧ ଓଡିଶା ପାଇଁ ସଂକଳ୍ପ ରଖୁଛୁ। ସମୃଦ୍ଧ ଓଡିଶା ଗଠନ କରିବା ପାଇଁ ଆମର ଜିଲ୍ଲାଗୁଡିକ ମଧ୍ୟ ସମୃଦ୍ଧ ହେବା ଦରକାର। ଏବଂ ଜିଲ୍ଲା ମଧ୍ୟରେ ଥିବା ପ୍ରତ୍ୟେକ ସହର, ପ୍ରତ୍ୟେକ ଗାଁ ମଧ୍ୟ ସମୃଦ୍ଧ ହେବା ଦରକାର। ଅର୍ଥନୈତିକ ଅଭିବୃଦ୍ଧି ଦରକାର। ବ୍ୟକ୍ତିଗତ ଭାବେ ଆପଣମାନଙ୍କ ଅର୍ଥନୀତିରେ ଉନ୍ନତି ହେଲେ, ଯେଉଁଭଳି ଆପଣଙ୍କ ପରିବାର ସମୃଦ୍ଧ ହୁଏ, ଠିକ୍ ସେହିପରି ପ୍ରତ୍ୟେକ ଅଂଚଳର ଅର୍ଥନୈତିକ ସମୃଦ୍ଧି ହେଲେ, ସାରା ରାଜ୍ୟର ସମୃଦ୍ଧି ଆସିବ। କେନ୍ଦୁଝରରେ ଡାଟା ସେଂଟର, ସାନ ଘାଗରାରେ ରିଜିଓନାଲ୍ ପ୍ଲାଣ୍ଟ ରିସୋର୍ସ ସେଣ୍ଟର, ଆପାରେଲ୍ ୟୁନିଟ୍, କେନ୍ଦୁଝର ବାଇପାସ୍, ଅନେକ ପର୍ଯ୍ୟଟନ ସ୍ଥଳର ବିକାଶ ଆଦି କାମ ଆରମ୍ଭ ହୋଇଛି। ଆପଣଙ୍କ ଯୋଡା ବଡବିଲ୍ ଅଞ୍ଚଳର ଭିତିଭୂମିର ବିକାଶ କାମ ମଧ୍ୟ ଆରମ୍ଭ ହୋଇଛି। ଖଣି ଅଞ୍ଚଳକୁ ଯାଉଥିବା ସବୁ ରାସ୍ତାକୁ ୮ ଲେନ୍ ବିଶିଷ୍ଟ କରିବା ପାଇଁ ଆମେ ନିଷ୍ପତି ନେଇଛୁ। ଅଳ୍ପ ଦିନ ତଳେ କ୍ୟାବିନେଟ୍‌ରେ କେନ୍ଦୁଝର ପାଇଁ ମଧ୍ୟ ଏକ ଗ୍ରୀଡ ସବ୍‌ଷ୍ଟେସନ ପାଇଁ ମଞ୍ଜୁରୀ ଦିଆଯାଇଛି। ୧ ହଜାର ୬୪୭ କୋଟି ଟଙ୍କାରେ ଏ ପ୍ରକଳ୍ପ ତିନି ବର୍ଷ ମଧ୍ୟରେ ସମ୍ପୂର୍ଣ୍ଣ ହେବ ବୋଲି ମୁଖ୍ୟମନ୍ତ୍ରୀ ଘୋଷଣା କରିଥିଲେ ଏବଂ କହିଥିଲେ ଯେ ଏହା ଦ୍ୱାରା କେନ୍ଦୁଝର ଜିଲ୍ଲାର ଆବାସିକ ଅଞ୍ଚଳ ଓ ଶିଳ୍ପ ଗୁଡିକ ଗୁଣାତ୍ମକ ଓ ନିରନ୍ତର ବିଦ୍ୟୁତ ସେବା ପାଇପାରିବେ। ଯୋଡା, ବଡବିଲ, କେନ୍ଦୁଝର ଅଞ୍ଚଳର ଅର୍ଥନୈତିକ ଆକ୍ଟିଭିଟି ଆହୁରି ବ୍ୟାପକ ହେବ। ଏ ସମଗ୍ର ଅଞ୍ଚଳ ସମ୍ପୂର୍ଣ୍ଣ ଭାବେ ସମୃଦ୍ଧ ହେବ। ଆମେ ଗଠନ କରିବା ସମୃଦ୍ଧ କେନ୍ଦୁଝର, ସମୃଦ୍ଧ ଓଡିଶା। ଆପଣମାନେ ଜାଣନ୍ତି, ଆମ ସରକାର ଯଶସ୍ୱୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଜୀଙ୍କ ନେତୃତ୍ୱରେ ରାଜ୍ୟ ତଥା ଦେଶର ବିକାଶ ପାଇଁ, ନୂଆ ଆଶା, ନୂଆ ଉତ୍ସାହ ଓ ନୂଆ ଉଦ୍ଦିପନା ନେଇ ସମୃଦ୍ଧ ଓଡିଶା ଗଠନ ପାଇଁ ସଂକଳ୍ପବଦ୍ଧ ହୋଇଛି।

## ବିଜେଡି ସଂସଦୀୟ ଦଳ ନେତା ହେଲେ ମାନସ ମଙ୍ଗରାଜ

ଭୁବନେଶ୍ୱର, ୧୩।୪(ମହାଭାରତ): ମାନସ ମଙ୍ଗରାଜ ହେଲେ ବିଜେଡି ସଂସଦୀୟ ଦଳ ନେତା। ସେହିଭଳି ସୁଲତା ଦେଓଙ୍କୁ ବିଜେଡି ସଂସଦୀୟ ଦଳ ଉପନେତା ସହ ମୁଖ୍ୟ ସଚେତକର ଦାୟିତ୍ୱ ମିଳିଛି। ମାନସ ମଙ୍ଗରାଜ ଏବେ ମୁଖ୍ୟ ସଚେତକ ଦାୟିତ୍ୱରେ ଥିବା ବେଳେ ପୂର୍ବରୁ ସୁଲୋତା ଦେଓ ମୁଖ୍ୟ ସଚେତକ ଦାୟିତ୍ୱ ତୁଲାଇ ଥିଲେ। ଏହି ଦୁଇ ଜଣଙ୍କ ଚୟନକୁ ଅନୁମୋଦନ ଦେଇ ରାଜ୍ୟସଭା ଅଧ୍ୟକ୍ଷଙ୍କୁ ଚିଠି ଲେଖିଛନ୍ତି ବିଜେଡି ସଭାପତି ନବୀନ ପଟ୍ଟନାୟକ।

ବିଜୁ ଜନତା ଦଳର ସଭାପତି ଶ୍ରୀ ନବୀନ ପଟ୍ଟନାୟକଙ୍କ ଦ୍ୱାରା ସାଂସଦ ମାନସ ମଙ୍ଗରାଜଙ୍କୁ ବିଜେଡି ସଂସଦୀୟ ଦଳର ନେତା ଓ ଶ୍ରୀମତୀ ସୁଲତା ଦେଓଙ୍କୁ ସଂସଦୀୟ ଦଳର ଉପନେତା ତଥା ମୁଖ୍ୟ ସଚେତକ ଭାବେ ମନୋନୀତ ହେବା ପରେ ଦୁହେଁ ତାଙ୍କ ଉପରେ ଦଳ ଆସ୍ଥା ପ୍ରକଟ କରି ଏହି ଦାୟିତ୍ୱ ଦେଇଥିବାରୁ, ଦଳର ସଭାପତିଙ୍କ ପ୍ରତି କୃତଜ୍ଞତା ଜଣାଇବା ସହିତ ଏହି ଦାୟିତ୍ୱକୁ ସୁଚାରୁ ରୂପେ ନିର୍ବାହ କରିବା ପାଇଁ ପାରୁ ପର୍ଯ୍ୟନ୍ତ ଚେଷ୍ଟା କରିବେ ବୋଲି କହିଛନ୍ତି । ଆଜି ଶଙ୍ଖ ଭବନରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଦଳର ବରିଷ୍ଠ ଉପସଭାପତି ଶ୍ରୀ ଦେବୀ ପ୍ରସାଦ ମିଶ୍ର ଓ ଉପସଭାପତି ଶ୍ରୀ ପ୍ରଦୀପ ଅମାତ, ଶ୍ରୀ ମାନସ ମଙ୍ଗରାଜ ଓ ଶ୍ରୀମତୀ ସୁଲତା ଦେଓଙ୍କୁ ପ୍ରଦାନ କରାଯାଇଥିବା ନିଯୁକ୍ତିକୁ ସ୍ୱାଗତ କରିବା ସହିତ ତାଙ୍କୁ ଅଭିନନ୍ଦନ ଜଣାଇଥିଲେ ।

## ଥର ମୌସୁମୀରେ କମ୍ ବର୍ଷିବ

ଭୁବନେଶ୍ୱର, ୧୩।୪(ମହାଭାରତ) ଏଥର ମେସୁମୀରେ ସ୍ୱାଭାବିକଠାରୁ କମ୍ ବର୍ଷା ହେବ। ଦକ୍ଷିଣ-ପଶ୍ଚିମ ମେସୁମୀ ଜୁନ୍‌ରୁ ସେପ୍ଟେମ୍ବର ମଧ୍ୟରେ ବର୍ଷାର ଦୀର୍ଘକାଳୀନ ହାରାହାରି(ଏଲ୍‌ପିଏ) ୯୦ରୁ ୯୫% ମଧ୍ୟରେ ରହିବ, ଯାହାକି ସ୍ୱାଭାବିକଠାରୁ କମ୍। ଦକ୍ଷିଣ-ପଶ୍ଚିମ ମୌସୁମୀ ବାୟୁ ଉପରେ ଏଥର ଏଲ୍‌ନିନୋ ପ୍ରଭାବ ରହୁଥିବାରୁ ସ୍ୱାଭାବିକଠାରୁ କମ୍ ବର୍ଷା ନେଇ ଭାରତୀୟ ପାଣିପାଗ ବିଭାଗ ଆକଳନ କରିଛି। ଓଡିଶାରେ ମଧ୍ୟ ଏବର୍ଷ ସ୍ୱାଭାବିକଠାରୁ କମ୍ ବର୍ଷା ହେବ। ଉତ୍ତର, ପଶ୍ଚିମ ଓ କେନ୍ଦ୍ରୀୟ ଓଡିଶାର ଜିଲ୍ଲାରେ ସ୍ୱାଭାବିକଠାରୁ କମ୍ ବର୍ଷା ରହିବ। ଯେତେବେଳେ କି ପୁରୀ, ଗଞ୍ଜାମ, ନୟାଗଡ, ଖୋର୍ଦ୍ଧା, କନ୍ଧମାଳ, କୋରାପୁଟ, ମାଲକାନଗିରି, ନବରଙ୍ଗପୁର, ରାୟଗଡା, ନୂଆପଡା ଜିଲ୍ଲାର କେତେକ ସ୍ଥାନରେ ସ୍ୱାଭାବିକ କିମ୍ବା ସ୍ୱାଭାବିକଠାରୁ ଅଧିକ ବର୍ଷା ହୋଇପାରେ।

ପାଣିପାଗ ବିଶେଷଜ୍ଞ ପ୍ରଫେସର ସୁରେନ୍ଦ୍ରନାଥ ପଶୁପାଳକଙ୍କ ଆକଳନ କରିଛନ୍ତି ଯେ ଏଲ୍-ନିନୋ ଯୋଗୁଁ ଓଡିଶାର ଆଭ୍ୟନ୍ତରୀଣ ଜିଲ୍ଲାଗୁଡିକରେ ମେସୁମୀ ବିଳମ୍ବରେ ଆସିଥାଏ ଏବଂ ବର୍ଷା ପରିମାଣ କମିବାର ଦୃଷ୍ଟାନ୍ତ ରହିଛି। ୨୦୧୫ ଓ ୨୦୨୩ରେ ଏଭଳି ଘଟିଥିଲା। ତେବେ ୨୦୧୯ରେ ଏକ ଶକ୍ତିଶାଳୀ ଇଣ୍ଡିଆନ୍ ଓସେନ୍ ଡାଇପୋଲ୍ ମେସୁମୀକୁ ବଞ୍ଚାଇ ଦେଇଥିଲା ଏବଂ ଋତୁ ଶେଷ ଆଡକୁ ଓଡିଶାରେ ଭଲ ବର୍ଷା ହୋଇଥିଲା। ଏଲ୍-ନିନୋ ପ୍ରଭାବ କେନ୍ଦ୍ରୀୟ ଭାରତ ତୁଳନାରେ ଓଡିଶାରେ କମ୍ ରହୁଥିଲେ ମଧ୍ୟ ବର୍ଷା ସମୟକୁ ଅଗଷ୍ଟ-ସେପ୍ଟେମ୍ବର ଆଡକୁ ଠେଲିଦିଏ। ଏହାଦ୍ୱାରା ସ୍ୱାଭାବିକ ବର୍ଷା ସହ ଅନିୟମିତତା

## ରାଜଧାନୀର ବିକାଶ ପ୍ରକ୍ରିୟାକୁ ତ୍ୱରାନ୍ୱିତ ପାଇଁ ବାଚସ୍ପତିଙ୍କ ଆହ୍ୱାନ

ଭୁବନେଶ୍ୱର, ୧୩।୪(ମହାଭାରତ): ୭୮ତମ ରାଜଧାନୀ ପ୍ରତିଷ୍ଠା ଦିବସ ମହାସମାରୋହରେ ପାଳିତ ହୋଇଛି । ଏହି ଅବସରରେ ଓଡ଼ିଶା ବିଧାନସଭା ବାଚସ୍ପତି ଶ୍ରୀମତୀ ସୁରମା ପାଢ଼ୀ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ । ଏହି ଅବସରରେ ଏକ ମଶାଲ ଶୋଭାଯାତ୍ରା ଲିଙ୍ଗରାଜ ମନ୍ଦିର ଠାରୁ ବାହାରି ବଡ଼େଇ ବାଙ୍କ ଛକ, ମାଉସୀମା, ଶିଶୁଭବନ ଛକ, ରାଜମହଲ, ମାଷ୍ଟର କ୍ୟାଂଟିନ ଦେଇ ପିଏମଜି ଠାରେ ପହଂଚିଥିଲା । ଅଲମ୍ପିୟାନ ଦୂତୀ ଚାନ୍ଦ, ଶୁଭଙ୍କର କୁମାର, ଜିତେନ୍ଦ୍ର ଦାସ, ଅଜୟ ସିଂ ଓ ଶ୍ରୀ ମନୋଜ ମହାପାତ୍ରଙ୍କ ନେତୃତ୍ୱରେ ଏହି ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା ।

ସୂଚନା ଓ ଲୋକସମ୍ପର୍କ ବିଭାଗ, ଭୁବନେଶ୍ୱର ମହାନଗର ନିଗମ ଓ ରାଜଧାନୀ ପ୍ରତିଷ୍ଠା ଦିବସ ପାଳନ କମିଟିର ମିଳିତ ଆନୁକୂଲ୍ୟରେ ଅନୁଷ୍ଠିତ ଏହି ପ୍ରତିଷ୍ଠା ଦିବସ ସମାରୋହ ଅବସରରେ ଯୋଗଦେଇଥିବା ମୁଖ୍ୟ ଅତିଥିଙ୍କ ସମେତ ସମ୍ମାନନୀୟ ଅତିଥିମାନେ ବିଧାନ ସୌଧ ସମ୍ମୁଖରେ ଥିବା ରାଜଧାନୀ ଶିଳାନ୍ୟାସ ଫଳକରେ ମାଲ୍ୟାର୍ପଣ କରିଥିଲେ । ମୁଖ୍ୟ ଅତିଥି ଶ୍ରୀମତୀ ପାଢ଼ୀ ପତାକା ଉତୋଳନ କରି ବେସାମରିକ ସମ୍ମିଳିତ ପ୍ୟାରେଡ୍‌ରେ ଅଭିବାଦନ ଗ୍ରହଣ କରିଥିଲେ । ଏହି ପ୍ୟାରେଡ୍ ରେ ମୋଟ ୫୧ଟି ଦଳ ଭାଗ ନେଇଥିଲେ । ଏଥିରେ ମହାବିଦ୍ୟାଳୟ ସ୍ତରୀୟ ପ୍ୟରେଡ୍ ପ୍ରତିଯୋଗିତାରେ ବିଜେବି ସ୍ୱୟଂ ଶାସିତ ମହାବିଦ୍ୟାଳୟ ପ୍ରଥମ, ସୈନିକ ସ୍କୁଲ ଦ୍ୱିତୀୟ ଓ ରାଜଧାନୀ କଲେଜ ତୃତୀୟ ସ୍ଥାନ ଅଧିକାର କରିଥିଲେ । ସେହିଭଳି ହାଇସ୍କୁଲ ସ୍ତରୀୟ (ଇଂରାଜୀ ମିଡିୟମ୍) ଡିଏଭି ୟୁନିଟ୍-୮ ପ୍ରଥମ, ଡିଏଭି ପୋଖରୀପୁଟ ଓ ଡିଏଭି ଚନ୍ଦ୍ରଶେଖରପୁର ଯୁଗ୍ମ ଭାବେ ଦ୍ୱିତୀୟ



ଏବଂ ଓଡ଼ିଏମ୍ ପବ୍ଲିକ୍ ସ୍କୁଲ ଓ ଭେଙ୍କଟେଶ୍ୱର ଇଂରାଜୀ ମିଡ଼ିୟମ୍ ସ୍କୁଲ, ଚନ୍ଦ୍ରଶେଖରପୁର ଯୁଗ୍ମ ତୃତୀୟ ସ୍ଥାନ ଅଧିକାର କରିଛନ୍ତି । ସେହିଭଳି ହାଇସ୍କୁଲ ସ୍ତରୀୟ (ଓଡ଼ିଆ ମିଡିୟମ୍) ସ୍ତରରେ ସରକାରୀ ଉଚ୍ଚ ବିଦ୍ୟାଳୟ, ଆଇଆରସି ଭିଲେଜ୍ ପ୍ରଥମ, ସରକାରୀ ଉଚ୍ଚ ବିଦ୍ୟାଳୟ, ୟୁନିଟ୍-୬ ଦ୍ୱିତୀୟ ଓ କ୍ୟାପିଟାଲ୍ ହାଇସ୍କୁଲ ଏବଂ ସରକାରୀ ଉଚ୍ଚ ବିଦ୍ୟାଳୟ, ଆଇଆରସି ଭିଲେଜ୍ ର ବାଳିକା ବିଭାଗ ଯୁଗ୍ମ ତୃତୀୟ ସ୍ଥାନ ହାସଲ କରିଛନ୍ତି। କ୍ୟାପିଟାଲ ହାଇସ୍କୁଲର ବାଳିକା ବିଭାଗ, ମହର୍ଷି କଲେଜ ଅଫ ନ୍ୟାଚୁରାଲ ଲ’ ଡେୟାରଡେଭିଲ୍‌ସ୍, ଓଡ଼ିଶା ସ୍କେଟିଂ ଏକାଡେମୀକୁ ସ୍ୱତନ୍ତ୍ର ପୁରସ୍କାର ପ୍ରଦାନ କରାଯାଇଛି । ଅନ୍ୟ ପକ୍ଷରେ ସିଆରପିଏଫ୍ ବ୍ୟାଣ୍ଡ, ୭ମ ବାଟାଲିୟନ୍ ଓଏସ୍‌ଏପି ଓ ସୈନିକ ସ୍କୁଲ ବ୍ୟାଣ୍ଡକୁ ମଧ୍ୟ ପୁରସ୍କୃତ କରାଯିବ ।

୧୯୪୮ମସିହା ଏପ୍ରିଲ ୧୩ ତାରିଖ ଦିନ ଭୁବନେଶ୍ୱରରେ ପ୍ରତିଷ୍ଠା ହୋଇଥିଲା ରାଜଧାନୀ । ତତ୍କାଳୀନ ପ୍ରଧାନମନ୍ତ୍ରୀ ଜବାହରଲାଲ ନେହେରୁ ରାଜଧାନୀ ଫଳକର ଉନ୍ମୋଚନ କରିଥିଲେ । ସେତେବେଳେ ମାତ୍ର ୪୦ ହଜାର ଲୋକଙ୍କ ପାଇଁ ପରିକଳ୍ପନା କରାଯାଇଥିଲା ରାଜଧାନୀ । ମାତ୍ର ଆଜି ତାର କଳେବର ବୃଦ୍ଧି ପାଇଛି । ସଂପ୍ରତି ୧୫ଲକ୍ଷରୁ ଅଧିକ ଲୋକ ଏଠାରେ ବସବାସ କରୁଛନ୍ତି । ଆମ ରାଜଧାନୀ ଭୁବନେଶ୍ୱର ଆଜି ଶିକ୍ଷା, ସ୍ୱାସ୍ଥ୍ୟ, ଗମନାଗମନ ଆଦି ସବୁ କ୍ଷେତ୍ରରେ ଦେଶର ଯେ କୌଣସି ରାଜଧାନୀଠାରୁ ବହୁ ଉଚ୍ଚରେ ରହିଛି । ଆମ ରାଜଧାନୀର କଳା, ସଂସ୍କୃତି ଐତିହ୍ୟର ସୁରକ୍ଷା କରିବା ସହ ସହରକୁ ସ୍ୱଚ୍ଛ, ସବୁଜ ଓ ସୁନ୍ଦର କରି ଗଢିତୋଳିବା ପାଇଁ ମେୟର ଶ୍ରୀମତୀ ସୁଲୋଚନା ଦାସ ଭୁବନେଶ୍ୱରବାସୀଙ୍କୁ ଆହ୍ୱାନ ଦେଇଛନ୍ତି ।

## ଭିତର ରତ୍ନଭଣ୍ଡାର ଗଣତିମଣତି ଆରମ୍ଭ

ପୁରୀ, ୧୩।୪(ମହାଭାରତ): ପୁରୀ: ବାହାର ରତ୍ନ ଭଣ୍ଡାର ଗଣତିମଣତି କାର୍ଯ୍ୟ ସରିବା ପରେ ଭିତର ରତ୍ନ ଭଣ୍ଡାର ଗଣତି ମଣତି ଆରମ୍ଭ ହୋଇଛି। ଆଜି ମଧ୍ୟାହ୍ନ ୧୨ଟା ୨୫ମିନିଟ୍‌ରେ ମୁଖ୍ୟ ପ୍ରଶାସକ ଅରବିନ୍ଦ ପାଢୀ, ଉଚ୍ଚସ୍ତରୀୟ କମିଟି ଅଧ୍ୟକ୍ଷ ଜଷ୍ଟିସ ବିଶ୍ୱନାଥ ରଥଙ୍କ ସମେତ ପ୍ରାଧିକୃତ ସଦସ୍ୟମାନେ ପ୍ରବେଶ କରିଥିଲେ ଓ ୫ଟା ୪୭ରେ ଏହି ପ୍ରଥମ ଦିନର ପ୍ରକ୍ରିୟା ଶେଷ ହୋଇଥିଲା। ଭଣ୍ଡାର ଭିତରେ ଭିତର ଭଣ୍ଡାରର ରତ୍ନ ଗଣତି କରିବାକୁ ନିୟମ ଥିବାରୁ କେବଳ ପ୍ରସ୍ତୁତି ପାଇଁ ୨ ଘଣ୍ଟାରୁ ଅଧିକ ସମୟ ଲାଗିଯାଇଥିଲା। ଗଣତି ପୂର୍ବରୁ ଟ୍ରେଜେରିରୁ ଚାବି ଅଣାଯାଇଥିଲା। ଭିତର ଭଣ୍ଡାର ଗଣତିର ପ୍ରଥମ ଦିନରେ ୨ଟି ସିନ୍ଦୁକ ବ୍ୟବହାର କରାଯାଇଛି। ଆଲମାରିରୁ ଅଣାଯାଇ ଗଣତି ହେବା ପରେ ରତ୍ନ ସବୁକୁ ସିନ୍ଦୁକରେ ରଖାଯାଇଛି।

ଭିତର ଭଣ୍ଡାରର ରତ୍ନ ଭଣ୍ଡାର ମେକାପଙ୍କୁ ମଣତି କରିବା ନିୟମ ନଥିବାରୁ ଏହି ରତ୍ନ ସବୁକୁ କେବଳ ଗଣତି କରାଯାଇଛି। ଗଣତି ଓ ଓଜନ ମାପ କରାଯିବା ପରେ ୧୯୭୮ ମସିହା ତାଲିକା ସହ ମେଳକ କରାଯାଇଛି। ସୁନାକୁ ହଳଦିଆ ମୁଣି ଓ ରୂପାକୁ ଧଳା ମୁଣିରେ ରଖାଯାଇ ଷ୍ଟିଲ୍‌ବାକ୍ସରେ ଭର୍ତ୍ତି କରି ସିନ୍ଦୁକରେ ରଖାଯାଇଛି। ପ୍ରତ୍ୟେକ ବାକ୍ସରେ ପିତଳ ଟ୍ୟାଗ୍ ଲଗାଯାଇଛି। ଫଳରେ ଭବିଷ୍ୟତରେ ଯେବେ ବି ଗଣତି ହୁଏ ତେବେ ଟ୍ରିମ୍ପଟ ଓ ମେଳକ ଅତିସହଜ ହେବ ବୋଲି କହିଛନ୍ତି ମୁଖ୍ୟ ପ୍ରଶାସକ ଡ. ପାଢ଼ୀ।





ପବିତ୍ର ମହାବିଷୁବ ସଂକ୍ରାନ୍ତି ତଥା
ଓଡ଼ିଆ ନବବର୍ଷ ଅବସରରେ
ଓଡ଼ିଶାର ମାନ୍ୟବର ରାଜ୍ୟପାଳଙ୍କ ବାର୍ତ୍ତା

ପବିତ୍ର ମହାବିଷୁବ ସଂକ୍ରାନ୍ତି ତଥା ଓଡ଼ିଆ ନବବର୍ଷର ପ୍ରଥମ ଦିନରେ ମୁଁ ରାଜ୍ୟବାସୀ ଭାଇଭଉଣୀମାନଙ୍କୁ ମୋର ହାର୍ଦ୍ଦିକ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଉଛି । ଓଡ଼ିଶାକୁ ଦେଶର ଅନ୍ୟତମ ଶ୍ରେଷ୍ଠ ଓ ବିକଶିତ ରାଜ୍ୟରେ ପରିଣତ କରିବା ପାଇଁ ସମସ୍ତେ ମନ ପ୍ରାଣ ଦେଇ କାର୍ଯ୍ୟ କରିବାକୁ ମୁଁ ଆହ୍ୱାନ ଜଣାଉଛି ।

(ହରି ବାବୁ କମ୍ଭମପାଟି)

OIPR:15001/15001/2/26-27/0016

15001/16/2627



ଓଡ଼ିଆ ନବବର୍ଷ ଅବସରରେ
ମୁଖ୍ୟମନ୍ତ୍ରୀଙ୍କ ଶୁଭେଚ୍ଛା

ପବିତ୍ର ମହାବିଷୁବ ସଂକ୍ରାନ୍ତି ତଥା ଓଡ଼ିଆ ନବବର୍ଷ ଅବସରରେ ସମସ୍ତ ଓଡ଼ିଶାବାସୀ ଏବଂ ବିଶ୍ୱର କୋଣ ଅନୁକୋଣରେ ରହୁଥିବା ପ୍ରିୟ ଓଡ଼ିଆ ଭାଇ ଓ ଭଉଣୀମାନଙ୍କୁ ମୋର ଆନ୍ତରିକ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଉଛି ।

ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଅପାର କରୁଣାରୁ ନୂତନ ବର୍ଷ ଆପଣ ସମସ୍ତଙ୍କ ଜୀବନରେ ଅପାର ସୁଖ, ଶାନ୍ତି ଓ ସମୃଦ୍ଧି ଭରିଦେଉ, ଏହାହିଁ ମୋର ପ୍ରାର୍ଥନା ।

କଳା, ସାହିତ୍ୟ, ସଂସ୍କୃତି, ଐତିହ୍ୟ ଓ ପରମ୍ପରାରେ ସମୃଦ୍ଧ ଆମ ଓଡ଼ିଆ ଜାତି ଆଜି 'ଓଡ଼ିଆ ଅସ୍ମିତା'ର ପୁନଃ ପ୍ରତିଷ୍ଠା ପାଇଁ ପୂର୍ଣ୍ଣ ସମର୍ପିତ । ଆଜିର ଓଡ଼ିଶା ନୂଆ ଉତ୍ସାହ, ଅସୀମ ଉଦ୍ଦୀପନା ଓ ଗଭୀର ଆତ୍ମବିଶ୍ୱାସର ସହିତ ଏକ 'ସମୃଦ୍ଧ ଓ ବିକଶିତ ଓଡ଼ିଶା' ଗଠନ ଦିଗରେ ଦୃଢ଼ ସଂକଳ୍ପର ସହ ଅଗ୍ରସର ହେଉଛି ।

ଆସନ୍ତୁ, ଏହି ପବିତ୍ର ଅବସରରେ ଆମେ ସମସ୍ତେ ମିଳିମିଶି ଆମର ଏହି ସଂକଳ୍ପକୁ ସିଦ୍ଧିରେ ପରିଣତ କରିବା ଏବଂ ଓଡ଼ିଶାକୁ ବିକାଶର ଶିଖରରେ ପହଞ୍ଚାଇବା ପାଇଁ ନୂଆ ଶପଥ ନେବା ।

**ବନ୍ଦେ ଉତ୍କଳ ଜନନୀ !**

(ମୋହନ ଚରଣ ମାଝୀ)
ମୁଖ୍ୟମନ୍ତ୍ରୀ, ଓଡ଼ିଶା

# ବେସନ ବର୍ଫି

ସାମଗ୍ରୀ: ୧୯୦ ମିଲି ଗ୍ରାମ୍ ଘିଅ, ୨୦୦ ଗ୍ରାମ୍ ବେସନ, ୮୦ ଗ୍ରାମ୍ ସୁଜି, ୧୫୦ ଗ୍ରାମ୍ ଗୁଣ୍ଡ ଚିନି, ଅଧ ଚାମଚ ଗୁଜୁରାତି ଗୁଣ୍ଡ, ବାଦାମ ଓ ପେସ୍ତା।

ପ୍ରଣାଳୀ: ପ୍ରଥମେ ଏକ କଡ଼େଇରେ ଘିଅ ପକାଇ ଧିମା ଆଞ୍ଚରେ ଗରମ କରନ୍ତୁ। ଏଥିରେ ବେସନ ଏବଂ ସୁଜି ପକାଇ କିଛି ସମୟ ଭାଜନ୍ତୁ। ୧୦-୧୫ ମିନିଟ୍ ଭାଜିବା ପରେ ଏହାର ରଙ୍ଗ ବଦଳି ବାସ୍ନା ଆସିଲେ ଏଥିରେ ଚିନି ଓ ଗୁଜୁରାତି ଗୁଣ୍ଡ ପକାଇ ମିଶାନ୍ତୁ। ଏହା ପରେ ବେସନ ମିଶ୍ରଣକୁ ଏକ ପ୍ଲେଟକୁ ବାହାର କରି ସମତଳ ଭାବେ ରଖନ୍ତୁ। ଏହା ଉପରେ ପେସ୍ତା ଓ ବାଦାମ ଦେଇ ସଜାନ୍ତୁ। ଏବେ ଏହାକୁ ଦୁଇ ଘଣ୍ଟା ପର୍ଯ୍ୟନ୍ତ ଫ୍ରିଜ୍‌ରେ ରଖନ୍ତୁ। ଥଣ୍ଡା ହୋଇଗଲା ପରେ ଖଣ୍ଡ ଖଣ୍ଡ କରି କାଟି ଖାଆନ୍ତୁ ଓ



ଖବର

# ଶେଷଯାତ୍ରାରେ ଆଶା ଭୋସଲେ





ବଲିଉଡରେ ସ୍ୱରର ରାଣୀଙ୍କ ଶେଷ ଯାତ୍ରା । ରବିବାର ଦିନ ମୁମ୍ବାଇର ବ୍ରିଚ କ୍ୟାଣ୍ଡି ହସପିଟାଲରେ ୯୨ ବର୍ଷ ବୟସରେ ଶେଷ ନିଶ୍ୱାସ ତ୍ୟାଗ କରିଛନ୍ତି ଆଶା ତାଇ । ଗତ କିଛି ଦିନ ହେବ ସେ ହୃତପିଣ୍ଡରେ ସଂକ୍ରମଣ ଏବଂ ଅତ୍ୟଧିକ କ୍ଳାନ୍ତି ଯୋଗୁଁ ଡାକ୍ତରଖାନାରେ ଚିକିତ୍ସିତ ହେଉଥିଲେ। ତାଙ୍କ ପରଲୋକରେ ସୋସିଆଲ ମିଡିଆରେ ଆଶା ଭୋସଲେଙ୍କ ପ୍ରତି ଶ୍ରଦ୍ଧାଞ୍ଜଳିର ସୁଅ ଛୁଟିବାରେ ଲାଗିଛି । ଆଜି ତାଙ୍କର ଅନ୍ତିମ ସଂସ୍କାର ଶିବାଜୀ ପାର୍କରେ କରାଯାଇଛି ।ଜନସାଧାରଣ ସକାଳ ୧୦:୩୦ ରୁ ଅପରାହ୍ନ ୨:୦୦ ଟା ପର୍ଯ୍ୟନ୍ତ କସା ଗ୍ରାଣ୍ଡେ ବିଲ୍ଡିଂରେରେ ମରଶରୀରକୁ ଦର୍ଶନ କରିଥିଲେ। ତାଙ୍କର ଅନ୍ତିମ ସଂସ୍କାର ଶିବାଜୀ ପାର୍କରେ କରାଯାଇଛି। ଆଶା ଭୋସଲେଙ୍କ ଶେଷ ଦର୍ଶନ ପାଇଁ ସେଲିବ୍ରିଟିମାନେ ତାଙ୍କ ଘରେ ପହଞ୍ଚି ଶେଷ ଦର୍ଶନ କରୁଛନ୍ତି । ଆଶା ଭୋସଲେଙ୍କ ପରିବାର ଦୁଃଖରେ ଭାଙ୍ଗିପଡିଛି । ଗାୟିକାଙ୍କ ନାତୁଣୀ ଜେନାଇ ଭାବପ୍ରବଣ ହୋଇ ପଡ଼ିଛନ୍ତି । ନାତୁଣୀ ଅଭିନେତ୍ରୀ ତବୁକୁ ଧରି କାନ୍ଦିବାର ଦେଖିବାକୁ ମିଳିଥିଲେ । ତେବେ କେବଳ ପରିବାର ଲୋକ ନୁହଁନ୍ତି ବରଂ ମାଷ୍ଟର ବ୍ଲାଷ୍ଟର ସଚିନ ତେନ୍ଦୁଲକର ବି ଏତେ ଭାଙ୍ଗି ପଡିଛନ୍ତି ଯେ, ତାଙ୍କ ଆଖିରେ ଦେଖିବାକୁ ମିଳିଥିଲା ଲୁହ । ସଚିନ ତେନ୍ଦୁଲକର ଆଶା ଭୋସଲେଙ୍କୁ ଶେଷ ଦର୍ଶନ କରିଛନ୍ତି । କେବଳ ତବୁ, ସଚିନ ତେନ୍ଦୁଲକର ନୁହେଁ ରିତେଶ ଦେଶମୁଖ, ରଣବୀର ସିଂ, ଜ୍ୟାକି ଶ୍ରଫ, ହେଲେନ, ଏକନାଥ ସିନ୍ଦେ ତଥା ଅନେକ ବ୍ୟକ୍ତି ବିଶିଷ୍ଟ ପ୍ରମୁଖ ବ୍ୟକ୍ତି ଯୋଗ ଦେଇଛନ୍ତି ।୧୯୩୩ ସେପ୍ଟେମ୍ବର ୮ରେ ମହାରାଷ୍ଟ୍ରର ସାଙ୍ଗଲିରେ ଜନ୍ମଗ୍ରହଣ କରିଥିଲେ ଆଶା ଭୋସଲେ । ସେ ପ୍ରସିଦ୍ଧ ଥିଏଟର କଳାକାରଶାସ୍ତ୍ରୀୟ ସଙ୍ଗୀତ ଗାୟକ ଦୀନାନାଥ ମଙ୍ଗେସକରଙ୍କ ଝିଅ ଏବଂ ସ୍ୱର ସାମ୍ରାଜ୍ଞୀ ଲତା ମଙ୍ଗେସକରଙ୍କ ସାନ ଭଉଣୀ । ଦୀର୍ଘ ୭ ଦଶନ୍ଧିର କ୍ୟାରିୟର ମଧ୍ୟରେ ୧୪ରୁ ଅଧିକ ଭାରତୀୟ ଭାଷାରେ ସେ ୧୨ ହଜାରରୁ ଅଧିକ ଗୀତ ଗାଇଛନ୍ତି । ସଙ୍ଗୀତ କ୍ଷେତ୍ରକୁ ଅବଦାନ ଲାଗି ଏହି କିମ୍ବଦନ୍ତୀ ଗାୟିକାଙ୍କୁ ଅନେକ ପୁରସ୍କାର ଏବଂ ସମ୍ମାନ ମିଳିଛି । ପୁରସ୍କାର ଲାଗି ନୋମିନେଟ୍ ହେବାରେ ସେ ପ୍ରଥମ ଭାରତୀୟ ଗାୟିକା।ୟ ୨୦୦୦ ମସିହାରେ ସିନେମା ଜଗତର ସର୍ବୋଚ୍ଚ ସମ୍ମାନ 'ଦାଦାସାହେବ ଫାଲକେ' ଏବଂ ୨୦୦୮ ରେ ପ୍ରତିଷ୍ଠିତ 'ପଦ୍ମ ବିଭୂଷଣ'ରେ ତାଙ୍କୁ ସମ୍ମାନିତ କରାଯାଇଥିଲା ।

# ବାସ୍ତୁପୂଜା ସ୍ଥାନରେ ଗୃହ ନିର୍ମାଣ




ଭବନ ନିର୍ମାଣ ପୂର୍ବରୁ ଭୂମିର ଯେଉଁ ସ୍ଥାନରେ ବାସ୍ତୁ ପୂଜା ହୋଇଥାଏ, ସେହି ସ୍ଥାନକୁ ଭବନ ନିର୍ମାଣ ସମୟରେ ବାଦ୍ ଦେବା ଦ୍ୱାରା ଗୃହରେ ଗୁରୁତର ବାସ୍ତୁ ଦୋଷ ସୃଷ୍ଟି ହୋଇଥାଏ । କୌଣସି ପରିସ୍ଥିତିରେ ମଧ ଏପରି ଦୋଷ ଦୂର କରିବାକୁ ଚେଷ୍ଟା କରନ୍ତୁ । ନଚେତ୍ ଗୃହସ୍ଥଙ୍କ ଜୀବନରେ ନାନା ସମସ୍ୟା ଦେଖାଦେଇଥାଏ । ଭବନର ବ୍ରହ୍ମସ୍ଥାନ ଦୂଷିତ ହେଲେ ଏହାର କୁପ୍ରଭାବ ପରିବାର ଲୋକଙ୍କ ସ୍ୱାସ୍ଥ୍ୟ ଉପରେ ପଡ଼ିଥାଏ । ଏଣୁ ଗୃହର ଡ୍ରେନେଜ୍ ବ୍ୟବସ୍ଥା ବାସ୍ତୁ ଅନୁଯାୟୀ ହେବା ଉଚିତ୍ । ଏଣୁ ବ୍ରହ୍ମସ୍ଥାନ ବା ଦକ୍ଷିଣ-ପଶ୍ଚିମକୋଣକୁ ଛାଡ଼ି ଗାଧୁଆଘରର ଜଳ ନିଷ୍କାସନ ବ୍ୟବସ୍ଥା କରାଯିବା ଉଚିତ୍ । ଉତ୍ତର ଦିଗରେ ଏହି ବ୍ୟବସ୍ଥା ହେଲେ ଉତ୍ତମ । ଏହାଦ୍ୱାରା ବାସ୍ତୁ ଦୋଷ ଦୂର ହୋଇପାରିବ ।

# ସାକ୍ଷାତ ଓ ଜାଗ୍ରତ ଦେବତା ହନୁମାନ

ମହାଭାରତ ଯୁଦ୍ଧ ସମୟରେ ହନୁମାନଜୀଙ୍କ ଉପାସନା ଦ୍ୱାରା ସୁଖ, ଶାନ୍ତି ଓ ଆରୋଗ୍ୟ ଲାଭ ହୋଇଥାଏ। ଏହା ଦ୍ୱାରା ହନୁମାନଙ୍କ ଭକ୍ତଙ୍କୁ ମଧ୍ୟ ସମସ୍ୟା ଦେଖାଯାଇ ନ ଥାଏ। ଧର୍ମଶାସ୍ତ୍ରର ମାନ୍ୟତା ଅନୁଯାୟୀ ଏହି କଳିଯୁଗରେ ଶ୍ରୀରାମଭକ୍ତ ହନୁମାନ ଏପରି ଜଣେ ସାକ୍ଷାତ ଓ ଜାଗ୍ରତ ଦେବତା ଅଟନ୍ତି ଯିଏ କି ଟିକିଏ ପୂଜାରେ ବହୁତ ଶୀଘ୍ର ପ୍ରସନ୍ନ ହୋଇଥାନ୍ତି ଓ ଭକ୍ତଙ୍କ କଷ୍ଟକୁ ମଧ୍ୟ ନିବାରଣ କରିଥାନ୍ତି। ହନୁମାନଙ୍କର ପ୍ରିୟ ପୂଜା ସାମଗ୍ରୀ ସହିତ ଜଡ଼ିତ ପ୍ରତିକାର କରି ଆପଣ ସବୁପ୍ରକାର କଷ୍ଟରୁ ମୁକ୍ତି ପାଇପାରିବେ।

ମଇଦା ଦୀପ: ଯଦି ଆପଣ ଆର୍ଥିକ ସଂକଟରେ ତଥା ଋଣ, କରଜରେ ଗତି କରୁଛନ୍ତି ତେବେ ଆପଣ ମଇଦାରେ ତିଆରି ଚାରିପାଖିଆ



ମନ୍ଦିରକୁ ନେଇ ଜାଳନ୍ତୁ। ଅତି କମରେ ଏହାକୁ ୧୧ ମଙ୍ଗଳବାର ପାଇଁ କରନ୍ତୁ। ଶନିବାରକୁ ହନୁମାନ ମନ୍ଦିରକୁ ଯାଇ ହନୁମାନଜୀଙ୍କୁ ଏହି ମଇଦା ଦୀପ ଲଗାଇବା ଦ୍ୱାରା ଶନିର କୋପ ଦୃଷ୍ଟିରୁ ଆପଣ ଦୂରେଇ ରହିବେ।

ସିନ୍ଦୁର ଚଢାନ୍ତୁ: ମଙ୍ଗଳବାର ଓ ଶନିବାର ଦିନ ହନୁମାନଜୀଙ୍କୁ ଘିଅ ସହିତ ସିନ୍ଦୁର ଅର୍ପଣ କରିବା ଦ୍ୱାରା ଭଗବାନ ଶ୍ରୀରାମଙ୍କ କୃପା ପ୍ରାପ୍ତ ହବା ସହି ଆପଣଙ୍କର ବିଗିଡ଼ିଥିବା କାର୍ଯ୍ୟ ମଧ୍ୟ ପୂରଣ ହୋଇଥାଏ। ମଙ୍ଗଳବାର ଦିନ ବ୍ରତ ରଖି ସିନ୍ଦୂର ଦ୍ୱାରା ହନୁମାନଙ୍କୁ ପୂଜା କରିବା ଏବଂ ହନୁମାନଙ୍କ ଚାଳିସା ପାଠ କରିବା ଦ୍ୱାରା ମଙ୍ଗଳ ଦୋଷ ଶାନ୍ତ ହୋଇଥାଏ। ସିନ୍ଦୂର ଲଗାଇବା ଦ୍ୱାରା ମନରେ ଏକାଗ୍ରତା ମଧ୍ୟ ବୃଦ୍ଧି ଓ ଦୂରଦୃଷ୍ଟି ବଢିଥାଏ। ଏହାଦ୍ୱାରା ମଧ୍ୟ ଜୀବନରେ ସୌଭାଗ୍ୟ ପ୍ରାପ୍ତି ହୋଇଥାଏ। ଯେଉଁ ବ୍ୟକ୍ତି ହନୁମାନଙ୍କୁ ଶନିବାର ସିନ୍ଦୂର ଅର୍ପଣ କରିଥାନ୍ତି, ତାଙ୍କର ସବୁ ମନସ୍କାମନା ମଧ୍ୟ ପୂରା ହୋଇଥାଏ।

ପତାକା ଉତ୍ତୋଳନ କର: ହନୁମାନ ମନ୍ଦିରରେ ପତାକା ଦା କରିବା ଦ୍ୱାରା ସର୍ବ ମନସ୍କାମନା ପୂର୍ଣ୍ଣ ହୋଇଥାଏ। କୌଣସି କାର୍ଯ୍ୟରେ ସଫଳତା ପ୍ରାପ୍ତି ପାଇଁ ଅଥବା ଶତ୍ରୁମାନଙ୍କ ଠାରୁ ବିଜୟ ଲାଭ ପାଇଁ ହନୁମାନଙ୍କ ଲାଲ କିମ୍ବା ସାଫ୍ରନ ରଙ୍ଗର ପତାକା ଅର୍ପଣ କରାଯାଇଥାଏ। ପତାକା ଉତ୍ତୋଳନ କରୁଥିବା ବ୍ୟକ୍ତିର ମଧ୍ୟ ମାନ ସମ୍ମାନ ବଢିଥାଏ ଓ ତାଙ୍କୁ ପ୍ରତ୍ୟେକ କାର୍ଯ୍ୟରେ ମଧ୍ୟ ପଦୋନ୍ନତି ପାଆନ୍ତି। ରାମ ନାମ ଲେଖା ଯାଇଥିବା ତ୍ରିକୋଣୀୟ ଝଣ୍ଡା ସମସ୍ତ ପ୍ରକାର ସମ୍ପତି ସମ୍ବନ୍ଧୀୟ ସମସ୍ୟାରୁ ଦୂର କରିଥାଏ।

# ନକାରାତ୍ମକ ଶକ୍ତିର ସଂହାରକର୍ତ୍ତା



ମହାଭାରତର ଚରିତ୍ର ଭୀମ, ଦୁର୍ଯ୍ୟୋଧନ, ଜରାସନ୍ଧ, ବଳରାମ ଆଦି ପ୍ରଖ୍ୟାତ ଗଦାଧାରୀ ଥିଲେ । ବିଶ୍ୱର ସବୁଠୁ ବଡ଼ ମହାକାବ୍ୟରେ ଗଦା ଯୁଦ୍ଧ ଜାଣିଥିବା ବିଶେଷଜ୍ଞଙ୍କ ସମ୍ପର୍କରେ ବିସ୍ତୃତ ବର୍ଣ୍ଣନା କରାଯାଇଛି । ବୀର ହନୁମାନ ମଧ ଗଦାଧାରୀ ଥିଲେ। ତେବେ ସେ ନିଜ ଗଦା ସାହାଯ୍ୟରେ ନକାରାତ୍ମକ ଶକ୍ତିର ସଂହାର କରୁଥିଲେ । ଗଦା ଏକ ପ୍ରାଚୀନ ଅସ୍ତ୍ର, ଯାହାକି ତ୍ରେତୟା ଯୁଗ ପୂର୍ବରୁ ମଧ ପ୍ରଚଳିତ ଥିଲା । ଅଗ୍ନି ପୁରାଣରେ ଗଦା ଯୁଦ୍ଧକୁ ଆହତ, ଗୋମୂତ୍ର, ପ୍ରଭୁତ, କମଳାସନ, ଉର୍ଦ୍ଧ୍ୱଗତ୍ର, ନମିତ, ବାମଦକ୍ଷିଣ, ଆବୃତ୍ତ, ପରାବୃଦ୍ଧ, ପଦୋଦ୍ଭୂତ, ଅବପ୍ଲୁତ, ହଂସମାର୍ଗ ବୋଲି କୁହାଯାଇଛି ।

ଗଦାଧାରୀ ହନୁମାନଙ୍କ ଉପାସନା ଦ୍ୱାରା ଜୀବନର ସମସ୍ତ କଷ୍ଟ ଦୂର ହୋଇଥାଏ । ନିଷ୍ଠାର ସହକାରେ ପ୍ରାର୍ଥନା କଲେ ସେ ସନ୍ତୁଷ୍ଟ ହୁଅନ୍ତି । ତାଙ୍କ କୃପାରୁ ମନୁଷ୍ୟ ଜୀବନ ସୁଖମୟ ହୋଇଥାଏ । ଶ୍ରୀରାମ ଭକ୍ତ ହନୁମାନଙ୍କୁ ପ୍ରସନ୍ନ କରିବା ନିମନ୍ତେ ପ୍ରତିଦିନ ହନୁମାନ ଚାଳୀସା ପାଠ କରିବା ଆବଶ୍ୟକ । ବାରମ୍ବାର ସମସ୍ୟା ଏବଂ କାର୍ଯ୍ୟରେ ବାଧା ଉପୁନ୍ନ ହେଉଥିଲେ ପ୍ରତି ମଙ୍ଗଳବାର ହନୁମାନ ମନ୍ଦିର ଯାଇ ଗୁଡ଼ ଏବଂ ଚଣା ପ୍ରସାଦ ଅର୍ପଣ କରିବା ଆବଶ୍ୟକ । ସେହି ପ୍ରସାଦକୁ ମନ୍ଦିରରେ ହିଁ ବାଣ୍ଟିଦେବା ଉଚିତ୍ । ପ୍ରତିଦିନ ସକାଳୁ ନିମ୍ନୋକ୍ତ ମନ୍ତ୍ର ଜପ କରିବା ଉତ୍ତମ ଫଳ ପ୍ରଦାନ କରିଥାଏ ।

ମନ୍ତ୍ର - "ଆଦିଦେବ ନମସ୍ତୁଭ୍ୟଂ ସପ୍ତସପ୍ତେ ଦିବାକର, ତ୍ୱଂ ରେ୍ୱ ତାରୟ ସ୍ୱାର୍‌ମାନର୍ମାତ୍‌ସଂସାର ସାଗରାତ୍"

ଏହି ମନ୍ତ୍ର ଜପ କରିବା ଦ୍ୱାରା ବାଧାରୁ ମୁକ୍ତି ମିଳିଥାଏ । ହନୁମାନଙ୍କ ଜୟନ୍ତୀ ଅବସରରେ ତାଙ୍କୁ ସିନ୍ଦୁର ଏବଂ ଚମେଲି ତେଲ ଅର୍ପଣ କରି ପୂଜା କରାଯିବା ଉତ୍ତମ । ହନୁମାନ ଜୟନ୍ତୀ ଦିନ ହନୁମାନ ଚାଳୀସା, ହନୁମତ ଅଷ୍ଟକ ଏବଂ ବଜରଙ୍ଗ ବାଣ ପାଠ କରିବା ଉଚିତ୍ । ସେହି ଦିନ ହନୁମାନଙ୍କ ଆରାଧାନ କରିବା ଦ୍ୱାରା ସମସ୍ତ ପାପରୁ ମୁକ୍ତି ମିଳିଥାଏ ଏବଂ ସୁଖ-ଶାନ୍ତି ପ୍ରାପ୍ତ ହୋଇଥାଏ ।

ଓଁ କ୍ରାଂ କ୍ରିଂ କ୍ରୌଂ ସଃ ଭୌମାୟ ନମଃ ମନ୍ତ୍ରର ଏକ ମାଳା ଜପ ମଙ୍ଗଳ କରିବା ଶୁଭ ହୋଇଥାଏ ।

ବ୍ୟବସାୟରେ ବୃଦ୍ଧି ନିମନ୍ତେ ହନୁମାନଙ୍କ ସିନ୍ଦୂର ରଙ୍ଗର ବସ୍ତ୍ର ଅର୍ପଣ କରିବା ଆବଶ୍ୟକ । ହନୁମାନ ଜୟନ୍ତୀରେ ମନ୍ଦିର ଛାତ ଉପରେ ଲାଲ ରଙ୍ଗର ପତାକା ଉଡ଼ାଇବା ଦ୍ୱାରା ଆକସ୍ମିକ ଅଘଟଣରୁ ମୁକ୍ତି ମିଳିଥାଏ । ଶକ୍ତିବୃଦ୍ଧି ନିମନ୍ତେ ହନୁମାନ ଚାଳୀଶା, ସୁନ୍ଦରାକାଣ୍ଡ, ରାମାୟଣ ଆଦି ପାଠ କରିବା ଆବଶ୍ୟକ ।

# ବିନୟୀ ହେବାର ସୁଫଳ

ଜଣେ ସାଧୁ ଥିଲେ । ତାଙ୍କର ଶେଷ ସମୟ ଉପନୀତ ହେବାରୁ ସେ ନିଜ ଶିଷ୍ୟମାନଙ୍କୁ ପାଖକୁ ଡାକିଲେ । ଶିଷ୍ୟମାନଙ୍କ ଉଦ୍ଦେଶ୍ୟରେ ସାଧୁ କହିଲେ, ମୁଁ ତୁମମାନଙ୍କୁ ଆଜି ଏକ ଗୁଢ଼ ରହସ୍ୟ କହିବି । ଏଥର



ସାଧୁଜଣକ ନିଜ ପାଟି ଆଁ କଲେ ଏବଂ ଶିଷ୍ୟମାନଙ୍କୁ କହିଲେ, ମୋ ପାଟିରେ କେତୋଟି ଦାନ୍ତ ଅଛି, ତୁମେ ମାନେ ଗଣି କରି କୁହ । କିଛି ସମୟ ଗଣିବା ପରେ ସମସ୍ତ ଶିଷ୍ୟ ଏକ ସ୍ୱରରେ କହିଲେ, ଗୁରୁଦେବ ଆପଣଙ୍କର ତ' ଗୋଟିଏ ବୋଲି ଦାନ୍ତ ନାହିଁ । ଗୁରୁ କହିଲେ, ଏଥର ଦେଖ । ମୋ ଜିଭ ଅଛି ନା ନାହିଁ । ଶିଷ୍ୟମାନେ କହିଲେ, ହଁ ଅଛି । ଗୁରୁ ପୁଣି ଥରେ ପଚାରିଲେ, ଏହା କିପରି ହେଲା ? ଜିଭ ତ' ଜନ୍ମରୁ ଥିଲା, ଦାନ୍ତ ପରେ ଉଠିଲା । ତା'ହେଲେ ଦାନ୍ତ କିପରି ଆଗେ ଝଡ଼ିଗଲା, ମାତ୍ର ଜିଭ ରହିଗଲା ? ଗୁରୁଙ୍କ ପ୍ରଶ୍ନର କୌଣସି ଉତ୍ତର ଶିଷ୍ୟମାନଙ୍କ ପାଖରେ ନଥିଲା । ଶିଷ୍ୟଙ୍କ ଉତ୍କଣ୍ଠା ଶାନ୍ତ କରିବା ଲାଗି ଗୁରୁଦେବ ସେମାନଙ୍କୁ କହିଲେ, ଏହି ଜିଭରେ ମାଧୁର୍ଯ୍ୟ ଥିଲା, ମୃଦୁତା ବି ଥିଲା । ତା'ସହିତ ଏହା କୋମଳ ଥିଲା । ସେଇଥିପାଇଁ ଆଜି ବି ଏହି ଜିଭ ମୋ ପାଖରେ ତିଷ୍ଠି ରହିଛି । ଅନ୍ୟପକ୍ଷରେ ଦାନ୍ତଗୁଡ଼ିକରେ ଆରମ୍ଭରୁ କଠୋରତା ଭରି ରହିଥିଲା । ସେଥିପାଇଁ ପଛରେ ଆସି ମଧ୍ୟ ସେଗୁଡ଼ିକ ଜିଭ ଭଳି ଦୀର୍ଘଜୀବୀ ହୋଇପାରିଲେ ନାହିଁ । ଏଣୁ ତୁମେମାନେ ଯଦି ଦୀର୍ଘଜୀବୀ ହେବାକୁ ଚାହୁଁଛ, ତା'ହେଲେ କଠୋରତା ଛାଡ଼ ଏବଂ ବିନମ୍ରତା ଶିଖ । ଗୁରୁଙ୍କ ବାଣୀ ଶିଷ୍ୟମାନଙ୍କ ହୃଦୟ ଛୁଇଁଗଲା । ଏହି କଥାର ଅର୍ଥ ହେଉଛି, ସମାଜରେ ରହିବାକୁ ହେଲେ ମନୁଷ୍ୟକୁ ବିନମ୍ର ହେବାକୁ ପଡ଼ିବ, ତା'ହେଲେ ଯାଇ ସଂସାରରେ ଶାନ୍ତି ପ୍ରତିଷ୍ଠା ହୋଇପାରିବ

ନଗରନକ୍ସା
ମହାନଗରର ନିଜ ଭାଷା
ମଙ୍ଗଳବାର, ୧୪ ଏପ୍ରିଲ, ୨୦୨୬


# ଚନ୍ଦ୍ରଶେଖର ବିଦ୍ୟାଳୟର ଭିତିଭୂମି ବିକାଶ ପାଇଁ ୧୦ କୋଟି ଅନୁଦାନ




**ଭୁବନେଶ୍ୱର, ୧୩।୪ (ମହାଭାରତ):** ଶିକ୍ଷକମାନେ କେବଳ ପାଠ ପଢ଼ାନ୍ତି ନୁହେଁ, ସେମାନେ ଛାତ୍ରଛାତ୍ରୀଙ୍କ ଚରିତ୍ର ଗଢ଼ନ୍ତି ଓ ସଠିକ୍ ଜୀବନମାର୍ଗ ଦେଖାନ୍ତି, ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ବୋଦାପଳାସାସ୍ଥିତ ଚନ୍ଦ୍ରଶେଖର ସରକାରୀ ଉଚ୍ଚ ବିଦ୍ୟାଳୟର ଶତବାର୍ଷିକୀ ଉତ୍ସବ ଅବସରରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ କହିଛନ୍ତି। ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ସରକାର ଗଠନ ପରେ ଶିକ୍ଷା କ୍ଷେତ୍ରରେ ବ୍ୟାପକ ପରିବର୍ତ୍ତନ ଆଣିବାକୁ ଅନେକ ଯୋଜନା ଓ କାର୍ଯ୍ୟକ୍ରମ ଗ୍ରହଣ କରାଯାଇଛି। ଗତ ଦେଢ଼ ବର୍ଷରେ ପ୍ରାୟ ୨୦ ହଜାର ଶିକ୍ଷକ ନିଯୁକ୍ତି ହୋଇଥିବା ବେଳେ ଆଗାମୀଦିନରେ ଆହୁରି ୪୫ ହଜାର ନୂତନ ଶିକ୍ଷକ ନିଯୁକ୍ତି ପ୍ରକ୍ରିୟା ଜାରି ରହିଛି। ସେହିପରି ୧୩ ହଜାର ସ୍କିମାଟିକ୍ ଶିକ୍ଷକଙ୍କୁ ନିୟମିତ କରାଯାଇଛି। ମୁଖ୍ୟମନ୍ତ୍ରୀ ଆହୁରି କହିଥିଲେ ଯେ, ୨୦୨୬-୨୭ ଆର୍ଥିକ ବର୍ଷରେ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପାଇଁ ୩୧,୯୯୭ କୋଟି ଟଙ୍କାରୁ ଅଧିକ ପ୍ରାବଧାନ ରଖାଯାଇଛି, ଯାହା ମୋଟ ବଜେଟର ୧୦.୩ ପ୍ରତିଶତ। ରାଜ୍ୟର ପ୍ରତ୍ୟେକ ପଂଚାୟତରେ ଗୋଟିଏ କରି ଆଦର୍ଶ ପ୍ରାଥମିକ ବିଦ୍ୟାଳୟ ସ୍ଥାପନ ପାଇଁ ପଦକ୍ଷେପ ନିଆଯାଇଛି ଏବଂ ପ୍ରଥମ ପର୍ଯ୍ୟାୟରେ ୨,୨୦୦ ପଂଚାୟତରେ ଏହାର କାମ ଆରମ୍ଭ ହୋଇଛି। ଏହି ଅବସରରେ ମୁଖ୍ୟମନ୍ତ୍ରୀ ବିଦ୍ୟାଳୟର ଭିତିଭୂମି ବିକାଶ ପାଇଁ ୩ କୋଟି ଟଙ୍କା ଅନୁଦାନ ଘୋଷଣା କରାଯାଇଥିବା ବେଳେ, ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟ ଯୋଜନାରେ ସାମିଲ କରିବା ପାଇଁ ୧୦ କୋଟି ଟଙ୍କା ଓ ୭ ଏକର ଜମି ଯୋଗାଣ ସମ୍ବନ୍ଧରେ ମଧ୍ୟ ଘୋଷଣା କରାଯାଇଛି। ସେହିପରି ପିଏମ୍ ଶ୍ରୀ ଯୋଜନାରେ ରାଜ୍ୟର ୮୦୦ ବିଦ୍ୟାଳୟକୁ ଉତ୍କର୍ଷ କେନ୍ଦ୍ରରେ ପରିଣତ କରାଯାଉଥିବା ସହ ନିପୁଣ ଓଡ଼ିଶା ମିଶନ ମାଧ୍ୟମରେ ଛାତ୍ରଛାତ୍ରୀଙ୍କ ମୌଳିକ ସ୍ୱାକ୍ଷରତା ଓ ସଂଖ୍ୟାଜ୍ଞାନ ବିକାଶ ଉପରେ ଜୋର ଦିଆଯାଉଛି। ଏହି କାର୍ଯ୍ୟକ୍ରମରେ ତେଲକୋଇ ବିଧାୟକ ଶ୍ରୀ ଫକିର ମୋହନ ନାୟକ, ପାଟଣା ବିଧାୟକ ଶ୍ରୀ ଅଖିଳ ଚନ୍ଦ୍ର ନାୟକ, କେନ୍ଦୁଝର ଜିଲ୍ଲା ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଅଧ୍ୟକ୍ଷା ଶ୍ରୀମତୀ ମମିତା ନାୟକ ପ୍ରମୁଖ ଉପସ୍ଥିତ ଥିଲେ । ପ୍ରଧାନଶିକ୍ଷକ ଶ୍ରୀ ନିଳାମ୍ବର ମହାନ୍ତ ସ୍ୱାଗତ ଭାଷଣ ଦେଇଥିବା ବେଳେ ସମାଜସେବୀ ଶ୍ରୀ ଜଗନ୍ନାଥ ସିଂହ ଧନ୍ୟବାଦ ଜଣାଇଥିଲେ।

# ବିଭିନ୍ନ ମନ୍ଦିର ପରିଚାଳନା, ଦେବୋତର ଆଇନର ସମୀକ୍ଷା



**ଭୁବନେଶ୍ୱର, ୧୩।୪ (ମହାଭାରତ):** ରାଜ୍ୟ ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଶନିବାର ଦିନ ନିଜ ଭୁବନେଶ୍ୱରସ୍ଥିତ ସରକାରୀ ବାସଭବନଠାରେ ଆଇନ ବିଭାଗର ବରିଷ୍ଠ ଅଧିକାରୀମାନଙ୍କ ସହ ବିଭିନ୍ନ ମନ୍ଦିର ପରିଚାଳନା ଏବଂ 'ଦେବୋତର ଆଇନ'ର ସମୀକ୍ଷା କରିଛନ୍ତି। ଏହି ସମୀକ୍ଷା ବୈଠକରେ 'ଶ୍ରୀ ଜଗନ୍ନାଥ ମନ୍ଦିର ଆଇନ', 'ଓଏଚଆରଇ ଆକ୍ଟ' ଏବଂ 'ୟୁନିଫର୍ମ ଲ୍ୟାଣ୍ଡ ପଲିସି' ସମ୍ପର୍କରେ ଗୁରୁତ୍ୱପୂର୍ଣ୍ଣ ଆଲୋଚନା ହୋଇଥିଲା। ଏହି ଆଇନଗୁଡ଼ିକର ବିଭିନ୍ନ ଧାରା ଓ ଅନୁଚ୍ଛେଦକୁ ତର୍ଜମା କରାଯିବା ସହ ପ୍ରଚଳିତ ନିୟମଗୁଡ଼ିକରେ ଆବଶ୍ୟକୀୟ ସଂସ୍କାର ଆଣି ଆଗାମୀ ଦିନରେ ଏହାକୁ କିଭଳି ଅଧିକ ଲୋକାଭିମୁଖୀ କରାଯାଇପାରିବ ଆମର ଲକ୍ଷ୍ୟ। ଏହି ଆଲୋଚନାରେ ଜଷ୍ଟିସ ଅକ୍ଷୟ କୁମାର ରଥ, ଆଇନ କମିଶନ ସଦସ୍ୟ ସୂର୍ଯ୍ୟ ପ୍ରକାଶ ମିଶ୍ର, ଆଇନ ସଚିବ ଡକ୍ଟର ପବିତ୍ର ମୋହନ ସାମଲ, ଦେବୋତର କମିଶନର ଲଲାଟେନ୍ଦୁ ଜେନା, ଏଲ.ଆର ତଥା ସ୍ୱତନ୍ତ୍ର ସଚିବ ପ୍ରଣବ କୁମାର ପାତ୍ର, ଆଇନ ବିଭାଗର ଅତିରିକ୍ତ ସଚିବ ଶିବପ୍ରସାଦ ମହାପାତ୍ର ଏବଂ ଅରୁଣ କୁମାର ସାହୁ, ଯୁଗ୍ମ ସଚିବ ଅଂଶୁମାନ ମହାନ୍ତିଙ୍କ ସମେତ ବିଭାଗୀୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ।

# ଖୋର୍ଦ୍ଧା ଜିଲ୍ଲାସ୍ତରୀୟ ମୁଖ୍ୟମନ୍ତ୍ରୀ ଟ୍ରଫି ପ୍ରତିଯୋଗିତା ଆରମ୍ଭ

**ଭୁବନେଶ୍ୱର, ୧୩।୪ (ମହାଭାରତ):** ବିଦ୍ୟାଳୟ ସ୍ତରରେ ପିଲାମାନଙ୍କର କ୍ରୀଡ଼ା ପ୍ରତି ଆଗ୍ରହ ସୃଷ୍ଟି ସହ ପ୍ରତିଭା ଅନ୍ୱେଷଣ ଉଦ୍ଦେଶ୍ୟରେ ଖୋର୍ଦ୍ଧା ଜିଲ୍ଲାସ୍ତରୀୟ ମୁଖ୍ୟମନ୍ତ୍ରୀ ଟ୍ରଫି ୨.୦ର ଶୁଭାରମ୍ଭ ହୋଇଛି । ଭୁବନେଶ୍ୱର ଆଥଲେଟିକ୍ ଆସୋସିଏସନ୍ ପକ୍ଷରୁ ୟୁନିଟ୍-୧ ସ୍ଥିତ ଫୁଟବଲ୍ ଏକାଡେମୀ ପରିସରରେ ଏହି ପ୍ରତିଯୋଗିତାର ଶୁଭାରମ୍ଭ ହୋଇଛି । ଖୋର୍ଦ୍ଧା ଜିଲ୍ଲା ସ୍ତରରେ ଭୁବନେଶ୍ୱର ଅଧିନରେ ଫୁଟବଲ୍ ପ୍ରତିଯୋଗିତା ଆରମ୍ଭ ହୋଇଥିବାବେଳେ ଖୋର୍ଦ୍ଧା ଅଂଚଳରେ କବାଡ଼ି, ଖୋ-ଖୋ, ଭଲିବଲ୍ ଓ ଫୁଟବଲ୍ ମ୍ୟାଚ୍ ର ପ୍ରତିଯୋଗିତାଗୁଡ଼ିକ ଅନୁଷ୍ଠିତ ହେବ । ଭୁବନେଶ୍ୱରରେ ଆରମ୍ଭ ହୋଇଥିବା ଫୁଟବଲ୍ ପ୍ରତିଯୋଗିତାରେ ଚାରିଟି ଗ୍ରୁପ୍ ରେ ଉଭୟ ବାଳକ ଓ ବାଳିକା ସ୍ତରରେ ୧୮ଟି ଦଳ ଭାଗ ନେଇଛନ୍ତି । ଏହି ପ୍ରତିଯୋଗିତାର ଖେଳଗୁଡ଼ିକ ଅପରାହ୍ନ ୪ଟା ପରେ ଆରମ୍ଭ ହେଉଛି । ଏହି ଟୁର୍ଣ୍ଣାମେଂଟ ଆସନ୍ତା ୨୪ ତାରିଖରେ ଶେଷ ହେବ । ବିଦ୍ୟାଳୟ ସ୍ତରରେ ପିଲାମାନଙ୍କ ମଧ୍ୟରେ ଥିବା ଅନ୍ତର୍ନିହିତ ପ୍ରତିଭାର ଅନ୍ୱେଷଣପୂର୍ବକ ସେମାନଙ୍କୁ ପ୍ରୋତ୍ସାହିତ କରିବା ପାଇଁ ସମସ୍ତ ପ୍ରକାରର ଆୟୋଜନ କରାଯାଇଛି । ଏଥିରେ ଜିଲ୍ଲାସ୍ତରୀୟ ଅଧିକାରୀ ଓ ମ୍ୟାଚ୍ ଅଫିସିଆଲ୍ ମାନେ ଉପସ୍ଥିତ ରହି ପ୍ରତ୍ୟେକ ପ୍ରତିଯୋଗିତାକୁ ତଦାରଖ କରୁଛନ୍ତି। ଏହି ଫୁଟବଲ୍ ପ୍ରତିଯୋଗିତାରେ ଓଡ଼ିଶା ଅଲମ୍ପିକ୍ ଆସୋସିଏସନ୍‌ର ସଭାପତି ସମୀର ମହାନ୍ତି, ଖୋର୍ଦ୍ଧା ଜିଲ୍ଲାର ଅତିରିକ୍ତ ଜିଲ୍ଲାପାଳ ପ୍ରତାପ ଚନ୍ଦ୍ର ବେଉରା, ଜିଲ୍ଲା କ୍ରୀଡ଼ା ଅଧିକାରୀ ଗୀତାଞ୍ଜଳି ପଣ୍ଡା, ସାମାଜିକ କର୍ମୀ ଜଗନ୍ନାଥ ପ୍ରଧାନ, ଭୁବନେଶ୍ୱର ଆଥ୍‌ଲେଟିକ୍ ଆସୋସିଏସନ୍ ର ସାଧାରଣ ସମ୍ପାଦକ ସୌର୍ଯ୍ୟ ରଞ୍ଜନ ପରିଜା ପ୍ରମୁଖ ଉପସ୍ଥିତ ରହି ଛାତ୍ରଛାତ୍ରୀମାନଙ୍କୁ ପ୍ରୋତ୍ସାହିତ କରିଥିଲେ । ଶୃଙ୍ଖଳାର ସହ କ୍ରୀଡ଼ାର ନିୟମକୁ ପାଳନ କରିବା ଏବଂ ଖେଳୁଆଡ଼ ମନୋଭାବ ନେଇ ନିଜର ଖେଳ ପ୍ରଦର୍ଶନ କରିବା ଉପରେ ଅତିଥିମାନେ ପରାମର୍ଶ ଦେଇଥିଲେ ।

# ମୁଖ୍ୟ ସଚିବଙ୍କ ଅଧ୍ୟକ୍ଷତାରେ ରାଜ୍ୟ ସଙ୍କଟ ପରିଚାଳନା ଗ୍ରୁପ୍ ବୈଠକ



**ଭୁବନେଶ୍ୱର, ୧୩।୪ (ମହାଭାରତ):** ସଂପ୍ରତି ବୈଶ୍ୱିକ-ଭୂ-ରାଜନୈତିକ ପରିସ୍ଥିତିକୁ ଦୃଷ୍ଟିରେ ରଖି ରାଜ୍ୟରେ ପେଟ୍ରୋଲିୟମ ଉତ୍ପାଦ ସାମଗ୍ରୀର ନିରବଚ୍ଛିନ୍ନ ଯୋଗାଣ ସୁନିଶ୍ଚିତ କରିବା ପାଇଁ ମୁଖ୍ୟ ଶାସନ ସଚିବ ଶ୍ରୀମତୀ ଅନୁ ଗର୍ଗ ଙ୍କ ଅଧ୍ୟକ୍ଷତାରେ ଏକ ଉଚ୍ଚସ୍ତରୀୟ ସମୀକ୍ଷା ବୈଠକ ତଥା ରାଜ୍ୟ ସଙ୍କଟ ପରିଚାଳନା ଗ୍ରୁପର ବୈଠକ ଗତକାଲି ଶୁକ୍ରବାର ସଂଧ୍ୟାରେ ଲୋକସେବା ଭବନସ୍ଥିତ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଖାଦ୍ୟ, ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ ପ୍ରମୁଖ ଶାସନ ସଚିବ ଶ୍ରୀ ସଂଜୟ କୁମାର ସିଂ ରାଜ୍ୟରେ ପେଟ୍ରୋଲ, ଡିଜେଲ ଏବଂ ରନ୍ଧନ ଗ୍ୟାସର ନିରବଚ୍ଛିନ୍ନ ଯୋଗାଣ କରାଯାଉଥିବା ସମ୍ପର୍କରେ ସୂଚନା ଦେଇଥିଲେ । ଏଥି ସହିତ ଆଗାମୀ ଖରିଫ୍ ଋତୁକୁ ଦୃଷ୍ଟିରେ ରଖି ୟୁରିଆ ସାର ମହଜୁଦ ଏବଂ ସୁପରିଚାଳନା ସଂପର୍କରେ କୃଷି ବିଭାଗ କମିଶନର ତଥା ଶାସନ ସଚିବ ଶ୍ରୀ ସଚିନ୍ ରାମଚନ୍ଦ୍ର ଯାଦବ ତଥ୍ୟ ରଖିଥିଲେ । ବୈଠକରେ ଖାଦ୍ୟ ଯୋଗାଣ ବିଭାଗ ପ୍ରମୁଖ ଶାସନ ସଚିବ ଏଲପିଜି ବଣ୍ଟନ ବ୍ୟବସ୍ଥା, ଯୋଗାଣ ପରିଚାଳନ ଓ ସମସ୍ତଙ୍କୁ ଆବଶ୍ୟକ ମୁତାବକ ସନ୍ତୁଳିତ ଆବଣ୍ଟନ ସମ୍ପର୍କରେ ବିସ୍ତୃତ ତଥ୍ୟ ଉପସ୍ଥାପନ କରିଥିଲେ । ହୋଟେଲ, ରେଷ୍ଟୁରାଣ୍ଟ ଓ ଢାବା ଭଳି ବାଣିଜ୍ୟିକ ପ୍ରତିଷ୍ଠାନଗୁଡ଼ିକୁ ଏଲପିଜି ଆବଣ୍ଟନ ବୃଦ୍ଧି ପାଇଛି । ସୁବିଧାରେ ରନ୍ଧନ ଗ୍ୟାସ ଯୋଗାଣ ଉପଲବ୍ଧ ହେବା ପାଇଁ ତୈଳ ମାର୍କେଟିଂ କମ୍ପାନୀ ଏବଂ ରେଷ୍ଟୁରାଣ୍ଟ ଆସୋସିଏସନ ମାନଙ୍କ ସହିତ ନିୟମିତ ସମନ୍ୱୟ ରଖାଯାଉଛି । ଇସ୍ପାତ ଏବଂ ଅଟୋମୋବାଇଲ ଭଳି କ୍ଷେତ୍ର ପାଇଁ ମଧ୍ୟ ଅତିରିକ୍ତ କମର୍ସିଆଲ ଏଲପିଜି ଯୋଗାଇ ଦିଆଯାଉଛି । ରାଜ୍ୟରେ ପେଟ୍ରୋଲ, ଡିଜେଲ ଏବଂ ଏଲପିଜିର ମୋଟ ମହଜୁଦ ପରିମାଣ, ହାରାହାରି ଦୈନିକ ବ୍ୟବହାର ଓ ଆଗାମୀ ଉପଲବ୍ଧତା ସଂପର୍କରେ ଉପସ୍ଥାପନା କରାଯାଇଥିଲା । ଏମଏସ୍, ଏଚ୍ଏସଡି, ଏଲପିଜି, ପିଏନଜି, ସିଏନଜି ଯୋଗାଣ ବ୍ୟବସ୍ଥାକୁ ସମନ୍ୱିତ ଭାବରେ ସୁଦୃଢ଼ କରାଯାଉଥିବା ସଂପର୍କରେ ଆଲୋଚନା କରାଯାଇଥିଲା। ଅନ୍ୟପକ୍ଷରେ ବେଆଇନ୍ ଗ୍ୟାସ ସିଲିଣ୍ଡର,ଚୋରା ଚାଲାଣ କରୁଥିବା ଓ ଅନ୍ୟତ୍ର ବ୍ୟବହାର ପାଇଁ ନିଆଯାଉଥିବା କ୍ଷେତ୍ରରେ ସାରା ରାଜ୍ୟରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯାଇ ଯାଂଚ ଓ ଚଢଉକୁ ଜୋରଦାର କରାଯାଇଛି । ମୁଖ୍ୟ ଶାସନ ସଚିବ ଶ୍ରୀମତୀ ଗର୍ଗ ରନ୍ଧନ ଗ୍ୟାସ ଯୋଗାଣରେ ଜରୁରୀ ଆବଶ୍ୟକତା କ୍ଷେତ୍ରକୁ ଗୁରୁତ୍ୱ ଦେବା ସହ ପିଏନଜି ସଂଯୋଗୀକରଣ ନେଟୱାର୍କ ବୃଦ୍ଧିକୁ ପ୍ରାଥମିକତା ଦେଇଛନ୍ତି । ପେଟ୍ରୋଲ, ଡିଜେଲ ଇନ୍ଧନ ଏବଂ ରନ୍ଧନ ଗ୍ୟାସ ଉପଲବ୍ଧତା ନେଇ ସବୁବେଳେ ପରିସ୍ଥିତିକୁ ଦୃଷ୍ଟିରେ ରଖି ଯେଉଁଠି, ଯେତେବେଳେ ସମସ୍ୟା ନଜରକୁ ଆସୁଛି, ସେଠି ଯୋଗାଣ ବିଭାଗ ତଥା ନୋଡାଲ ଅଧିକାରୀଙ୍କୁ ନେଇ ଗଠିତ ଟିମ୍ ତରଫରୁ ପଦକ୍ଷେପ ନେବାକୁ ପରାମର୍ଶ ଦେଇଛନ୍ତି ।

# ପୂର୍ତ୍ତ ବିଭାଗର ୩, ଜଳସମ୍ପଦ ବିଭାଗର ୫ ଓ କ୍ରୀଡ଼ା ବିଭାଗର ୨ ପ୍ରକଳ୍ପ ପୁରସ୍କୃତ



**ଭୁବନେଶ୍ୱର, ୧୩।୪ (ମହାଭାରତ):** ନୂଆଦିଲ୍ଲୀସ୍ଥିତ ବି.ଆର. ଆମ୍ବେଦକର ଅନ୍ତର୍ଜାତୀୟ କେନ୍ଦ୍ରଠାରେ ସି.ଆଇ.ଡି.ସି. ଦ୍ୱାରା ଆୟୋଜିତ ୧୭ତମ ବିଶ୍ୱକର୍ମା ପୁରସ୍କାର ବିତରଣ ଉତ୍ସବରେ ଓଡ଼ିଶା ସରକାରଙ୍କ ଦ୍ୱାରା ଆବେଦନ କରାଯାଇଥିବା ୧୦ଟି ପ୍ରକଳ୍ପକୁ ମିଶାଇ ସର୍ବମୋଟ ୧୭ଟି ପ୍ରକଳ୍ପକୁ ବିଭିନ୍ନ ବିଭାଗରେ ପୁରସ୍କୃତ କରାଯାଇଛି । ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ କେନ୍ଦ୍ର ମନ୍ତ୍ରୀ ଶ୍ରୀ ନିତୀନ ଗଡ଼କରୀ ନିର୍ମାଣ କ୍ଷେତ୍ରରେ ନୂତନତ୍ୱ ଉପରେ ଗୁରୁତ୍ୱ ଦେଇଥିଲେ । ରାସ୍ତା ଓ କୋଠାବାଡ଼ି ନିର୍ମାଣ କ୍ଷେତ୍ରରେ ନୂତନ ପାରଦର୍ଶିତା ସହିତ ଡି.ପି.ଆର ବନାଇବା ପାଇଁ ସୁଯୋଗ ସୃଷ୍ଟି କରାଯିବା ଉପରେ ଜୋର ଦେଇଥିଲେ। ରାଜ୍ୟ ପୂର୍ତ୍ତ ବିଭାଗର ତିନିଗୋଟି ପ୍ରକଳ୍ପ ଯଥା- ଲୋକାୟୁକ୍ତ ଭବନ, ଯାଜପୁରସ୍ଥିତ ମାତୃ ଶିଶୁ ହସ୍ପିଟାଲ୍, ବଲାଙ୍ଗିରସ୍ଥିତ ସଦ୍ୟ ସମାପ୍ତ ହୋଇଥିବା କ୍ୟାନସର ହସ୍ପିଟାଲକୁ ପୁରସ୍କୃତ କରାଯାଇଥିଲା । ମୁଖ୍ୟ ନିର୍ମାଣ ଯନ୍ତ୍ରୀ ଶ୍ରୀ ମନୋଜ ମହାନନ୍ଦ ପୁରସ୍କାର ଗ୍ରହଣ କରିଥିଲେ । ସେହିପରି ରାଜ୍ୟ ଜଳସମ୍ପଦ ବିଭାଗର ୫ ଗୋଟି ପ୍ରକଳ୍ପ ଯଥା ଗଙ୍ଗାଧର ମେହେର ପ୍ରକଳ୍ପ, ପୁରୁଣାଗଡ଼ ମେଗା ଲିଫ୍ଟ, ଭଞ୍ଜନଗର ଡ୍ୟାମ୍, ମହାବରିଡା ଆନିକଟ, ଲୋୟର ସୁକତେଲକୁ ପୁରସ୍କୃତ କରାଯାଇଥିଲା । ସର୍ବୋଚ୍ଚ ଯନ୍ତ୍ରୀ ଶ୍ରୀ ଲିଙ୍ଗରାଜ ଗୌଡ଼ ପୁରସ୍କାର ଗ୍ରହଣ କରିଥିଲେ । ରାଜ୍ୟ କ୍ରୀଡ଼ା ବିଭାଗର ଅଧିକାରୀ ଶ୍ରୀ ଧିରେନ୍ଦ କୁମାର ପଟ୍ଟନାୟକ କଳିଙ୍ଗ ଷ୍ଟାଡିୟମ୍ ସ୍ଥିତ ଦୁଇଟି ଭବନ ଯଥା ସଟଲ୍ ଏବଂ ଆକ୍ୱାଟିକ୍ ଭବନ ପାଇଁ ପୁରସ୍କାର ଗ୍ରହଣ କରିଥିଲେ । ରାଜ୍ୟ ପୁଲିସ୍ ଗୃହ ନିର୍ମାଣ ନିଗମର ମୁଖ୍ୟଯନ୍ତ୍ରୀ ଇଂ ନର୍ମଦ । ବେହେରା, ମୁଖ୍ୟ ନିର୍ମାଣ ଯନ୍ତ୍ରୀ ଶ୍ରୀ ଶ୍ରୀକାନ୍ତ ସାମଲ ଗୋପବନ୍ଧୁ ପ୍ରଶାସନିକ ଏକାଡେମୀସ୍ଥିତ ଅତ୍ୟାଧୁନିକ ହଷ୍ଟେଲ ଭବନ ପାଇଁ ପୁରସ୍କାର ଗ୍ରହଣ କରିଥିଲେ । ଏତଦ୍‌ବ୍ୟତୀତ ସମ୍ବଲପୁରସ୍ଥିତ ଆଇ.ଆଇ.ଏମ୍ କ୍ୟାମ୍ପସ ପାଇଁ ଏନ୍‌ବିସିସିର ଉଚ୍ଚାଧିକାରୀ ଚିନ୍ମୟ ଘୋଷ, ଏମସ୍ ଭୁବନେଶ୍ୱର ପାଇଁ ନିର୍ଦ୍ଦେଶକ ଡା. ବିଶ୍ୱାସଙ୍କୁ ପୁରସ୍କୃତ କରାଯାଇଥିଲା । ରିଜର୍ଭ ବ୍ୟାଙ୍କର ଭୁବନେଶ୍ୱରସ୍ଥିତ ନୂତନ ଡାଟା ସେଂଟର, କୋରାପୁଟସ୍ଥିତ ଜାତୀୟ ରାଜପଥ ପ୍ରକଳ୍ପ ପାଇଁ ପୁରସ୍କାର ଦିଆଯାଇଥିଲା। ଏହି ଅବସରରେ ପୂର୍ତ୍ତ ବିଭାଗର ପୂର୍ବତନ ସର୍ବୋଚ୍ଚ ଯନ୍ତ୍ରୀ ଶ୍ରୀ ମନୋରଞ୍ଜନ ମିଶ୍ରଙ୍କ ଦ୍ୱାରା ଲିନ୍ ନିର୍ମାଣ କୌଶଳ ଉପରେ ଲିଖିତ ପୁସ୍ତକକୁ ଜୁରୀ ମଣ୍ଡଳୀ ଉନ୍ମୋଚନ କରିଥିଲେ । ନିର୍ମାଣ କ୍ଷେତ୍ର ପାଇଁ ଅବଦାନ ସକାଶେ ଖ୍ୟାତିସମ୍ପନ୍ନ ଇଂଜିନିୟର ଅଶୋକ ବାସା ଏବଂ ସ୍ଥପତି ତାରାପ୍ରସାଦ ଧଳଙ୍କୁ ପୁରସ୍କୃତ କରାଯାଇଥିଲା ।

# କଂଗ୍ରେସକୁ ବାହୁଡ଼ିଲେ ସାଧୁ ନେପାକ



**ଭୁବନେଶ୍ୱର, ୧୩।୪ (ମହାଭାରତ):** ପୂର୍ବତନ ବରଗଡ଼ କଂଗ୍ରେସ ବିଧାୟକ ସାଧୁ ନେପାକ ଶନିବାର ତାଙ୍କ ଶତାଧିକ ସମର୍ଥକଙ୍କ ସହିତ କଂଗ୍ରେସ ଭବନଠାରେ ପିସିସି ସଭାପତି ଭକ୍ତ ଚରଣ ଦାସ, ଓଡିଶା ସହ-ପ୍ରଭାରୀ ଜେଙ୍ଗୀ କୁସୁମ କୁମାର ତଥା ଅନ୍ୟ ତୁଙ୍ଗ କଂଗ୍ରେସ ନେତାଙ୍କ ଉପସ୍ଥିତିରେ ବିଜେଡି ପରିତ୍ୟାଗକରି କଂଗ୍ରେସ ଦଳରେ ପୁନର୍ବାର ଯୋଗଦାନ ଦେଇଛନ୍ତି ।

ମିଶ୍ରଣ ସଭାରେ ନିଜ ବ୍ୟକ୍ତବ୍ୟ ରଖି ପିସିସି ସଭାପତି ଭକ୍ତ ଚରଣ ଦାସ କହିଲେ, ପୂର୍ବତନ ମୁଖ୍ୟମନ୍ତ୍ରୀ ସ୍ୱର୍ଗତ ହେମାନନ୍ଦ ବିଶ୍ୱାଳଙ୍କ ସମୟରେ ସାଧୁ ବାବୁ ଏବଂ ମୁଁ ମିଶିକି ଅନେକ ଗୁଡିଏ ସାଙ୍ଗଠନିକ କାର୍ଯ୍ୟ କରିଛୁ । ସାଧୁ ବାବୁ ଅବହେଳିତ ଜନତା ଏବଂ ବିଶେଷକରି କୃଷକ ମାନଙ୍କ ଅଧିକାର ଆନ୍ଦୋଳନର ଜଣେ ଆଗଧାଡ଼ିର ପୁରୋଧା । ବରଗଡ଼ରେ କଂଗ୍ରେସ ପାଇଁ ତାଙ୍କ ଗୁରୁତ୍ୱପୂର୍ଣ୍ଣ ଅବଦାନ ଅଛି । ସାଧୁ ବାବୁଙ୍କ କଂଗ୍ରେସକୁ ଘରବାହୁଡା ସୂଚାଉଛି ଭବିଷ୍ୟତରେ କଂଗ୍ରେସ ଆସୁଛି କ୍ଷ ସେ ଯୋଗଦେବା ଫଳରେ ପଶ୍ଚିମାଞ୍ଚଳରେ କଂଗ୍ରେସ ଶକ୍ତିଶାଳୀ ହେବା ସହ କଂଗ୍ରେସ ଦଳପ୍ରତି ସମର୍ଥନ ନିଶ୍ଚୟ ବୃଦ୍ଧି ପାଇବ ବୋଲି ଆଶା କରୁଛି ବୋଲି ଶ୍ରୀ ଦାସ ପ୍ରକାଶ କରିଥିଲେ ।

ପୂର୍ବତନ ବରଗଡ଼ ବିଧାୟକ ସାଧୁ ନେପାକ କହିଲେ, ପିସିସି ସଭାପତି ତଥା ପୂର୍ବତନ କେନ୍ଦ୍ରମନ୍ତ୍ରୀଙ୍କ ସହିତ ମୋର ସମ୍ପର୍କ ପୁରୁଣା, ତାଙ୍କ କାର୍ଯ୍ୟଶୈଳୀ ଏବଂ ଚିନ୍ତାଧାରାର ମୁଁ ଜଣେ ପ୍ରଶଂସକ । ତାଙ୍କ ସଂଗ୍ରାମୀ ନେତୃତ୍ୱ ଯୋଗୁଁ ମୁଁ ଦଳକୁ ଫେରି ସଂଗଠନ କରିବାକୁ ମନସ୍ଥ କରିଥିଲି । ଯଦିଓ ମୋର ଦେହ ଅନ୍ୟସ୍ଥାନରେ ଘୁରି ବୁଲୁଥିଲା କିନ୍ତୁ ମୋ ଆତ୍ମା କଂଗ୍ରେସ ଭବନରେ ହିଁ ଥିଲା ।

# ସିଏସଆଇଆର -ଆଇଏମଏମଟିରେ ସଂସ୍ଥାପନ ଦିବସ




**ଭୁବନେଶ୍ୱର, ୧୩।୪ (ମହାଭାରତ):** କାଉନ୍ସିଲ୍ ଅଫ ସାଇଣ୍ଟିଫିକ ଆଣ୍ଡ ଇଣ୍ଡଷ୍ଟ୍ରିଆଲ ରିସର୍ଚ୍ଚ – ଇନଷ୍ଟିଚ୍ୟୁଟ ଅଫ ମିନେରାଲ୍ସ ଆଣ୍ଡ ମଟେରିଆଲ୍ସ ଟେକ୍ନୋଲୋଜି (ସିଏସଆଇଆର -ଆଇଏମଏମଟି), ଭୁବନେଶ୍ୱରରେ ୧୩ ଏପ୍ରିଲ ୨୦୨୬ ତାରିଖରେ ଫାଉଣ୍ଡେସନ ଡେ (ସଂସ୍ଥାପନ ଦିବସ) ବହୁତ ଉତ୍ସାହ ଓ ଉତ୍ସବମୟ ପରିବେଶରେ ପାଳିତ ହୋଇଛି। ଏହି ଅବସରରେ ବର୍ତ୍ତମାନ ଓ ପୂର୍ବତନ କର୍ମଚାରୀ, ଛାତ୍ରଛାତ୍ରୀଏବଂ ଅନ୍ୟାନ୍ୟ ଲ୍ୟାବରେଟରୀର ଅତିଥିମାନେ ସକ୍ରିୟ ଭାଗ ନେଇଥିଲେ।

୧୩ ଏପ୍ରିଲ ୧୯୬୪ ରେରିଜିଓନାଲ୍ରି ସର୍ଚ୍ଚ ଲ୍ୟାବ ରେଟରୀ ଭାବେ ସ୍ଥାପିତ ଏହି ସଂସ୍ଥା ଆଜି ମିନେରାଲ୍ସ, ଧାତୁ ଓ ମଟେରିଆଲ୍ସ ଟେକ୍ନୋଲୋଜି କ୍ଷେତ୍ରରେ ଏକ ପ୍ରମୁଖ ଗବେଷଣାସଂସ୍ଥା ଭାବେ ପରିଚିତ।

ମୁଖ୍ୟ କାର୍ଯ୍ୟକ୍ରମ ସଂସ୍ଥାର ଆଡିଟୋରିୟମ୍‌ରେ ନିର୍ଦ୍ଦେଶକଡା. ରାମାନୁଜ ନାରାୟଣଙ୍କ ଅଭିନନ୍ଦନ ଉଦ୍‌ବୋଧନ ସହ ଆରମ୍ଭହୋଇଥିଲା। ତାଙ୍କ ଉଦ୍‌ବୋଧନରେ ଡା. ନାରାୟଣ ପୂର୍ବତନ ଆର୍ଥିକ ବର୍ଷର ସମସ୍ତ କାର୍ଯ୍ୟକଳାପ ଓ ସଫଳତାର ସମଗ୍ର ଅବଲୋକନ ପ୍ରସ୍ତୁତ କରିଥିଲେ। ସେ ନୂତନ ସୁବିଧା ସୃଷ୍ଟି ବିଷୟରେ ଉଲ୍ଲେଖ କରିଥିବା ସହ ଡିକାର୍ବୋନାଇଜେସନ୍ ଓ କ୍ରିଟିକାଲ ମିନେରାଲ୍ସ କ୍ଷେତ୍ରରେ ଉଦୟମାନ ଗବେଷଣା ଓ ବିକାଶ କ୍ଷେତ୍ରକୁ ଗୁରୁତ୍ୱ ଦେଇଥିଲେ। ବୈଜ୍ଞାନିକ ଓ କର୍ମଚାରୀ ମାନଙ୍କର ନିଷ୍ଠାପୂର୍ଣ୍ଣ ପ୍ରୟାସକୁ ସ୍ତୁତିକରି ସେମାନଙ୍କୁ ଗବେଷଣାକୁ କେବଳ ପ୍ରକାଶନ କିମ୍ବା ପରୀକ୍ଷାଗାର ସୀମାରେ ସୀମିତ ନ ରଖିବାକୁ ପ୍ରେରଣା ଦେଇ ଥିଲେ।

# ସିଜିମାଳି ଘଟଣାରେ ରାଷ୍ଟ୍ରପତିଙ୍କ ହସ୍ତକ୍ଷେପ ଲୋଡ଼ିଲା ବିଜେଡି



**ଭୁବନେଶ୍ୱର,୧୩।୪ (ମହାଭାରତ):** ରାୟଗଡା ଜିଲ୍ଲାର ସିଜିମାଳି ଅଞ୍ଚଳରେ ଆଦିବାସୀ ଭାଇ ଭଉଣୀ ମାନଙ୍କ ଉପରେ ପ୍ରଶାସନର ଯେଉଁ ବର୍ବରୋଚିତ କାଣ୍ଡ ଘଟଣାକୁ ବିଜୁ ଜନତା ଦଳ ତୀବ୍ର ନିନ୍ଦା କରିଛି । ଏହି ଘଟଣା ସମ୍ପୂର୍ଣ୍ଣ ଅମାନବୀୟ ବୋଲି ବର୍ଣ୍ଣନା କରିବା ସହିତ ଆଦିବାସୀ ମାନଙ୍କୁ ଉଚିତ ନ୍ୟାୟ ପ୍ରଦାନ ପାଇଁ ଦେଶର ରାଷ୍ଟ୍ରପତିଙ୍କ ହସ୍ତକ୍ଷେପ ଲୋଡିଛି ବିଜେଡି। ଶଙ୍ଖ ଭବନରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଦଳର ରାୟଗଡା ଜିଲ୍ଲା ସଭାପତି ଶ୍ରୀ ଜଗନ୍ନାଥ ସାରକା, କୋରାପୁଟ ଜିଲ୍ଲା ସଭାପତି ଶ୍ରୀ ଝିନ୍ନ ହିକକା ଓ ଗଣମାଧ୍ୟମ ସଂଯୋଜକ ଡ଼ ପ୍ରିୟବ୍ରତ ମାଝୀ ସିଜିମାଳି ଅଞ୍ଚଳରେ ଆଦିବାସୀ ମାନଙ୍କ ଉପରେ ପ୍ରଶାସନ ଦ୍ୱାରା କରାଯାଇଥିବା ଅମାନବୀୟ ଓ ବର୍ବରୋଚିତ କାଣ୍ଡ ରାଜ୍ୟ ବିଜେପି ସରକାରଙ୍କ ଆଦିବାସୀ ବିରୋଧୀ ନୀତିକୁ ପ୍ରଦର୍ଶିତ କରୁଛି ବୋଲି ଅଭିଯୋଗ କରିଥିଲେ ।

ଶ୍ରୀ ଜଗନ୍ନାଥ ସାରକା କହିଥିଲେ, ସିଜିମାଳିରେ ଆଦିବାସୀ ମାନଙ୍କ ଉପରେ ଘଟିଥିବା ଅତ୍ୟାଚାର ଓ ଜୁଲୁମ ବିଷୟରେ ଜାଣିବା ପରେ ବିଜେଡିର ଏକ ପ୍ରତିନିଧି ମଣ୍ଡଳୀ ଘଟଣାସ୍ଥଳ ପରିଦର୍ଶନ କରି ଏଥିରେ ପ୍ରଭାବିତ ହୋଇଥିବା ଲୋକ ମାନଙ୍କ ସହିତ ଆଲୋଚନା କରିଥିଲେ । ସଭାପତିଙ୍କ ନିର୍ଦ୍ଦେଶକ୍ରମେ, ଦଳର ଏକ ପ୍ରତିନିଧି ମଣ୍ଡଳୀ ଘଟଣାସ୍ଥଳ ପରିଦର୍ଶନ କରି ସ୍ଥାନୀୟ ବାସିନ୍ଦାଙ୍କ ଠାରୁ ଘଟଣା ସମ୍ପର୍କରେ ପଚାରି ବୁଝିଥିଲେ । ସ୍ଥାନୀୟ ବାସିନ୍ଦା ମାନଙ୍କ କହିବା ଅନୁଯାୟୀ, ମାଇନ୍ସ କମ୍ପାନୀ ଦ୍ୱାରା ନିର୍ମିତ ହେଉଥିବା ରାସ୍ତାକୁ ନେଇ ସେମାନେ ପ୍ରତିବାଦ କରୁଥିଲେ । ପ୍ରଶାସନ ତରଫରୁ ସେମାନଙ୍କ ଉପରେ ଅତ୍ୟାଚାର ଓ ଜୁଲୁମ କରାଯାଇଥିଲା । ଆଦିବାସୀ ଭାଇ ଭଉଣୀ ମାନଙ୍କ ଉପରେ ହୋଇଥିବା ଅତ୍ୟାଚାର ଓ ଜୁଲୁମକୁ ଆମେ ତୀବ୍ର ନିନ୍ଦା କରୁଛୁ । ସ୍ଥାନୀୟ ଆଦିବାସୀଙ୍କ ସ୍ୱାର୍ଥକୁ ଅଣଦେଖା କରି ସେମାନଙ୍କ ଉପରେ ଅତ୍ୟାଚାର ଓ ଜୁଲୁମ କରି ରାଜ୍ୟରେ ଶିଳ୍ପ ପ୍ରତିଷ୍ଠା ହୋଇପାରିବ ନାହିଁ । ତେଣୁ ଆଦିବାସୀ ମାନଙ୍କ ସ୍ୱାର୍ଥ ରକ୍ଷା ପାଇଁ ନିୟମ ହିସାବରେ ଗ୍ରାମସଭା ଆୟୋଜନ କରି ଆବଶ୍ୟକୀୟ ଅନୁମୋଦନ ପ୍ରଦାନ କରାଯାଉ। ଶ୍ରୀ ଝିନ୍ନ ହିକକା କହିଥିଲେ, ସିଜିମାଳିରେ ଆଦିବାସୀ ଭାଇ ଭଉଣୀ ମାନଙ୍କ ଉପରେ ଯେଉଁଭଳି ଭାବେ ପୋଲିସ ଓ ପ୍ରଶାସନିକ ଅଧିକାରୀଙ୍କ ଦ୍ୱାରା ବର୍ବର କାଣ୍ଡ ଘଟାଯାଇଛି, ତାହା କୌଣସି ସଭ୍ୟ ସମାଜରେ ଗ୍ରହଣୀୟ ନୁହେଁ । ସ୍ଥାନୀୟ ଅଞ୍ଚଳରେ ଖଣି କାର୍ଯ୍ୟକୁ ତ୍ୱରାନ୍ୱିତ କରାଯାଉଥିବା ବେଳେ ସ୍ଥାନୀୟ ବାସିନ୍ଦା ମାନେ ପେସା ଆଇନ ଓ ଜଙ୍ଗଲ ଆଇନ ଉଲ୍ଲଙ୍ଘନ ହେଉଥିବା ଦାବି କରି ଶାନ୍ତିପୂର୍ଣ୍ଣ ଭାବେ ଧାରଣା ଦେଇ ଆସୁଥିଲେ । କିନ୍ତୁ ବିଳମ୍ବିତ ରାତିରେ ସମସ୍ତେ ଶୋଇଥବା ସମୟରେ, ବିଜୁଳି ଲାଇନ କାଟି ଦେଇ ପ୍ରସାଶନ ଯେଭଳି ଭାବେ ନିରୀହ ଆଦିବାସୀ ଭାଇ ଭଉଣୀ ମାନଙ୍କ ଉପରେ ବର୍ବରୋଚିତ ଆକ୍ରମଣ କଲା, ତାହା ରାଜ୍ୟ ବିଜେପି ସରକାରଙ୍କ ଆଦିବାସୀ ବିରୋଧୀ ନୀତିକୁ ପ୍ରଦର୍ଶିତ କରୁଛି । ସିଜିମାଳିରେ ଆଦିବାସୀ ମାନଙ୍କ ଉପରେ ହୋଇଥିବା ଅତ୍ୟାଚାର ଓ ଜୁଲୁମ ଉପରେ ନ୍ୟାୟ ପ୍ରଦାନ ପାଇଁ ଆମେ ରାଷ୍ଟ୍ରପତିଙ୍କ ହସ୍ତକ୍ଷେପ ଲୋଡୁଛୁ ।

# ଲୋଭନୀୟ ପ୍ରତିଶ୍ରୁତି

ଭାରତରେ ଗତ କିଛି ବର୍ଷ ହେବ ମାଗଣା ବଣ୍ଟନ ଯୋର ଧରିଛି। ଭାରତ ଏକ ଜନକଲ୍ୟାଣକାରୀ ଦେଶ। ଏଠାରେ ସରକାର ଲାଭ କ୍ଷତିର ହିସାବ ନରଖି କେବଳ ଲୋକକଲ୍ୟାଣକୁ ଗରିତ୍ୱ ଦିଅନ୍ତି। ସେଥିପାଇଁ ଲୋକେ ଟିକସ ଦିଅନ୍ତି। ଏହା ସ୍ୱାଗତ ଯୋଗ୍ୟ। କିନ୍ତୁ ଜନକଲ୍ୟାଣ ଅର୍ଥ ନୁହେଁ ଯେ, ଲୋକଙ୍କୁ ମାଗଣା ସେବା ଏବଂ ସାମଗ୍ରୀ ଯୋଗାଇ ଦିଆଯିବ। କିନ୍ତୁ ରାଜନୈତିକ ଦଳମାନେ ଭୋଟ ବ୍ୟାଙ୍କ ପାଇଁ ଏଭଳି କରୁଛନ୍ତି। ଆମ ଲୋକଙ୍କ ମାନସିକତା ବି ତଦ୍ରୁପ। ସେମାନେ ଚାହାଁନ୍ତି ତତ୍କାଳ ଲାଭ। ଯିଏ ସେମାନଙ୍କୁ ନିର୍ବାଚନ ବେଳେ ଟଙ୍କା, ଚାଉଳ, ଭୋଜିଭାତରେ ଆପ୍ୟାୟିତ କଲା, ତାଙ୍କୁ ଲୋକେ ଭୋଟ ଦେଲେ। ଲୋକଙ୍କ ଏଭଳି ମାନସିକତାକୁ ଦେଖି ରାଜନୈତିକ ଦଳମାନେ ବିଭିନ୍ନ ସମୟରେ ଲୋକଙ୍କୁ ବିଭିନ୍ନ ପ୍ରକାର ପ୍ରଲୋଭନ ଦେଇ ଭୋଟ କିଣିବାରେ ଅଭ୍ୟସ୍ତ ହୋଇଗଲେଣି। ଏକ ଜନକଲ୍ୟାଣକାରୀ ରାଷ୍ଟ୍ରରେ ଲୋକଙ୍କୁ ମାଗଣା ଶିକ୍ଷା ଏବଂ ସ୍ୱାସ୍ଥ୍ୟସେବା ଦେବାର ଦାୟିତ୍ୱ ସରକାରଙ୍କର। ଏହା ସେମାନଙ୍କର ମୌଳିକ ଅଧିକାର। କିନ୍ତୁ ମାଗଣା ଜୋତା, ମାଗଣା ସାଇକେଲ ଲାପଟପ, ସୁନା ଚେନ, ଲୋକଙ୍କ ଆକାଉଣ୍ଟକୁ ସିଧାସଳଖ ଟଙ୍କା ପଠାଯିବ ଜନକଲ୍ୟାଣ ନୁହେଁ, ଏହା ଏକ ପ୍ରକାର ଲାଞ୍ଚ କାରବାର ବୋଲି କୁହାଯାଇପାରିବ। ଏଥିରେ ସବୁ ଦଳ ସମ୍ପୃକ୍ତ। ଯିଏ ଯେତେବେଳେ ଯେଉଁଠି ଶାସନ କ୍ଷମତା ଦଖଲ କଲା, ସେଠାରେ ସେ ଏଭଳି ମାଗଣା ଯୋଜନା କାର୍ଯ୍ୟକାରୀ କଲା। ନିର୍ବାଚନ ପୂର୍ବରୁ ରାଜନୈତିକ ଦଳମାନେ ନିଜ ନିଜ ଭିତରେ ପ୍ରତିଯୋଗିତା କରି ଲୋଭନୀୟ ପ୍ରତିଶ୍ରୁତି ଦେଉଛନ୍ତି। ଭୋଟରମାନେ ନିର୍ବାଚନ ଇସ୍ତାହାରକୁ ଦେଖି ଖୋଜୁଛନ୍ତି କେଉଁ ଦଳ କ'ଣ ଦେବେ। ଏହାକୁ ଆଧାର କରି ସାଧାରଣ ଲୋକେ ଭୋଟ ଦେଉଛନ୍ତି। ଲୋକେ ଭୋଟ ଦେବା ବେଳେ ବ୍ୟକ୍ତିଗତ ଲାଭକୁ ଦେଖୁଛନ୍ତି। ଦେଶର ବିକାଶ ଏବଂ ସୁଶାସନକୁ ସେମାନେ ଗୁରୁତ୍ୱ ଦେଉ ନାହାଁନ୍ତି। ଏଥିପାଇଁ ଲୋକଙ୍କୁ ଦୋଷ ଦେଇ ଲାଭ ନାହିଁ। ଆମ ଦେଶର ନେତା, ରାଜନୈତିକ ଦଳମାନେ ଲୋକଙ୍କୁ ଏଭଳି ମାନସିକତା ଗ୍ରହଣ କରିବାକୁ ବାଧ୍ୟ କରିଛନ୍ତି। ସେମାନେ ନିଜ ଫାଇଦା ପାଇଁ ଲୋକଙ୍କୁ ଏପରି ନୀତି ଗ୍ରହଣ କରିବାକୁ ପରିସ୍ଥିତି ସୃଷ୍ଟି କରିଛନ୍ତି। ଦିଲ୍ଲୀରେ ୨୦୦ୟୁନିଟ ପର୍ଯ୍ୟନ୍ତ ମାଗଣା ବିଜୁଳି ଦେଇ ଅରବିନ୍ଦ କେଜରିୱାଲ ନିର୍ବାଚନ ଜିତିଥିଲେ। ଏହାକୁ ଦେଖି ଅନ୍ୟ ଦଳମାନେ ମଧ୍ୟ ଭିନ୍ନ ମିନ୍ନ ରାଜ୍ୟରେ ଏଭଳି ପ୍ରତିଶ୍ରୁତି ଦେବାକୁ ଚାହିଁଲେ। ଲୋକେ ମଧ୍ୟ କହୁଛନ୍ତି, ଯଦି ଦିଲ୍ଲୀରେ ମାଗଣା ବିଜୁଳି ଦିଆଯାଉଛି, ଓଡ଼ିଶାରେ କାହିଁକି ଏହା ସମ୍ଭବ ନୁହେ ? କିନ୍ତୁ ବିଜୁଳି ଉତ୍ପାଦନ ଲାଗି ବିପୁଳ ଅର୍ଥ ବ୍ୟୟ ହେଉଛି। ଏହାକୁ କିଏ ଭରଣା କରିବ ? ଶିକ୍ଷା ଏବଂ ସ୍ୱାସ୍ଥ୍ୟ ସେବା ଭଳି ଏହା ଲୋକଙ୍କ ମୌଳିକ ଅଧିକାର ପରିସରଭୁକ୍ତ ନୁହେଁ। ଏହା ଏକ ସେବା ଯାହାର ଗୁଣାତ୍ମକ ମାନ ବଜାୟ ରହିବା ଉଚିତ। ଏଥିପାଇଁ ସର୍ବନିମ୍ନ ଅର୍ଥ ପ୍ରଦାନ ଜରୁରୀ। ସମ୍ପୂର୍ଣ୍ଣ ମାଗଣା ବିଜୁଳି ସବୁଦିନ ସମ୍ଭବ ନୁହେଁ। ସେହିପରି ମହିଳାଙ୍କ ଖାତାକୁ ସମର ବୋନାଞ୍ଜା ନାମରେ ୨ ହଜାର ଟଙ୍କା ଲେଖାଏଁ ପଠାଇବା ଜନକଲ୍ୟାଣ ନୁହେଁ। କୋଭିଡ ସମୟରୁ କେନ୍ଦ୍ର ସରକାର ଦେଶର ୮୦ କୋଟି ଗରିବଙ୍କୁ ପ୍ରତି ମାସରେ ମୁଣ୍ଡପିଛା ୫ କେଜି ରାସନ ଦେଉଛନ୍ତି। କୋଭିଡ ମହାମାରୀ ଚାଲିଯିବା ପରେ ମଧ୍ୟ ଏହା ଜାରି ରହିଛି। ଏହା ହେଉଛି ସମସ୍ୟା। ଥରେ ଲୋକଙ୍କୁ ମାଗଣା ମିଳିଲେ ସେମାନେ ସବୁ ବେଳେ ଏହା ପାଇବାକୁ ଚାହିଁବ। ଏହାକୁ ଯିଏ ପ୍ରତ୍ୟାହାର କରିବ ସେ କ୍ଷମତାଚ୍ୟୁତ ହେବ। କିନ୍ତୁ ମାଗଣା ବଣ୍ଟନ ଦ୍ୱାରା ଦେଶରେ ଏକ ପରଜୀବୀ ଶ୍ରେଣୀ ସୃଷ୍ଟି ହେଉଛନ୍ତି। ନିକଟରେ ସୁପ୍ରିମକୋର୍ଟ ଏ ସମ୍ପର୍କିତ ଏକ ମାମଲାର ଶୁଣାଣୀ ବେଳେ ଏଭଳି ମନ୍ତବ୍ୟ ଦେଇଛନ୍ତି। ମାଗଣା ବଣ୍ଟନ ଦ୍ୱାରା ରାଜକୋଷ ଶୂନ୍ୟ ହୋଇଯାଉଛି। ବିକାଶ ମୂଳକ କାମ ପାଇଁ ଟଙ୍କା ନାହିଁ।

# 'କୋଟା'ର କଣ୍ଟା ଓ ସ୍ୱପ୍ନର ସମାଧି

॥ ଡାକ୍ତର ସମ୍ରାଟ କର ॥

ପ୍ରତି ବର୍ଷ ଭାରତର ପ୍ରାୟ ସମସ୍ତ ଅଞ୍ଚଳରୁ ପନ୍ଦର ବା ଷୋହଳ ବର୍ଷ ବୟସର ପ୍ରାୟ ଦେଢ଼ ଲକ୍ଷରୁ ଅଧିକ ଛାତ୍ରଛାତ୍ରୀ ସେମାନଙ୍କ ବ୍ୟାକ ପ୍ୟାକ ଏବଂ କୌଣସି ଗୋଟିଏ ଅଗ୍ରଣୀ ଇଂଜିନିୟରିଂ ବା ମେଡ଼ିକାଲ କଲେଜରେ ନାମ ଲେଖାଇବାର ସ୍ୱପ୍ନ ନେଇ ଏହି ସହରରେ ପ୍ରବେଶ କରୁଥିବା ଅଭିଭାବକ ଗଣ ଏ ନେଇ ସଚେତନ ଥାଆନ୍ତି ଯେ ଏହି ସ୍ୱପ୍ନଭୁକ ମାନଙ୍କ ମଧ୍ୟରୁ କିୟଦଂଶ ମାତ୍ର ଆଶାନୁରୂପକ ସାଫଲ୍ୟ ଲାଭ କରିବେ ଏବଂ ଅବଶିଷ୍ଟ ବିଫଳତାର ଗ୍ଲାନି ବହନ କରି ଅଗତ୍ୟା କୋଟାରୁ ରିକ୍ତ ହସ୍ତରେ ପ୍ରତ୍ୟାବର୍ତ୍ତନ କରିବେ।

ଗଲା ଅଗଷ୍ଟ ୧୫ ତାରିଖରେ ରାଜସ୍ଥାନର କୋଟା ସହରରେ ପୁନର୍ବାର ଜଣେ ଅଠର ବର୍ଷର ତରୁଣ ଆତ୍ମହତ୍ୟା କରିଛନ୍ତି ଯାହା ସହିତ କେବଳ ଚଳିତ ବର୍ଷ କୋଟାରେ ଆତ୍ମହତ୍ୟା କରିଥିବା ଛାତ୍ରଛାତ୍ରୀଙ୍କ ସଂଖ୍ୟା ୨୧ରେ ପହଞ୍ଚିଛି। ଏହି ଛାତ୍ର ଜଣକ ଆଇଆଇଟି ପ୍ରବେଶିକା ପରୀକ୍ଷାରେ କୃତକାର୍ଯ୍ୟ ଲାଗି କୋଚିଂ ନେବାକୁ ଏହି ସହରରେ ପାଦ ଦେଇଥିଲେ।' – ବଡ଼ ବ୍ୟସ୍ତଭରା କଣ୍ଠରେ ଏକାସ୍ୱରରେ କହିଗଲେ ମୋ କ୍ଷୀପ୍ରଲିପ ଅନୁଜ ପ୍ରତୀମ ଶ୍ରୀକାନ୍ତ। ମୁଁ ତାଙ୍କ ବ୍ୟସ୍ତତା ଓ ବର୍ତ୍ତମାନର କୋଟାରେ ଆଶାୟୀ ଛାତ୍ରଛାତ୍ରୀଙ୍କ ଆତ୍ମହତ୍ୟା ଘଟଣାକୁ ଲକ୍ଷ୍ୟ ରଖି ସବୁ ଜାଣି ପାରି କହିଲି କଥା ଆଜିର ନୁହଁ। ୮୦ଦଶକରୁ ଛାତ୍ରଙ୍କୁ ଏଠି ଜୀବନ୍ତ ମେସିନ ବନେଇବାର ପ୍ରକ୍ରିୟା ଆରମ୍ଭ ହୋଇଛି। ଏଠାରେ ଗୋଟିଏ କୋଚିଂ ସେଣ୍ଟରର ଛାତ୍ର ଆଇଆଇଟି ପାଇବା ପରେ ତାହା ରାତାରାତି ବିଖ୍ୟାତ ହୋଇଗଲା। ତାପରେ ଛତୁ ଫୁଟିଲା ପରି କୋଟାରେ ଅନ୍ୟ କୋଚିଂ ସେଣ୍ଟର ଗୁଡ଼ିକ ଗଢ଼ି ଉଠିଲେ। ଛାତ୍ରସଂଖ୍ୟା ବଢ଼ିଲା ଏବଂ ଛାତ୍ରଙ୍କ ପାଇଁ ହଷ୍ଟେଲ ସଂଖ୍ୟା ମଧ୍ୟ ବଢ଼ିଲା। ଅନେକ କ୍ୟାଣ୍ଟିନ ବି ଖୋଲିଲା। ଚା ଜଳଖିଆ ଦୋକାନ ଓ ଅଟୋରିକ୍ସା ଆଦି ଛାତ୍ରଙ୍କ ସେବା ପାଇଁ ଗଢ଼ି ଉଠିଲେ। ସମସ୍ତଙ୍କ ଟାର୍ଗେଟରେ ରହିଲେ ୧୫-୧୬ ବର୍ଷର ଛାତ୍ରଛାତ୍ରୀ।

ବାସ୍ତବ କଥା ହେଉଛି କୋଟା ବାରୁଦଗଦା ଉପରେ ଅବସ୍ଥିତ। ବିସ୍ଫୋରିତ ହେଲେ ସବୁକିଛି ପାଉଁଶ ହୋଇଯିବ। ମୃତ ଶୈଶବ ଉପରେ ଠିଆ ହୋଇଛି ସହର। ଆପଣ କୋଟା ଯାଆନ୍ତୁ, ରେଳ ଷ୍ଟେସନରୁ ବାହାରିବା ମାତ୍ରେ ଅଟୋ ଚାଳକମାନେ ଆପଣଙ୍କୁ ଘେରିଯିବେ। କିଏ କହିବ ଆପଣଙ୍କ ପିଲା ପାଇଁ ଭଲ ହଷ୍ଟେଲ ଯୋଗାଇଦେବ, କିଏ କହିବ ଶସ୍ତାରେ ସବୁଠାରୁ ଭଲ କୋଚିଂ ସେଣ୍ଟରରେ ନାଁ ଲେଖାଇ ଦେବ। ରେଳ ଷ୍ଟେସନରୁ ହିଁ କୋଚିଂ ସେଣ୍ଟରଗୁଡ଼ିକ ପାଇଁ ମାର୍କେଟିଂ ଆରମ୍ଭ ହୋଇଯାଏ।

ଚଳିତ ବର୍ଷ ପ୍ରାୟ ୩ ଲକ୍ଷ ଛାତ୍ରଛାତ୍ରୀ ଏଣ୍ଟ୍ରାନ୍ସ ପରୀକ୍ଷା ପ୍ରସ୍ତୁତି ପାଇଁ କୋଟା ଆସିଛନ୍ତି। ରବିବାର ବି ଏଠି ପିଲାଙ୍କ ପାଇଁ ଛୁଟି ନାହିଁ। କେଉଁଠି ପିଲା ପରୀକ୍ଷା ଦେବାକୁ କୋଚିଂ ସେଣ୍ଟର ଯାଇଥାଏ ଆଉ କେଉଁଠି ରାତି ଅନିଦ୍ରା ମେଣ୍ଟାଇବା ପାଇଁ ବିଶ୍ରାମ ନେଉଥାଏ। ପିଲାମାନେ ନିଜର ଲୁଗାପଟା ବି ସଫା କରନ୍ତିନି। ତାହା ହଷ୍ଟେଲ କର୍ମଚାରୀ କରନ୍ତି। କୋଚିଂ କ୍ଲାସ ସକାଳ ସାଢ଼େ ୬ଟାରୁ ଆରମ୍ଭ ହୁଏ ଏବଂ ପିଲାମାନେ ରାତି ୨ଟା ଯାଏ ପାଠ ପଢ଼ନ୍ତି। ସେମାନଙ୍କ ରୁଟିନ ଏତେ ଟାଇଟ ଯେ ନିଃଶ୍ୱାସ ନେବାକୁ ସମୟ ନଥାଏ। ତେବେ କଠିନ ପରିଶ୍ରମ ସତ୍ତ୍ୱେ ସବୁ ପିଲା ଆଇଆଇଟି ବା ମେଡ଼ିକାଲ ପାଆନ୍ତିନି। କେତେକ ପିଲା ଭଗ୍ନ ସ୍ୱପ୍ନ ନେଇ ଘରକୁ ଫେରନ୍ତି ଓ ଆଉ କେତେକ ଫେରନ୍ତିନି।

ଜଣେ ଛାତ୍ରଙ୍କ କହିବା ଅନୁସାରେ ସେ ଲେଖକ ହେବାକୁ ଚାହୁଁଥିଲେ। ସେ କିଛି ଗପ ଲେଖିଥିଲେ ଯାହାକୁ ତାଙ୍କ ବାପା ଚିରିଦେଲେ। ତାଙ୍କ ମାଆ ତାଙ୍କ ସହ କଥାବାର୍ତ୍ତା କରିବା ବନ୍ଦ କରିଦେଲେ। ଏବେ ସେ କୋଟାରେ ରହି ଡାକ୍ତର ହେବା ପାଇଁ ପ୍ରସ୍ତୁତ ହେଉଛନ୍ତି। ପିଲାମାନଙ୍କୁ ନିଜର ସ୍ୱପ୍ନକୁ ଚୁରମାର କରି ବାପାମାଆଙ୍କ ସ୍ୱପ୍ନ ପୂରଣ କରିବାକୁ ବାଧ୍ୟ କରାଯାଉଛି। ଶେଷରେ ମାନସିକ ଚାପ, ହତାଶା ଓ ଅବସାଦରେ ଅନେକ ଛାତ୍ର ଆତ୍ମହତ୍ୟା କରିବାକୁ ବାଧ୍ୟ ହେଉଛନ୍ତି।

ପ୍ରତି ବର୍ଷ ଭାରତର ପ୍ରାୟ ସମସ୍ତ ଅଞ୍ଚଳରୁ ପନ୍ଦର ବା ଷୋହଳ ବର୍ଷ ବୟସର ପ୍ରାୟ ଦେଢ଼ ଲକ୍ଷରୁ ଅଧିକ ଛାତ୍ରଛାତ୍ରୀ ସେମାନଙ୍କ ବ୍ୟାକ ପ୍ୟାକ ଏବଂ କୌଣସି ଗୋଟିଏ ଅଗ୍ରଣୀ ଇଂଜିନିୟରିଂ ବା ମେଡ଼ିକାଲ କଲେଜରେ ନାମ ଲେଖାଇବାର ସ୍ୱପ୍ନ ନେଇ ଏହି ସହରରେ ପ୍ରବେଶ କରୁଥିବା ଅଭିଭାବକ ଗଣ ଏ ନେଇ ସଚେତନ ଥାଆନ୍ତି ଯେ ଏହି ସ୍ୱପ୍ନଭୁକ ମାନଙ୍କ ମଧ୍ୟରୁ କିୟଦଂଶ ମାତ୍ର ଆଶାନୁରୂପକ ସାଫଲ୍ୟ ଲାଭ କରିବେ ଏବଂ ଅବଶିଷ୍ଟ ବିଫଳତାର ଗ୍ଲାନି ବହନ କରି ଅଗତ୍ୟା କୋଟାରୁ ରିକ୍ତ ହସ୍ତରେ ପ୍ରତ୍ୟାବର୍ତ୍ତନ କରିବେ। ତଥାପି ବିସ୍ମୟର ବିଷୟ ହେଲା ବର୍ଷ ପରେ ବର୍ଷ କୋଟାର ଦୁର୍ବାର ମୋହରୁ ଛାତ୍ରଛାତ୍ରୀ ଏବଂ ସେମାନଙ୍କ ଅଭିଭାବକମାନଙ୍କୁ ମୁକ୍ତି ମିଳୁନାହିଁ। ଏହାର କାରଣ କଣ ?

ପ୍ରବେଶିକା ପରୀକ୍ଷାଗୁଡ଼ିକରେ ମୁଷ୍ଟିମେୟ ଛାତ୍ରଛାତ୍ରୀଙ୍କ ସଫଳତାକୁ ନେଇ ଯେଉଁଭଳି ପ୍ରଶସ୍ତି ଓ ବିଜ୍ଞାପନର ବନ୍ୟା ସୃଷ୍ଟି କରାଯାଏ, ତହିଁରେ କୋଟା ଅଧିକ ଆକର୍ଷଣୀୟ ହୋଇ ଉଠେ ସତ କିନ୍ତୁ ସଂଖ୍ୟାଧିକ ଛାତ୍ରଛାତ୍ରୀ ସମସ୍ତଙ୍କ ଅଲକ୍ଷ୍ୟରେ ବିଫଳତାର ଅନ୍ଧକାର ମଧ୍ୟରେ ବିଧ୍ୱସ୍ତ କରୁଥିବା ପିଲାମାନ ସେମାନଙ୍କ ପ୍ରଦର୍ଶନ ଆଧାରରେ ଅତ୍ୟନ୍ତ ନିଷ୍ଠୁର ଏବଂ କଠୋର ବର୍ଗୀକରଣର ଶିକାର ହୁଅନ୍ତି, ଯାହା ଫଳରେ ଅପେକ୍ଷାକୃତ ନିମ୍ନ ପ୍ରଦର୍ଶନକାରୀମାନେ ଗଭୀର ହୀନମନ୍ୟତା ମଧ୍ୟକୁ ନିକ୍ଷେପିତ ହୁଅନ୍ତି ଏବଂ ତାରକା ଛାତ୍ରଛାତ୍ରୀମାନେ ମଧ୍ୟ ଆଶା ଅନୁକୂଳ ପ୍ରଦର୍ଶନ ବଜାୟ ରଖିବା ଲାଗି ଭୀଷଣ ଚାପର ବଶବର୍ତ୍ତୀ ହୁଅନ୍ତି। ଏଭଳି ସ୍ଥଳେ ପ୍ରତିଦ୍ୱନ୍ଦ୍ୱିତାର ଅସହନୀୟ ଚାପରୁ ଚିରନ୍ତନ ମୁକ୍ତି ପାଇବା ଲାଗି ସେମାନଙ୍କ ମଧ୍ୟରୁ କେହି କେହି ହୁଏତ ଚରମ ପନ୍ଥା ବାଛି ନେବାକୁ ବାଧ୍ୟ ହୁଅନ୍ତି। ଏଥିରେ ଦ୍ୱିରୁକ୍ତି ନାହିଁ ଯେ କୈଶୋର ଏବଂ ଆଦ୍ୟ ତାରୁଣ୍ୟର ସନ୍ଧି ସ୍ଥଳରେ ଉପସ୍ଥିତ ଏହି ଛାତ୍ରଛାତ୍ରୀମାନେ ପରିବାର ଠାରୁ ଦୂରରେ ଏକ ନିଃସଙ୍ଗ ବାତାବରଣରେ ସ୍ୱପ୍ନ ଚରିତାର୍ଥ କରିବାର ସଂଘର୍ଷରେ ଲିପ୍ତ ଥିବା ବେଳେ ଆଉ ଯେଉଁ ଏକ ଗ୍ଲାନିବୋଧ ସେମାନଙ୍କୁ ଅହରହ ଦଂଶନ କରି ଚାଲିଥାଏ, ତାହା ହେଲା ସେମାନଙ୍କ ଲାଗି ସେମାନଙ୍କର ପରିବାର ବହନ କରୁଥିବା ଆର୍ଥିକ ବୋଝ, ଯାହା ବାର୍ଷିକ ଦୁଇ ଲକ୍ଷରୁ ଆରମ୍ଭ କରି ପାଞ୍ଚ ଲକ୍ଷ ପର୍ଯ୍ୟନ୍ତ ହୋଇପାରେ। ଏଭଳି ସ୍ଥିତିରେ ଉତ୍ତମ ପ୍ରଦର୍ଶନରେ ବିଫଳତା ଅନେକ ଛାତ୍ରଛାତ୍ରୀଙ୍କୁ ଆତ୍ମହତ୍ୟାକାମୀ କରାଇଥାଏ।

ମୂଳକଥା ହେଉଛି ଆଜିର ଛାତ୍ରଛାତ୍ରୀମାନେ ନିଜ ଭବିଷ୍ୟତକୁ ଚିନ୍ତା କରି କ୍ୟାରିୟର ମନସ୍କ ହୁଅନ୍ତି। କିନ୍ତୁ ଏହାକୁ ନେଇ ଅତ୍ୟଧିକ ଚାପକୁ ନିମନ୍ତ୍ରଣ କରନ୍ତୁ ନାହିଁ କାରଣ ଜୀବନଟି ଖୁବ ଲମ୍ବା। ଗୋଟିଏ ନିର୍ଦ୍ଦିଷ୍ଟ ଉପଲବ୍ଧିକୁ ହାସଲ କରିବାକୁ ହେଲେ ଜୀବନଟାକୁ ବଳୀଦାନ ଦେବା ଉଚିତ କି ? ସେହିପରି ଅନ୍ୟ ଏକ କଥା ହେଉଛି ଅଭିଭାବକମାନେ ପିଲାମାନଙ୍କ ଉପରେ ଅତ୍ୟଧିକ ଚାପ ଦିଅନ୍ତୁ ନାହିଁ। କାରଣ ଅତ୍ୟଧିକ ଚାପ ଜଣକୁ ବ୍ୟସ୍ତ ବିବ୍ରତ କରିଦେଇଥାଏ ଏବଂ ଏହା ମାନସିକ ଏକାଗ୍ରତା ପାଇଁ ମଧ୍ୟ ବାଧକ ଆଉ ଏହି ଚାପ ଜନିତ କାରଣ ପାଇଁ ଜଣେ ନାଁ ଠିକ ଭାବେ ଖାଇପାରେ ନାଁ ଠିକ ଭାବେ ବିଶ୍ରାମ ନେଇପାରେ। ସେମାନେ ଏକ ପ୍ରକାର ବିଚିତ୍ର ତ୍ରିଶଙ୍କୁ ଭିତରେ ଝୁଲିଲା ପରି ମାନସିକ ଅବସାଦ ଭିତରକୁ ଠେଲି ହୋଇଯାଆନ୍ତି ଏବଂ ଅନେକ କ୍ଷେତ୍ରରେ ଦୁର୍ଭାଗ୍ୟକୁ ସେମାନଙ୍କର ମାନସିକ କ୍ଷେତ୍ରକୁ ଆଶ୍ୱାସନା, ପ୍ରବୋଧନା ଦେବା ପାଇଁ ପାଖ ଲୋକ ଜଣେ କେହି ନଥାଏ। ତେଣୁ ଏପରି ସମୟରେ କେବଳ ମନସ୍ତତ୍ତ୍ୱବିତଙ୍କ ପଇଁ ନୁହଁ ଅଭିଭାବକମାନଙ୍କ ସହ ଶିକ୍ଷାବିତ, ବୁଦ୍ଧିଜୀବୀ ସର୍ବୋପରି ଏହି ତଥାକଥିତ ଶିକ୍ଷା କେନ୍ଦ୍ରର ପ୍ରତିଷ୍ଠାତା ଓ ସଂସ୍ଥାପକ ମାନଙ୍କର ଗୁରୁଦାୟିତ୍ୱ ରହିଛି। କୋମଳମତି ଛାତ୍ରଛାତ୍ରୀମାନେ କାରୁଣ୍ୟର ଅସୁମାରୀ ସ୍ୱପ୍ନ ଚରିତାର୍ଥ କରିବା ପାଇଁ ନିଶ୍ଚିନ୍ତ ଉପଲବ୍ଧି ହାସଲ ନହେଲେ ମୃତ୍ୟୁପଥକୁ ଗ୍ରହଣ କରନ୍ତୁନାହିଁ। ପିଲାମାନେ କୌଣସି ପ୍ରକାର ମାନସିକ ଅବସାଦର ଶିକାର ହେଲେ ତୁରନ୍ତ ମାନସିକ ରୋଗ ବିଶେଷଜ୍ଞଙ୍କ ପରାମର୍ଶ ନିଅନ୍ତୁ।

ପୁରୀଘାଟ ରୋଡ୍, କଟକ, ଦୂରଭାଷ : ୯୧୩୨୪୩୩୩୩୩

# ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ରଙ୍କ ଅନୁଚିନ୍ତନରେ ଦେବଭାଷା ସଂସ୍କୃତ

॥ ଡାକ୍ତର ଉମେଶ ଚନ୍ଦ୍ର ପାତ୍ର ॥

ସଂସ୍କୃତ ଭାଷାର ପ୍ରାଚୀନତା, ବ୍ୟାପକତା ତଥା ଏହାର ବିପ୍ରତ୍ତି ପାଇଁ ସାଧାରଣରେ ଭାଷା ପ୍ରତି ଶ୍ରଦ୍ଧା ରଖୁଥିବା ପ୍ରତିଟି ଲୋକପାଇଁ ଆଜି ହେଉଛି ଏକ ଅତ୍ୟନ୍ତ ପବିତ୍ରତମ ଦିବସ । ଦେବଭାଷା ସଂସ୍କୃତର ପ୍ରାଚୀନତା କାହାକୁ ବା ଅଜଣା । ଏହି ଭାରତୀୟ ଆର୍ଯ୍ୟ ଭାଷାରୁ ଅଧିକାଂଶ ଭାରତୀୟ ଓ ବିଶ୍ୱ ଭାଷାର ସୃଷ୍ଟି । ଏହି ଭାଷା ଏବେ ବିଲୁପ୍ତ ପ୍ରାୟ । ୨୦୨୦ର ଏକ ପରିସଂଖ୍ୟାନ ଅନୁଯାୟୀ ସମଗ୍ର ଭାରତବର୍ଷରେ ସଂସ୍କୃତ ଭାଷାଭାଷୀଙ୍କ ସଂଖ୍ୟା ୧,୧୪,୧୩୫ ମଧ୍ୟରେ ସୀମିତ । ଏହି ପରିପ୍ରେକ୍ଷୀରେ କର୍ଣ୍ଣାଟକ ଅନ୍ତର୍ଗତ ମାତ୍ତୁର ଗ୍ରାମର ସମସ୍ତ ବାସିନ୍ଦା କେବଳ ଏହି ଭାଷାରେ କଥାବର୍ତ୍ତା ହେଉଥିବା ଶୁଣିଲେ ଆଶ୍ଚର୍ଯ୍ୟ ହେବାକୁ ହୁଏ । ସିମୋଗା ସହରଠାରୁ ମାତ୍ର ୧୦ କିମି ଦୂରରେ ଏହି ଗାଁ ଅବସ୍ଥିତ ଏବଂ ଗ୍ରାମବାସୀଙ୍କ ବ୍ୟାବହାରିକ ଭାଷା ସଂସ୍କୃତ । ଉଲ୍ଲେଖନୀୟ ଯେ, ଗ୍ରାମବାସୀଙ୍କର ଜୀବିକା କୃଷି । ୧୯୮୨ ପର୍ଯ୍ୟନ୍ତ ସେମାନଙ୍କର ମାତୃଭାଷା ଥିଲା କନ୍ନଡ଼ । ସେହି ବର୍ଷ ସଂସ୍କୃତ ଭାରତୀ ନାମକ ଅନୁଷ୍ଠାନ ଭାଷା ପ୍ରଚାର ପାଇଁ ବାଛିଥିଲା ମାତ୍ତୁର୍ ଗାଁକୁ । ଅନୁଷ୍ଠାନ ସହ ଜଡ଼ିତ ସ୍ୱେଚ୍ଛାସେବୀମାନେ ଏକ ୧୦ ଦିନିଆ ଶିକ୍ଷା ଯୋଜନାରେ ସଂସ୍କୃତରେ କିପରି କଥାବାର୍ତ୍ତା କରିହେବ ସେଠାକାର ବାସିନ୍ଦାଙ୍କୁ ଶିଖାଇଲେ । ସ୍ଥାନୀୟ ଲୋକେ ମଧ୍ୟ ଆଗ୍ରହରେ ତାହା ଗ୍ରହଣ କଲେ । ଏମିତି ଜଣେ ଅନ୍ୟକୁ ଶିଖାଇଲା । ପିଲାମାନେ ବି ଶିଖିଲେ । କିଛି ବର୍ଷ ମଧ୍ୟରେ ସମସ୍ତେ ପାଲଟିଗଲେ ସଂସ୍କୃତଭାଷୀ ଏବଂ ସେହି ଭାଷାକୁ ବ୍ୟବହାର କଲେ ଭାବ ପରିପ୍ରକାଶ ପାଇଁ । ମାତ୍ତୁର୍‌ବାସୀଙ୍କ ପ୍ରଭାବରେ ଆସି ନିକଟବର୍ତ୍ତୀ ହୋସାହାଲି ଗ୍ରାମର ଲୋକେ ମଧ୍ୟ ଏବେ ସଂସ୍କୃତରେ କଥାବାର୍ତ୍ତା ହେଉଛନ୍ତି । ପୁଣି ମଧ୍ୟ ପ୍ରଦେଶ ଅନ୍ତର୍ଗତ ରାଜଗଡ଼ ଜିଲ୍ଲା ଅନ୍ତର୍ଗତ ଝିରି ଗାଁର ଲୋକେ ମଧ୍ୟ ସଂପ୍ରତି କେବଳ ସଂସ୍କୃତରେ କଥା ହେଉଥିବା ପ୍ରକାଶ । ଏମିତି ଧୀରେ ଧୀରେ ସଂସ୍କୃତ ଭାଷାର ପୁନରୁଦ୍ଧାର ହେଉଛି ।

ସାଧାରଣରେ ବେଦ ଭାଷା ବା ଭଗବାନଙ୍କ ଭାଷାରୂପେ ସଂସ୍କୃତକୁ ସମସ୍ତେ ବୁଝନ୍ତି । ତେବେ ଭାରତ ବାହାରେ ଅନେକ ଜାଣି ଆଶ୍ଚର୍ଯ୍ୟ ହେବେ ଯେ, ନେପାଳ, ଶ୍ରୀଲଙ୍କା, ଫିଲିପାଇନସ୍ ପରି କିଛି ବିଦେଶ ରାଷ୍ଟ୍ରରେ ସଂସ୍କୃତ ଭାଷାକୁ ସ୍ଥାନୀୟ ସରକାର ସମ୍ମାନ ଦେବା ସହ ସେମାନଙ୍କର ସରକାରୀ ଭାଷା ସିଡୁଲ୍‌ରେ ସଂସ୍କୃତ ପରି ପ୍ରାଚୀନତମ ଭାଷା ବି ସ୍ଥାନିତ ହୋଇଛି । ତେବେ ସାଧାରଣରେ ହିନ୍ଦୀ ଓ ସଂସ୍କୃତ ଅପେକ୍ଷା ହିନ୍ଦୀକୁ ରାଷ୍ଟ୍ରଭାଷା ରୂପେ ଗ୍ରହଣ କରାଯାଇଥିବାରୁ ସଂସ୍କୃତ ଭାଷା କିଛିକାଂଶରେ ପଛୁଆ ପଡ଼ିଯାଇଛି କହିଲେ ଭୁଲ୍ ହେବନାହିଁ । ସଂସ୍କୃତ ଭାଷାକୁ ଗୁଜୁରାଟ, ମହାରାଷ୍ଟ୍ର, କର୍ଣ୍ଣାଟକ, ତାମିଲନାଡୁ, କେରଳ ପରି ରାଜ୍ୟରେ ବହୁତ ଗୁରୁତ୍ୱ ଦିଆଯାଏ । ଏହି ରାଜ୍ୟମାନଙ୍କରେ ସଂସ୍କୃତ ବହିର ବ୍ୟାପକ ବିକ୍ରି ହେବା ସହିତ ସଂସ୍କୃତ ଭାଷାରେ କଥାବାର୍ତ୍ତା ଅଧିକାଂଶ ଲୋକ ହୋଇଥାନ୍ତି । ତେବେ ସବୁଠାରୁ ବଡ଼ କଥା ହେଉଛି ହଜାର ହଜାର ବର୍ଷ ତଳର ଏହି ଅତ୍ୟନ୍ତ ଲୋକପ୍ରିୟ ତଥା ଶୁଦ୍ଧ ଭାଷା କିନ୍ତୁ ସରକାରୀ ସ୍ତରରେ ସେପରି ପ୍ରୋତ୍ସାହନ ପାଉନାହିଁ । ବିଶ୍ୱବିଦ୍ୟାଳୟ ବା ବଡ଼ ବଡ଼ ମହାବିଦ୍ୟାଳୟରେ ସଂସ୍କୃତ ଭାଷାକୁ ପାଠ୍ୟକ୍ରମରେ ଗ୍ରହଣ କରୁଥିବା ଛାତ୍ରଛାତ୍ରୀଙ୍କ ସଂଖ୍ୟା କମ୍ । ଏ କ୍ଷେତ୍ରରେ ବଡ଼ ଅସୁବିଧା ହେଉଛି ସଂସ୍କୃତକୁ ନେଇ କ୍ୟାରିୟର କରିବା ପାଇଁ ସେପରି ନାଁ ବିଭାଗ ଅଛି ନାଁ କର୍ମବୃତ୍ତି । ଯାହାଦ୍ୱାରା ଏହି ଭାଷାକୁ କ୍ୱଚିତ୍ ଛାତ୍ରଛାତ୍ରୀ ଆଗ୍ରହର ସହ ଗ୍ରହଣ କରୁଛନ୍ତି । ଦ୍ୱିତୀୟତଃ ସଂସ୍କୃତ ଭାଷାରେ ବହି, ପତ୍ରପତ୍ରିକାର ପ୍ରଚଳନ କମ୍ । ଦିନଥିଲା ଗାଁ ଗଣ୍ଡା ବା ସହରରେ ଛତୁ ଫୁଟିଲା ପରି ଟୋଲ୍ ସ୍କୁଲ ସବୁ ଖୋଲିଥିଲା । ପରବର୍ତ୍ତୀ ସମୟରେ କିନ୍ତୁ ଏହି ଟୋଲ୍ ଗୁଡ଼ିକ ଏକ ପ୍ରକାର ମୃତପ୍ରାୟ ହୋଇଗଲା । ସରକାରୀ ସ୍ତରରେ ସେପରି ନା ସହାୟତା ରହିଲା ନା ସାଧାରଣରେ ଏହାକୁ ଗ୍ରହଣ କରିବା ପାଇଁ କିଛି ଆଗ୍ରହବୋଧ ! ସଂସ୍କୃତ ଭାଷାକୁ ଅତ୍ୟନ୍ତ ନିଷ୍ଠାର ସହିତ ଶ୍ରଦ୍ଧା ରଖୁଥିବା, କର୍ମକାଣ୍ଡ ବ୍ରାହ୍ମଣ ବା କିଛି ଭିନ୍ନ ରୁଚିର ମେଧାବୀମାନେ ବର୍ତ୍ତମାନ ସଂସ୍କୃତ ଭାଷାକୁ ଗ୍ରହଣ କରୁଛନ୍ତି । ସାଧାରଣରେ ସରକାରୀ ସ୍କୁଲରେ ସଂସ୍କୃତ ପଣ୍ଡିତମାନଙ୍କ ନିଯୁକ୍ତି ପ୍ରକ୍ରିୟା ଏହାଭିତରେ ଏକ ପ୍ରକାର ସ୍ଥାଣୁ ପାଲଟି ଯାଇଛି । ଚଳିତ ବର୍ଷ ମାଟ୍ରିକ୍ ପରୀକ୍ଷାରେ ହିନ୍ଦୀ ଓ ସଂସ୍କୃତ ଭାଷାର ପିଲାମାନେ ଅନେକ ସମସ୍ୟା ସାମ୍ନା କରିବା ସହ ସେମାନଙ୍କ ପରୀକ୍ଷା ଫଳ ମଧ୍ୟ ଅଧିକାଂଶ କ୍ଷେତ୍ରରେ ଖରାପ ହୋଇଥିଲା । ତେବେ ଯାହାହେଉନା କାହିଁକି ସଂସ୍କୃତ ଭାଷାକୁ ବିଦେଶରେ କିନ୍ତୁ ଦିନକୁ ଦିନ ଆଗ୍ରହ ରଖୁଛନ୍ତି ବିଦେଶୀମାନେ । ଭାରତରେ ଯେଉଁ ଭାଷା ସୃଷ୍ଟି ହୋଇ ମୃତପ୍ରାୟ ହେବାକୁ ଯାଉଛି ସେ ଭାଷା କିନ୍ତୁ ଦେଶ ବିଦେଶରେ ବେଶ୍ ଆଗ୍ରହ ରଖୁଛି ଜାଣିବା ଓ ଶିଖିବାରେ । ବର୍ତ୍ତମାନ ଛୋଟ ପିଲାଟି ନିଜ ଜେଜ ବା ଗୋସେଇଁ ବାପାଙ୍କ ଅମଳର ସଂସ୍କୃତ ବହିଟି ଦେଖିଲେ ତାକୁ ଏକପ୍ରକାର ବିଚିତ୍ର ଭାଷା ପରି ହୃଦ୍‌ବୋଧ ହେଉଛି । କାରଣ ପିଢ଼ୀ ପରେ ପିଢ଼ୀ ସଂସ୍କୃତ ଭାଷାଟି ସେପରି ଶ୍ରଦ୍ଧା ବା ଭଲ ପାଇବା ପାଉନାହିଁ । ଆସନ୍ତୁ ଆଜିପରି ଏକ ଅନୁଚିନ୍ତନର ଦିବସରେ ସଂସ୍କୃତର ଭାଷାକୁ ଭଲପାଇବାର, ଜାଣିବାର ଶ୍ରଦ୍ଧା ବଢ଼ାଇବାର ସ୍ମରଣୀୟ ଦିବସଟିଏ ହେଉ । ଏହି ଦିବସଟି ଆମ ସମସ୍ତଙ୍କ ପାଇଁ ଏହି ଦେବ ଓ ମହାନ୍ ଭାଷା ପ୍ରତି ମମତାବୋଧକୁ ବଢ଼ାଉ ଏହା ହିଁ କାମନା । ଏହି ପ୍ରସଙ୍ଗରେ ଯୁଗାବତାର ପରମ ପୁରୁଷୋତ୍ତମ ଭଗବାନ ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର କହିଛନ୍ତି – 'ସଂସ୍କୃତ ଭାଷା ହିଁ ହେଉଛି ସମସ୍ତ ଭାଷାର ଆଦିଭାଷା। ଏପରିକି ଇଂରାଜୀ ଭାଷା ମଧ୍ୟ ସଂସ୍କୃତ ଭାଷାରୁ ହିଁ ସୃଷ୍ଟି।' ଶ୍ରୀ ଶ୍ରୀ ଠାକୁର ଆଶା ପ୍ରକାଶ କରିଛନ୍ତି, ଯେ ସଂସ୍କୃତ ଭାଷା ହିଁ ଭାରତର ଜାତୀୟ ଭାଷାର ମାନ୍ୟତା ପାଇବା ଉଚିତ। ସଂସ୍କୃତ ହିଁ ହେଉଛି ଦେବଭାଷା ଓ ଆର୍ଯ୍ୟ ଭାରତ ବର୍ଷର ଋଷି ପରମ୍ପରା ଅନୁଯାୟୀ ସଂସ୍କୃତ ଭାଷାର ଉନ୍ନତି ଉପରେ ଆର୍ଯ୍ୟ ଭାରତ ବର୍ଷର ଉନ୍ନତି, ସଂହତି ଓ ବୈଦିକ ଅନୁଚିନ୍ତନ ତଥା ସର୍ବଧର୍ମ ସମନ୍ୱୟର ପ୍ରଚାର ଓ ପ୍ରସାର ନର୍ଭର କରେ।

ପ୍ରଫେସର, ହେପାଟୋଲୋଜି ବିଭାଗ,
ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡ଼ିକାଲ କଲେଜ, କଟକ,

# ଦ୍ରୁତ ଗତିରୁ ହିଁ ବଡ଼ ସଡ଼କ ଦୁର୍ଘଟଣା

॥ ଅଭୟ କୁମାର ଦାସ ॥

ଦ୍ରୁତଗତି ମହାବିପତ୍ତି। ଦ୍ରୁତଗତିରେ ଗାଡ଼ି ଚାଳନା କଲେ ଦୁର୍ଘଟଣା ନିଶ୍ଚିନ୍ତ ଓ ଜୀବନ ସଙ୍କଟାପନ୍ନ ସୁନିଶ୍ଚିତ। ତେବେ ଏନେଇ ରାଜ୍ୟ ସରକାର ସବୁବେଳେ ଚିନ୍ତା ପ୍ରକଟ କରୁଛନ୍ତି ଓ ଓଡ଼ିଶା ଏକ ଦୁର୍ଘଟଣା ପ୍ରବଳ ରାଜ୍ୟ ହୋଇଥିଲେ ବି ସରକାରଙ୍କ ବ୍ୟାପକ ସଚେତନତା ପାଇଁ କିଛିକାଂଶରେ ଦୁର୍ଘଟଣା ହ୍ରାସ ପାଉଛି। ନିକଟରେ ଏକ ସରକାରୀ ପରିସଂଖ୍ୟାନର ତଥ୍ୟ ଅନୁଯାୟୀ ଦ୍ରୁତଗତିରୁ ଓଡ଼ିଶାରେ ପ୍ରାୟ ୭୦% ଦୁର୍ଘଟଣା ଘଟୁଛି। ଗଲା ୧୦ ବର୍ଷ ରାଜ୍ୟରେ ପ୍ରାୟ ୪୫ ହଜାର ବ୍ୟକ୍ତିଙ୍କ ମୁଣ୍ଡ ଗଡ଼ିଲାଣି। ଯେଉଁଥିରୁ ୭୦% ହେଉଛନ୍ତି ଯୁବପିଢ଼ି। ଦୁର୍ଘଟଣାପ୍ରବଣ ଜିଲ୍ଲା ହେଉଛି ଯାଜପୁର, ମୟୂରଭଞ୍ଜ, ସୁନ୍ଦରଗଡ଼, କେନ୍ଦୁଝର, ଗଞ୍ଜାମ, କଟକ ଓ ଖୋର୍ଦ୍ଧା। ଦୁର୍ଘଟଣାର ଏହି ବର୍ଦ୍ଧିତ ଗ୍ରାଫକୁ ନେଇ ରାଜ୍ୟ ବାଣିଜ୍ୟ ଓ ପରିବହନ ବିଭାଗ ଚିନ୍ତା ପ୍ରକଟ କରିଛନ୍ତି। ସଡ଼କ ସୁରକ୍ଷାଜନିତ ଯୋଜନା, ସଚେତନତା ଓ ଅଭିଯାନକୁ ଆହୁରି କ୍ରିୟାଶୀଳ କରାଇବାକୁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ମିଳିଛି।

ନିକଟରେ ରାଜ୍ୟ ସରକାରଙ୍କ ପରିବହନ ବିଭାଗର ମନ୍ତ୍ରୀଙ୍କ ତଥ୍ୟ ଅନୁଯାୟୀ ଆମ ଦେଶର ମୋଟରଯାନ ସଂଖ୍ୟା ସାରା ବିଶ୍ୱ ତୁଳନାରେ ମାତ୍ର ଏକ ପ୍ରତିଶତ। କିନ୍ତୁ ସର୍ବାଧିକ ୧୧ ଭାଗ ସଡ଼କ ଦୁର୍ଘଟଣା ଆମ ଦେଶରେ ଘଟୁଛି। ୨୦୨୨ରେ ୧.୪ ଲକ୍ଷ ଲୋକ ଦୁର୍ଘଟଣାରୁ ମରିଥିଲେ। ପ୍ରତି ଘଣ୍ଟାରେ ହାରାହାରି ୧୬ଜଣଙ୍କ ମୁଣ୍ଡ ଗଡୁଛି। ଚିନ୍ତାର ବିଷୟ ଯେ ଓଡ଼ିଶାରେ ଶହେ ଦୁର୍ଘଟଣାରୁ ୪୮ ଜଣ ମରୁଥିବା ବେଳେ ଜାତୀୟ ସ୍ତରରେ ଏହା ୩୬ରେ ସୀମିତ। ୨୦୨୩ ଜାନୁୟାରୀରୁ ଜୁନ ଭିତରେ ଗତବର୍ଷ ତୁଳନାରେ ଦୁର୍ଘଟଣାଜନିତ ମୃତ୍ୟୁ ସଂଖ୍ୟା ପ୍ରାୟ ୫% ବଢ଼ିଛି। ୨୦୨୩ରେ ୬୨୭୨ ଦୁର୍ଘଟଣାରୁ ୨୯୯୧ ଜଣଙ୍କ ପ୍ରାଣ ଯାଇଥିବାବେଳେ ୨୦୨୨ ମୋଟ ୨୮୪୯ ଜଣ ମରିଥିଲେ। ୨୦୨୨ ମସିହାରେ ୫୪୬୭ ଜଣଙ୍କ ଦୁର୍ଘଟଣାଜନିତ ମୃତ୍ୟୁ ଘଟିଛି। ହେଲମେଟ ନ ପିନ୍ଧିବାରୁ ୧୬୯୫ ଜଣ ବାଇକ ଆରୋହୀଙ୍କ ପ୍ରାଣ ଯାଇଛି। ହେଲମେଟ ପିନ୍ଧି ଗାଡ଼ି ଚଳାଇବାକୁ ସେ ଗୁରୁତ୍ୱ ଦେଇଥିଲେ। ମୁଖ୍ୟମନ୍ତ୍ରୀ ସଡ଼କ ସୁରକ୍ଷା ଯୋଜନା ପାଇଁ ୧୪୫ କୋଟି ଟଙ୍କାର ବଜେଟ ବନାଯାଇଛି। ରାସ୍ତା ପାର୍ଶ୍ୱ ଗ୍ରାମାଞ୍ଚଳରୁ ଅତିକମରେ ୧୦ଜଣ ବ୍ୟକ୍ତିଙ୍କୁ ଦୁର୍ଘଟଣାଜନିତ ପ୍ରାଥମିକ ଚିକିତ୍ସା ସମ୍ପର୍କରେ ପ୍ରଶିକ୍ଷଣ ଦିଆଯିବ। ବିଶେଷଜ୍ଞମାନେ ସ୍କୁଲ ଓ କଲେଜ ଛାତ୍ରଛାତ୍ରୀଙ୍କୁ ସଚେତନ କରାଇବା ଆବଶ୍ୟକ। ସଡ଼କ ଦୁର୍ଘଟଣା ପୀଡ଼ିତଙ୍କୁ ସାହାଯ୍ୟ ପାଇଁ ଏକ ସ୍ୱେଚ୍ଛାସେବୀ ଗୋଷ୍ଠୀ ଗଢ଼ାଯାଇଛି। ସେମାନଙ୍କୁ ଫାଷ୍ଟ ରେସପୋଣ୍ଡର ଟ୍ରେନିଂ ଦିଆଯାଉଛି। ବ୍ଲାକ ସ୍ପଟକୁ ସର୍ଭେ କରାଯାଇ ତ୍ରୁଟି ସୁଧରାଯାଉଛି। ରୋଡ଼ ସାଇନେଜ ଅଡ଼ିଟ କରାଯାଉଛି। ଇଣ୍ଟେଲିଜେଣ୍ଟ ଟ୍ରାଫିକ ପରିଚାଳନାରେ ଇ-ଡିଟେକ୍ସନ ଯୋଗେ ଅମାନିଆ ସାବାଡ଼ ହେଉଛନ୍ତି। ସିସିଟିଭି ସଂଯୋଗ ପାଇଁ ୨୦୦ କୋଟି ଟଙ୍କା ବ୍ୟୟ ହେଉଛି।

ପରିବହନ ଆୟୁକ୍ତଙ୍କ କହିବାନୁଯାୟୀ ୨୦୨୩ ଜାନୁଆରୀରୁ ଜୁନ ଭିତରେ ଖୋର୍ଦ୍ଧା ଜିଲ୍ଲାରେ ସର୍ବାଧିକ ୫୯୭ଟି ଦୁର୍ଘଟଣା ଘଟିଛି। ସୁନ୍ଦରଗଡ଼ରେ ୪୫୩, କଟକରେ ୪୦୪, କେନ୍ଦୁଝରରେ ୪୦୩, ଗଞ୍ଜାମରେ ୩୮୬ ଦୁର୍ଘଟଣା ହୋଇଛି। ଯାନବାହନର ଅତ୍ୟଧିକ ବେଗ, ନିଶାସକ୍ତ ହୋଇ ଗାଡ଼ିଚାଳନା, ବିପରୀତ ପାର୍ଶ୍ୱରେ ଗାଡ଼ି ଚାଳନା, ମୋବାଇଲ ଫୋନ ଧରି ଗାଡ଼ି ଚଳାଇବାରୁ ଅଧିକାଂଶ ଦୁର୍ଘଟଣା ଘଟୁଛି। ଓଡ଼ିଶାରେ ପ୍ରତିବର୍ଷ ପ୍ରାୟ ୫ ହଜାର ଲୋକ ସଡ଼କ ଦୁର୍ଘଟଣାରେ ପ୍ରାଣ ହରାଉଥିବା ବେଳେ ଏହାର ଦୁଇଗୁଣା ଆହତ ହେଉଛନ୍ତି। ଜାତୀୟ ଓ ରାଜ୍ୟ ରାଜପଥରେ ପ୍ରାୟ ୭୦% ଦୁର୍ଘଟଣା ଘଟୁଥିବାବେଳେ ଏଥିରେ ମୃତାହତଙ୍କ ସଂଖ୍ୟା ମଧ୍ୟ ଅଧିକ। ସହର ଭିତରେ ଥିବା ଛକ ଭଳି ରାଜପଥରେ ଟ୍ରାଫିକ ନିୟମ ଉଲ୍ଲଙ୍ଘନକାରୀଙ୍କୁ ଅଟକାଇ ଯାଞ୍ଚ କରିବା ସମ୍ଭବ ନୁହେଁ। ଏହାକୁ ଦୃଷ୍ଟିରେ ରଖି ସୂଚନା ପ୍ରଯୁକ୍ତିକୁ ଉପଯୋଗ କରି ରାଜପଥ ଉପରେ ସଡ଼କ ଦୁର୍ଘଟଣା ହ୍ରାସ କରିବା ଉପରେ ଗୁରୁତ୍ୱ ଦିଆଯାଇଛି। ଓଡ଼ିଶା ସରକାରଙ୍କ ପରିବହନ ବିଭାଗ ସର୍ବାଧିକ ଗୁରୁତ୍ୱ ଦେଇ ଲୋକମାନଙ୍କର ଧନଜୀବନ ଓ ସଡ଼କ କ୍ଷେତ୍ରକୁ ପ୍ରାଥମିକତା ଦେବା ଦ୍ୱାରା ରାଜ୍ୟରେ ଉଦବେଗଜନକ ଭାବେ ସଡ଼କ ଦୁର୍ଘଟଣା ଓ ଦୁର୍ଘଟଣାଜନିତ ମୃତ୍ୟୁ ହ୍ରାସ ପାଇଛି। ଏ କ୍ଷେତ୍ରରେ ସର୍ବଭାରତୀୟ ସ୍ତରରେ ଓଡ଼ିଶା ପ୍ରଥମ ରାଜ୍ୟର ମାନ୍ୟତା ପାଇଛି।

ଗୋତରା, ମାହାଙ୍ଗା, କଟକ



# ଅଞ୍ଚଳ କଥା

ଆପଣା ମାଟିର କଥା ଓ ବ୍ୟଥା





## ବାରକୋଟ ରେ ବରିଷ୍ଠ ନାଗରିକଙ୍କ ସଚେତନତା ସମ୍ମିଳନୀ



ଦେବଗଡ଼ (ମହ ଭାରତ)ସୋମବାର ଦିନ ବାରକୋଟ ବ୍ଲକ ପରିସରରେ ପଞ୍ଚାନନ ସାହୁଙ୍କ ସଭାପତିତ୍ୱରେ ବାରକୋଟ ବ୍ଲକର ୨୪ଗୋଟି ଗ୍ରାମପଂଚାୟତରୁ ସାଢେତିନିଶହ ରୁ ଉର୍ଦ୍ଧ ଜଣ ବରିଷ୍ଠ ନାଗରିକଙ୍କୁ ନେଇ ବରିଷ୍ଠ ନାଗରିକ ମଞ୍ଚର ଏକ ଗୁରୁତ୍ୱପୂର୍ଣ୍ଣ ସାଧାରଣ ବୈଠକ ଓ ସଚେତନତା ଶିବିର ଆଜି ଅନୁଷ୍ଠିତ ହୋଇଯାଇଛି। ବାରକୋଟ ବ୍ଲକ ସ୍ତରୀୟ ବରିଷ୍ଠ ନାଗରୀକ ମଞ୍ଚ ସଭାପତି ପଞ୍ଚାନନ ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ବୈଠକରେ ମୁଖ୍ୟ ଅତିଥି ଭାବେ ଦେବଗଡ ଜିଲ୍ଲାର ବିଧାୟକ ଶ୍ରୀ ରୋମା ରଞ୍ଜନ ବିଶ୍ୱାଳ, ମୁଖ୍ୟ ବକ୍ତା ଭାବେ ଦେବଗଡ ଜିଲ୍ଲା ଆରକ୍ଷୀ ଅଧକ୍ଷ ଶ୍ରୀ ଅନିଲ କୁମାର ମିଶ୍ର ଯୋଗଦେଇ ବରିଷ୍ଠ ନାଗରିକଙ୍କ ପାଇଁ ସୁରକ୍ଷା,ସମାଜିକ ସମସ୍ୟା ଓ ଆଇନ ଶୃଙ୍ଖଳା ସମ୍ପର୍କିତ ବିଭିନ୍ନ ପ୍ରସଙ୍ଗ ଉପରେ ଆଲୋକପାତ କରିଥିଲେ। ସାଇବର ଅପରାଧ, ସଡ଼କ ସୁରକ୍ଷା ଉପରେ ସଚେତନତା କରାଯାଇଥିଲା। ବାର୍ଦ୍ଧକ୍ୟ ସମୟରେ ପରିବାର ସହିତ କିଭଳି ସୁସମ୍ପର୍କ ସ୍ଥାପନ କରି ଜୀବନ ଅତିବାହିତ କରିପାରିବେ ସେ ସମ୍ପର୍କରେ ପରାମର୍ଶ କରାଯାଇଥିଲା। ବରିଷ୍ଠ ନାଗରିକ ମାନଙ୍କୁ ପୁଲିସ ତରଫରୁ ପ୍ରାଥମିକତା ଦିଆଯାଉଛି । କୌଣସି ସମସ୍ୟାର ସମ୍ମୁଖିନ ହେଲେ ନିକଟସ୍ଥ ଥାନାକୁ ଜଣାଇବା ପାଇଁ କୁହାଯାଇଥିଲା ।ଏଥିସହ ବରିଷ୍ଠ ନାଗରିକ ପରିଚୟ ପତ୍ର ପ୍ରଦାନ କରାଯିବା ସହିତ ବାହାରକୁ ଯାଉଥିବା ବେଳେ ସାଙ୍ଗରେ ଉକ୍ତ ପରିଚୟ ପତ୍ର ନେଇଥିଲେ ବରିଷ୍ଠ ନାଗରିକଙ୍କ ପାଇଁ ରହିଥିବା ବିଭନ୍ନ ସୁବିଧା ସୁଯୋଗ ସହଜରେ ମିଳି ପାରିବ ବୋଲି ସଚେତନ କରାଯାଇଥିଲା ।ଏଥିସହ ଶେଷରେ ସମସ୍ତ ବରିଷ୍ଠ ନାଗରିକ ସହମତି କ୍ରମେ ବିଭିନ୍ନପ୍ରକାର ସହାୟତାର ଦାବୀ ପତ୍ର ଜିଲ୍ଲା ଆରକ୍ଷୀ ଅଧିକାରୀ ଏବଂ ଦେବଗଡ ବିଧାୟକ ମହୋଦୟଙ୍କୁ ପ୍ରଦାନ କରିଥିଲେ ଏବଂ ବରିଷ୍ଠ ନାଗରିକମାନଙ୍କ ମଧ୍ୟରେ ଏକତା ଓ ସେବା ମନୋଭାବ ବୃଦ୍ଧି କରିବା ପାଇଁ ସମସ୍ତେ ସଂକଳ୍ପବଦ୍ଧ ହୋଇଥିଲେ।

## ଚତୁର୍ଥ ଦିବସରେ ମୁଖ୍ୟମନ୍ତ୍ରୀ ଙ୍କ ଟ୍ରଫି ପ୍ରତିଯୋଗିତା

ଦେବଗଡ଼ (ମହାଭାରତ):ଆଜି ଜିଲ୍ଲା କ୍ରୀଡା ସଂଘ ଓ ଜିଲ୍ଲା ପ୍ରଶାସନ ଆନୁକୂଲ୍ୟରେ ଇନ୍ଦିରାଗାନ୍ଧୀ ଷ୍ଟାଡିୟମ୍ ରେ ମୁଖ୍ୟମନ୍ତ୍ରୀ ଟ୍ରଫି ଅନ୍ତଃ କ୍ଲବ୍ ଓ ଅନ୍ତଃ ଜିଲ୍ଲା ଖେଳ ପ୍ରତିଯୋଗିତା ୨୦୨୬ ଦ୍ୱିତୀୟ ସଂସ୍କରଣ ତା ୧୦.୦୪.୨୦୨୬ରିଖ ରୁ ତା ୧୯.୦୪.୨୦୨୬ ରିଖ ପର୍ଯ୍ୟନ୍ତ ୧୪ ବର୍ଷରୁ କମ୍ ବୟସ ର ପୁଅ ଏବଂ ଝିଅ ମଧ୍ୟରେ ଫୁଟବଲ୍, ଖୋକ ,ଭଲିବଲ୍ ଓ କବାଡି ଖେଳ ଅନୁଷ୍ଠିତ ହେଉଅଛି ।ଆଜି ଚତୁର୍ଥ ଦିବସରେ ଜିଲ୍ଲା କ୍ରୀଡ଼ା ଅଧିକାରୀ ହେମନ୍ତ ସିଂ ଙ୍କ ତ□ାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ରମେଶ ମହାନା ଓ ବରୋଣ୍ୟ ଅତିଥି ଭାବେ ଅତିରିକ୍ତ ଜିଲ୍ଲାପାଳ ରେବେକା ବିଲୁଙ୍ଗ, ନେସନାଲ ଖୋକୋ କୋଚ୍ ଅନିଲ ଲକ୍ଷ୍ମଣ ଗଞ୍ଜାବେ , ଜିଲ୍ଲା କ୍ରୀଡ଼ା ସଂସଦ ସମ୍ପାଦକ ଧୀରେନ୍ଦ୍ର ନାୟକ ଓ ଉପସଭାପତି କ୍ରୀଡ଼ା ସଂସଦ ଦେବଗଡ଼ ସତ୍ୟନାରାୟଣ ମିଶ୍ର ପ୍ରମୁଖ ଯୋଗଦେଇ କାର୍ଯ୍ୟକ୍ରମକୁ ଶୁଭାରମ୍ଭ କରିଥିଲେ ।ପ୍ରଥମ ବାଳକ ବିଭାଗ ଫୁଟବଲ୍ ମ୍ୟାଚ୍ ମହାଲକ୍ଷ୍ମୀ କ୍ଲବ୍ ବନାମ ମା ମଙ୍ଗଳା କ୍ଲବ୍ ମଧ୍ୟରେ ଅନୁଷ୍ଠିତ ହୋଇଥିଲା ।ଏହି ମ୍ୟାଚ୍ ଟି ୧-୧ ଗୋଲରେ ଡ୍ର ହୋଇଯାଇଥିଲା ।ଖେଳ କୁ ପରିଚାଳନା କରିଥିଲେ ସୌରଭ କୁମାର ନାୟକ, ମୁକୁନ୍ଦ ବେହେରା, ଆଲୋକ କୁମାର ବେହେରା,ଚିନ୍ମୟ ସାହୁ ,ପ୍ରଦୀପ କିସାନ ଓ ମ୍ୟାଚ୍ କମିଶନର ପ୍ରଦୀପ କୁମାର ବେହେରା କାର୍ଯ୍ୟ ତୁଲାଇଥିଲେ। କାର୍ଯ୍ୟକ୍ରମରେ ବିଭିନ୍ନ କ୍ରୀଡ଼ା ଶିକ୍ଷକ, ଶିକ୍ଷୟତ୍ରୀ ,ଛାତ୍ର ଓ ଛାତ୍ରୀ ପ୍ରମୁଖ ଉପସ୍ଥିତ ଥିଲେ ।କାର୍ଯ୍ୟକ୍ରମ କୁ ଜିଲ୍ଲା କ୍ରୀଡ଼ା ସଂସଦ ସମ୍ପାଦକ ଶ୍ରୀ ନାୟକ ସଂଯୋଜନା କରିଥିଲେ।

## ଆସିକା ବଡ଼ନଦୀ ମଧ୍ୟରୁ ଅଜଣା ମୃତ ଦେହ ଉଦ୍ଧାର

ଆସିକା(ମହାଭାରତ): ଆସିକା ଥାନା ମକୁନ୍ଦପୁର ନିକଟ ବଡନଦୀ ମଧ୍ୟରୁ ଏକ ଅଜଣା ବ୍ୟକ୍ତି ର ମୃତ ଦେହ ଉଦ୍ଧାର, କାରଣ ଅସ୍ପଷ୍ଟ ଥିବା ଆସିକା ଥାନା ପୋଲିସ ପ୍ରକାଶ କରିଛି ।ଆସିକା ପୋଲିସ କେସ ନମ୍ବର ୦୮/୨୪ ରେ ଏକ ଅପମୃତ ମାମଲା ରୁଜୁ କରି ପୋଲିସ ତଦନ୍ତ ଚଳାଇଛନ୍ତି । ଘଟଣା ସ୍ଥଳରେ ଆସିକା ଥାନା ଅଧିକାରୀ ସୁଧୀର କୁମାର ସାହୁ ,ଆସିକା ଉପଖଣ୍ଡ ପୋଲିସ ଅଧିକାରୀ ସନ୍ତୋଷ କୁମାର ଜେନା ପହଞ୍ଚି ତଦନ୍ତ ଚଳାଇଛନ୍ତି । ଏପଟେ ଆସିକା ସହକାରୀ ତହସିଲଦାର ଅମରେଶ ସାବତ ଙ୍କ ଉପସ୍ଥିତରେ ଶବ ପା□ନାମା କରାଯାଇ ଶବ କୁ ବ୍ୟବଛେଦ ପାଇଁ ବ୍ରହ୍ମପୁର ମେଡିକାଲ ଠାରେ ରଖାଯାଇଛି । ପ୍ରକାଶ ଥାଉକି ଗତ ଦୁଇ ରୁ ଚାରିଦିନ ତଳେ ଏହି ଯୁବକ ମୃତ ହୋଇଥିବା ପୋଲିସ ଅନୁମାନ କରୁଛି । ଆଖ ପାଖ ଅଞ୍ଚଳର କୌଣସି ଯୁବକ ନିଖୋଜ ହେବାର କିମ୍ବା ଆସିକା ଏବଂ କୋଟିନଡା ଥାନା ରେ ନିଖୋଜ ବ୍ୟକ୍ତି ସମ୍ପର୍କରେ କୌଣସି ଅଭିଯୋଗ ହୋଇନାହିଁ । ପାଖା ପାଖି ଗାଁ ମାନଙ୍କ ରେ ଏହି ମୃତ୍ୟୁ ଖବର ପ୍ରାସାରିତ ହେବା ପରେ ମଧ କେହି ଏହି ଯୁବକ ର ପରିଚୟ ମିଳି ପାରିଲା ନାହିଁ ।

## ନୂଆଗାଁ ବ୍ଲକରେ ନୟାଗଡ଼ ଜିଲ୍ଲାପାଳଙ୍କ ଯୁଗ୍ମଜନ ଶୁଣାଣି

ନୂଆଗାଁ (ମହାଭାରତର) : ନୟାଗଡ଼ ଜିଲ୍ଲା ନୂଆଗାଁ ବ୍ଲକ୍ ପରିସରରେ ଥିବା ରାଜୀବଗାନ୍ଧୀ ସଦଭାବନା ଗୃହରେ ସୋମବାର ନୟାଗଡ଼ ଜିଲ୍ଲାପାଳଙ୍କ ବ୍ଲକ୍ ସ୍ତରୀୟ ଯୁଗ୍ମ ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି ।ଏହି କାର୍ଯ୍ୟକ୍ରମରେ ନୟାଗଡ଼ ଜିଲ୍ଲାପାଳ ଶ୍ରୀମତୀ ମଧୁମିତା ରଥ,ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ଜିଲ୍ଲାପରିଷଦ ମୁଖ୍ୟ କାର୍ଯ୍ୟ ନିର୍ବାହୀ ଅଧିକାରୀ ଲଗ୍ନଜିତ ରାଉତ,ଅତିରିକ୍ତ ଜିଲ୍ଲାପାଳ ରୋଜିନା ଦାସ,ଜିଲ୍ଲା ଆରକ୍ଷୀ ଅଧିକ୍ଷକ ଏସ ସୁଶ୍ରୀ,ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଓ ଜନ ସ୍ୱାସ୍ଥ୍ୟ ଅଧିକାରୀ ସୁଶ୍ରୀ ନୀଳିମା ଲାକ୍ରା , ନୂଆଗାଁ ବ୍ଲକ ଅଧକ୍ଷା ଲକ୍ଷ୍ମୀପ୍ରିୟା ବେହେରା,ନୂଆଗାଁ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଡା. ଅମୃତ କୁମାର ରାଉଳ ,ତହସିଲଦାର ହେମନ୍ତ କୁମାର ନାୟକ ସମେତ ସମସ୍ତ ଲାଇନ ବିଭାଗର ଅଧିକାରୀ ମାନେ ଉପସ୍ଥିତ ରହିଥିଲେ ।ବ୍ଲକର ସମସ୍ତ ଲାଇନ ବିଭାଗ ଅଧିକାରୀ ଉପସ୍ଥିତ ରହିଥିବା ବେଳେ ବିଭିନ୍ନ ବିଭାଗକୁ ଆସୁଥିବା ଅଭିଯୋଗ ରାସନ କାର୍ଡ଼ ସଂଯୋଗୀ କରଣ ଠାରୁ ପାନୀୟ ଜଳ ସମସ୍ୟା ଓ ଶିକ୍ଷା,ସ୍ୱାସ୍ଥ୍ୟ ଏବଂ ଗମନାଗମନ ଆଦି ତୁରନ୍ତ ସମାଧାନ କରିବା ପାଇଁ ଜିଲ୍ଲାପାଳ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ ।ଉକ୍ତ ଅଭିଯୋଗ ପ୍ରକୋଷ୍ଠରେ ମୋଟ ୬୦ଟି ଆପତ୍ତି ଅଭିଯୋଗ ହୋଇଥିଲା।

## ବିଦ୍ୟୁତ ଆଘାତରେ ପାଟଳାର ୩ ଦଣ୍ଡୁଆ ମୃତ୍ୟୁ ଘଟଣା

# କ୍ଷତିପୂରଣ ଦାବୀରେ ପାଟଳା ଗ୍ରାମବାସୀଙ୍କ ଦ୍ୱାରା ରାସ୍ତା ଅବରୋଧ

ହିନ୍ଦୋଳ(ମହାଭାରତ)ହିନ୍ଦୋଳ ଉପଖଣ୍ଡ ସାତମାଇଲ ଦେଇ ଯାଇଥିବା ପୁରୁଣା କଟକ ସମ୍ବଲପୁର ରାସ୍ତା କୁ ସୋମବାର ପାଟଲା ଗ୍ରାମବାସୀ ସମେତ ଆଖ ପାଖ ଗ୍ରାମର ବହୁ ଜନସାଧାରଣ ଆସି ଅବରୋଧ କରିଥିବା ଦେଖାଯାଇଥିଲା ସକାଳ ୮ ଟାରୁ ଦିର୍ଘ ୬ ଘଣ୍ଟା ପରେ ପ୍ରତିଶୃତି ପାଇବା ପରେ ଜନସାଧାରଣ ରାସ୍ତା ଅବରୋଧରୁ ଉଠିଛନ୍ତି ।ପ୍ରକାଶ ଥାଏକି ଗତ ରବିବାର ସଂଧ୍ୟାରେ ଦଣ୍ଡ ନାଚ ପୂର୍ବରୁ କିଛି ମାନସିକ ଧାରି ଟେ□ ଭିଡୁଥିବା ସମୟରେ ୧୧ କେଭି ବିଦ୍ୟୁତ ତାର ସଂସ୍ପର୍ଶରେ ଆସିବା ଫଳରେ ବାଲିମି ଥାନା ଅନ୍ତର୍ଗତ ପାଟଲା ଗ୍ରାମର ସୁଧାକର ସାହୁ , ଲକ୍ଷ୍ମୀଧର ସାହୁ ଓ ମୋଟଙ୍ଗା ଥାନା ବିଡୋ ଗ୍ରାମର ମିଳନ ମହାଳିକ ଙ୍କୁ ଅନୁଗୁଳ ଡାକ୍ତରଖାନାରେ ଡାକ୍ତର ମୃତ୍ୟୁ ଘୋଷଣା କରିଥିବା ସମୟରେ ପାଟଲା ଗ୍ରାମର ପ୍ରଫୁଲ ତରାଇ ଓ ନିର୍ମଳ ସାହୁ ଗୁରୁତର ଥିବାରୁ ସେମାନଙ୍କୁ କଟକ ବଡ ଡାକ୍ତରଖାନାକୁ ପଠାଇଦିଆଯାଇଥିଲା ।ଏନେଇ ସକାଳ ୮ଟାରୁ ଶହ ଶହ ଗ୍ରାମବାସୀ ସାତମାଇଲ ଛକ କୁ ଆସି ସମସ୍ତ ପରିବାରକୁ ତୁରନ୍ତ କ୍ଷତି ପୁରଣ ଦାବୀରେ ରାସ୍ତା ଅବରୋଧ କରିଥିଲେ ୟ ପୂର୍ବତନ ସାଂସଦ ମହେଶ ସାହୁ ଘଟଣା ସ୍ଥଳରେ ପହଞ୍ଚି କ୍ଷତିଗ୍ରସ୍ତ ପରିବାର ବର୍ଗକୁ କ୍ଷତିପୂରଣ ଦେବାକୁ ଦାବୀ କରିଥିବା ସମୟରେ ଘଟଣା ସ୍ଥଳକୁ ବାଲିମୀ ଥାନାଧିକାରିଣୀ ଚାରୁଲତା ବେହେରା , ରାସୋଳ ଥାନାଧିକାରୀ ବିଶ୍ୱରଂଜନ ମହାନ୍ତି , ମୋଟଙ୍ଗା ଥାନାଧିକାରୀ ଦୀପକ ଲେଙ୍କା ଓ ହିନ୍ଦୋଳ ଉପଖଣ୍ଡ ପୋଲିସ



ଅଧିକାରୀ ସତ୍ୟ କୁମାର ନନ୍ଦ , ହିନ୍ଦୋଳ ତହସିଲଦାର ଦିଲ୍ଲିପ କୁମାର ସେଠି , ହିନ୍ଦୋଳ ଉପଜିଲ୍ଲାପାଳ ପ୍ରଭାସ କୁମାର ବେହୁରା ପ୍ରମୁଖ ଲୋକଙ୍କୁ ବୁଝାସୁଝା କରି ଶାନ୍ତି ଶୃଙ୍ଖଳା ରକ୍ଷା କରିବାକୁ ଅନୁରୋଧ କରିଥିଲେ । ହିନ୍ଦୋଳ ବିଧାୟିକା ସୀମାରାଣୀ ନାୟକ ଘଟଣା ସ୍ଥଳରେ ପହଞ୍ଚି ଆନ୍ଦୋଳନକାରୀ ଙ୍କ ସହ ଆଲୋଚନା କରି ଉପଖଣ୍ଡ ବିଦ୍ୟୁତ ବିଭାଗ ଅଧିକାରୀ ସନ୍ତୋଷ କୁମାର ମହାପାତ୍ର ଓ ବିଦ୍ୟୁତ ବିଭାଗ କନିଷ୍ଠ ଯନ୍ତ୍ରୀ ମାନସ ରଂଜନ ବେହେରାଙ୍କୁ ଘଟଣା ସ୍ଥଳକୁ ଡାକି କ୍ଷତି ଗ୍ରସ୍ତ ପରିବାରକୁ ସମସ୍ତ ପ୍ରକାର ସହଯୋଗ ସହ କ୍ଷତି ପୁରଣ ଦେବାକୁ ଆଲୋଚନା କରିଥିଲେ । କ୍ଷତିଗ୍ରସ୍ତ ପରିବାର ବର୍ଗଙ୍କ ଦୁଃଖରେ ବିଧାୟିକା ସାମିଲ ହୋଇ ସେମାନଙ୍କୁ ଉପଯୁକ୍ତ କ୍ଷତିପୁରଣ ପାଇଁ ଘଟଣାସ୍ଥଳରେ ଉପସ୍ଥିତ ଥିବା ସହ ବିଧାୟିକାଙ୍କ ହସ୍ତକ୍ଷେପରେ , ସ୍ଥାନିୟ ପ୍ରଶାସନ ପଞ୍ଚାୟତର କତେକ ବୁଦ୍ଧିଜୀବୀ ସହ ମିଳିତ ଆଲୋଚନା ପରେ ବିଦ୍ୟୁତ ବିଭାଗ ଗ୍ରାମବାସୀଙ୍କ ଦ୍ୱାରା ଦାବୀ ଗୁଡିକୁ ଶୁଣି କାର୍ଯ୍ୟକାରୀ କରିବାକୁ ପ୍ରତିଶୃତି ଦେବାରେ ରାସ୍ତା ରୋକ ହଟିଥିବା ଦେଖାଯାଇଥିଲା । ନିଷ୍ପତ୍ତି ମୁତାବକ ସରକାରଙ୍କ ଦ୍ୱାରା ମୁଖ୍ୟମନ୍ତ୍ରୀ ସ୍ୱତନ୍ତ୍ର ସହାୟତା ପାଣ୍ଠି ରୁ ୪ ଲକ୍ଷ , ରେଡକ୍ରସରୁ ଉପଜିଲ୍ଲାପାଳଙ୍କ ଦ୍ୱାରା ୫୦ ହଜାର , ବିଦ୍ୟୁତ ବିଭାଗ ୫୦ ହଜାର , ବିଧାୟିକାଙ୍କ ତରଫରୁ ୨୦ ହଜାର , ଜନମଙ୍ଗଳ ଯୋଜନାରୁ ୨୦ ହଜାର ଓ ସ୍ଥାନିୟ ସରପଞ୍ଚଙ୍କ ଦ୍ୱାରା ୧୦ ହଜାର ଏହିପରି ଭାବେ ମୋଟ ୫ଲକ୍ଷ ୫୦ ହଜାର ଟଙ୍କା କ୍ଷତିପୂରଣ ଦିଆଯିବା ସହ ଘଟଣାର ତଦନ୍ତ ପରେ ନିୟମାନୁଯାଇ ଅନ୍ୟ ସମସ୍ତ କ୍ଷତିପୂରଣ ଯୋଗାଇବା ଦେବାକୁ ପ୍ରତିଶୃତି ପରେ ଶାନ୍ତିପୁର୍ଣ୍ଣ ଭାବେ ଚାଲୁଥିବା ଅନ୍ଦୋଳନ ପ୍ରତ୍ୟାହୃତ ହୋଇଥିଲା । ଖବର ଶୁଣି ଢେଙ୍କାନାଳ ଲୋକସଭା ସାଂସଦ ରୁଦ୍ରନାରାୟଣ ପାଣି ଗଭୀର ଦୁଃଖ ପ୍ରକାଶ କରିବା ସହ ଏଭଳି ଦୁଃଖ ସମୟରେ କ୍ଷତିଗ୍ରସ୍ତ ପରିବାର ଧର୍ଯ୍ୟ ଧରିବାକୁ ଅନୁରୋଧ କରିଛନ୍ତି। ଅପରପକ୍ଷେ କଟକ ବଡ ଡାକ୍ତରଖାନାରେ ଦୁଇ ଆହାତଙ୍କ ସ୍ୱାସ୍ଥ୍ୟବସ୍ଥା ସ୍ଥିର ଥିବା ସମୟରେ ଅନୁଗୁଳ ସରକାରୀ ଡାକ୍ତରଖାନାରେ ମୃତ ୩ଜଣ ଙ୍କ ଶବ ବ୍ୟବଚ୍ଛେଦ ପରେ ମୃତକଙ୍କୁ ପରିବାର ବର୍ଗକୁ ହସ୍ତାନ୍ତର କରାଯାଇ ଗ୍ରାମ ଶ୍ମଶାନରେ ସେମାନଙ୍କର ଅନ୍ତିମ ସଂସ୍କାର କରାଯାଇଛି । ଏନେଇ ସ୍ଥାନିୟ ଅଂଚଳରେ ଶୋକର ଛାୟା ଖେଳିଯାଇଛି ।

## ବିଜେପି ଯୁବ ମୋର୍ଚ୍ଚା ର ପ୍ରୟାସ ଖଣ୍ଡପଡ଼ା ନିଶାମୁକ୍ତ ଅଞ୍ଚଳ



ନୟାଗଡ, ( ମହାଭାରତ ) : ନୟାଗଡ଼ ଖଣ୍ଡପଡା ନିର୍ବାଚନ ମଣ୍ଡଳୀରେ ରାଷ୍ଟ୍ରବାଦୀ ଯୁବଶକ୍ତି ପରିଷଦ ପକ୍ଷରୁ ନିଶାମୁକ୍ତ ସମାଜ ନିମନ୍ତେ ସଂକଳ୍ପ ସମାବେଶ ଅନୁଷ୍ଠିତ ହୋଇ ଯାଇଛି। ନିଶାମୁକ୍ତ ସମାଜ ଗଠନ ପାଇଁ ଯୁବକ ମାନେ ହନୁମାନ ଚାଳିଶା ଗାଇବା ସହ ନିଶାମୁକ୍ତ ସଂକଳ୍ପ ନେଇଛନ୍ତି। ଏଥି ସହିତ ରାଷ୍ଟ୍ର ନିର୍ମାଣ ଦିଗରେ ସକ୍ରିୟ ସହଯୋଗ ପାଇଁ ଅଣ୍ଟା ଭିଡ଼ିଛନ୍ତି। ଆୟୋଜିତ କାର୍ଯ୍ୟକ୍ରମରେ ସ୍ଥାନୀୟ ଅଞ୍ଚଳର ୨ ହଜାରରୁ ଉର୍ଦ୍ଧ୍ ଯୁବକ ଯୋଗ ଦେଇଥିଲେ। ଏଭଳି ଅଭିନବ କାର୍ଯ୍ୟକ୍ରମ ଜରିଆରେ ଆଗକୁ ପ୍ରତି ଗାଁରେ ନିଶାମୁକ୍ତ ନିମନ୍ତେ ସଚେତନତା ଯାତ୍ରା କରାଯିବ ବୋଲି ସଂଗଠନ ପକ୍ଷରୁ କୁହାଯାଇଛି। ଏହି ଯୁବପିଢୀ ପରମ୍ପରା ଓ ଐତିହ୍ୟକୁ ସୁରକ୍ଷା କରିବା ଦିଗରେ ମଧ କାମ କରିବେ। ରାଷ୍ଟ୍ରବାଦୀ ଯୁବଶକ୍ତି ପରିଷଦ ପକ୍ଷରୁ ନିଶାମୁକ୍ତ ସମାଜ ଗଠନ ନେଇ ଖଣ୍ଡପଡ଼ା ବ୍ଲକ ବନମାଳିପୁର ଗ୍ରାମର ପଞ୍ଚୁଦୋଳ ମେଳଣ ପଡିଆରେ ସଂକଳ୍ପ ସମାବେଶ ଅନୁଷ୍ଠିତ ହୋଇଥିଲା। ରାଜ୍ୟ ବିଜେପି ଯୁବମୋର୍ଚ୍ଚା ସଭାପତି ଅଭିଳାଷ ପଣ୍ଡାଙ୍କ ଆବାହକ୍ତ୍ୱରେ ଆୟୋଜିତ ଏହି ସମାବେଶରେ ଖଣ୍ଡପଡ଼ା ନିର୍ବାଚନମଣ୍ଡଳୀର ୪୨ ଟି ପଞ୍ଚାୟତରୁ ପ୍ରାୟ ୨୦୦୦ ରୁ ଉର୍ଦ୍ଧ୍ୱ ଯୁବକ ଯୋଗ ଦେଇଥିଲେ। ଯୁବଶକ୍ତି ପରିଷଦର ସଭାପତି ଶୁଭେନ୍ଦୁ କୁମାର ସାହୁ, ସିନେ ତାରକା ବବି ମିଶ୍ର ଯୋଗ ଦେଇ ନିଶାମୁକ୍ତ ସମାଜ ଗଠନ ଦିଗରେ ଯୁବପିଢ଼ିଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଥିବା କହିଛନ୍ତି। ଏଥିପାଇଁ ଯୁବକ ମାନେ ସଚେତନ ହେବାକୁ ସେ ପରାମର୍ଶ ଦେଇଛନ୍ତି। ଏହି ଅବସରରେ ଯୁବକ ମାନେ ସାମୁହିକ ହନୁମାନ ଚାଳିଶା ପଠନ ସହ ହିନ୍ଦୁ ପର୍ବ ପର୍ବାଣିରେ ନିଶାଦ୍ରବ୍ୟ ସଂପୂର୍ଣ୍ଣ ରୁପେ ବର୍ଜନ କରିବା ନେଇ ସମସ୍ତେ ସଂକଳ୍ପ ନେଇଥିଲେ।

## ସ୍କାଉଟ ଗାଇଡ଼ ମାନଙ୍କ ଦ୍ୱାରା ମେରୁ ଯାତ୍ରାରେ ପଣା ବଣ୍ଟନ ସହ ସେବା ଶିବିର

ଆସିକା (ମହାଭାରତ)-ସ୍କାଉଟ ଗାଇଡ଼ ମାନଙ୍କ ଦ୍ୱାରା ପଣା ବଣ୍ଟନ ସହ ସେବା ଶିବିର ଅନୁଷ୍ଠିତ ହୋଇଯାଇଛି। ରାଜ୍ୟ ଭାରତ ସ୍କାଉଟ ଗାଇଡ଼ ମୁଖ୍ୟ କମିଶନର ଡ଼ କାଳୀ ପ୍ରସାଦ ମିଶ୍ର ଙ୍କ ନିର୍ଦ୍ଦେଶ ଓ ଗଞ୍ଜାମ ଜିଲ୍ଲା ସମ୍ପାଦକ ଭାଗିରଥି ସ୍ୱାଇଁ ଙ୍କ ପ୍ରଚେଷ୍ଟା କ୍ରମେ ଆସିକା ରାମକୃଷ୍ଣ ଆଦର୍ଶ ବିଦ୍ୟାମନ୍ଦିର ସ୍କାଉଟ ମାଷ୍ଟର କମଳେନ୍ଦୁ ହୋତା ଓ ଗାଇଡ଼ କ୍ୟାପଟେନ କାଦମ୍ବିନୀ ହୋତା ଓ ଲୀନାକୁମାରୀ ସ୍ୱାଇଁଙ୍କ ସଂଯୋଜନା ରେ ଆସିକା ସୁନାମ୍ବ ସାହି ସ୍ଥିତ ମାଆ ଦଣ୍ଡକାଳୀ ମନ୍ଦିରରେ ବିଦ୍ୟାମନ୍ଦିରର ସ୍କାଉଟ ଓ ଗାଇଡ଼ ମାନଙ୍କ ଦ୍ୱାରା ସେବା କାର୍ଯ୍ୟକ୍ରମ ସହିତ ପଣା ବଣ୍ଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ସ୍କାଉଟ ଗାଇଡ଼ ମାନେ ମନ୍ଦିର ମଧ୍ୟରେ ଭକ୍ତ



ମାନଙ୍କୁ ଧାଡି ବାନ୍ଧି ଯିବା ଆସିବା କରାଇବା ସହ ବୃଦ୍ଧ ବୃଦ୍ଧା ମାନଙ୍କୁ ହାତଧରି ଦର୍ଶନ କରାଇଥିଲେ। ପରେ ପରେ ବାଟୋଇ ଏବଂ ଭକ୍ତ ମାନଙ୍କ ସକାଶେ ନବାତ ପଣା ସହ ଦହି ଚଳହା ମଧ ବଣ୍ଟନ କରିଥିଲେ।

## ଗାଁ କୁ ଚାଲ ଅଭିଯାନ ରେ ସାମ୍ବାଦିକ ସଂଘ ଉମରକୋଟ



ଉମରକୋଟ (ମହାଭାରତ) ନବରଙ୍ଗପୁର ଜିଲ୍ଲାରେ ଉମରକୋଟ ସାମ୍ବାଦିକ ସଂଘ ବହୁତ କମ ଦିନ ମଧ୍ୟରେ ଲୋକଙ୍କ ନିକଟତର ହୋଇପାରିଛି ସାମ୍ବାଦିକ ସଂଘ ଉମରକୋଟ। ଏହି ସଂଘ ଲୋକଙ୍କ ସମସ୍ୟାକୁ ସରକାରଙ୍କ ଦୃଷ୍ଟି ଆକର୍ଷଣ କରିବା ସହ ଜନସାଧାରଣ ଭୋଗୁଥିବା ପାଣିର ହା ହା କାର ର ଚିତ୍ର ମଧ ଦେଖାଇ ସବୁବେଳେ ଜନତାଙ୍କ ସହ ରହି ଆସିଛି । ପ୍ରତି ଜାଗାରେ ସାମ୍ବାଦିକ ସଂଘ ଉମରକୋଟ ଲୋକଙ୍କ ସହ ରହିଥାଏ। ଆଜି ସଂଘ ଦ୍ୱାରା ଏକ ନୂତନ ପଦକ୍ଷେପ ନିଆଯାଇଛି ଯାହାର ନାଁ ରଖାଯାଇଛି ଗାଁ କୁ ଚାଲ । ଏହି କାର୍ଯ୍ୟକ୍ରମଟି ଉମରକୋଟର ବୁର୍ଜା ପଞ୍ଚାତରୁ ଆରମ୍ଭ ହୋଇଛି ଏହାର ମୂଳ ଉଦ୍ଦେଶ୍ୟ ଯେ ସାଧାରଣ ଜନତାଙ୍କ ପାଇଁ ସରକାର କରୁଥିବା ଯୋଜନାର ଲାଭ ସେମାନେ ପାଇପାରୁଛନ୍ତି ନା ଏବେବି ବାଟ ମାରଣାର ଶିକାର ହେଉଛନ୍ତି। ଆଜି ପ୍ରଥମ କରି ଏହି କାର୍ଯ୍ୟକ୍ରମ ଆରମ୍ଭ କରାଯାଇଥିବା ବେଳେ ଏଥିରେ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଥିବା ବେଳେ ସମ୍ମାନିତ ଅତିଥି ଭାବେ ଭାରତୀୟ ଜନତା ପାର୍ଟିର ରାଜ୍ୟ ଉପସଭାପତି ରମେଶ ସାହୁ, ମୁଖ୍ୟବକ୍ତା ଭାବେ ଉମରକୋଟ ସାମ୍ବାଦିକ ସଂଘର ସଭାପତି ପ୍ରଶାନ୍ତ କୁମାର ସାହୁ, ପୂର୍ବତନ ଜିଲ୍ଲା ପରିଷଦ ସଭ୍ୟ ଭଜନାଥ ଗଣ୍ଡ, ନାଏବ ସରପ□ ଘାସିରାମ ମାଝୀ, ସମିତିସଭ୍ୟ ହୀରାଲାଲ ମାଝୀ, ସମାଜସେବୀ ରାମକୃଷ୍ଣ ଗଣ୍ଡ, ଜୟ କୋଲାର, ବିଲ୍ଲୁ ଗଣ୍ଡା ପ୍ରମୁଖ ଉପସ୍ଥିତ ରହି ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ ।ଗାଁ ର ମୁଖ୍ୟ ସମସ୍ୟା ଗୁଡିକ ଉପରେ ଆଲୋଚନା ପରେ ଉପସ୍ଥିତ ଜନତାଙ୍କୁ ସମାଧାନ ପାଇଁ ପ୍ରତିଶୃତି ଦେଇଥିଲେ ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ। ଆସନ୍ତା ଦିନ ମାନଙ୍କରେ ପ୍ରତି ମାସରେ ଗୋଟିଏ ଗୋଟିଏ ଗାଁ କୁ ଯାଇ ସେମାନଙ୍କ ଅସୁବିଧାକୁ ନେଇ ଖବର ପ୍ରସାରଣ ଜାରି ରହିବା ସହ ସରକାରଙ୍କ ସୁବିଧା ସୁଯୋଗ ଜନସାଧାରଣଙ୍କ ପାଖକୁ ପହଞ୍ଚେଇବା ପାଇଁ ପ୍ରୟାସ ଜାରି ରଖିବାକୁ ପରାମର୍ଶ ଦେଇଥିଲେ ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ଓ ସଂଘର ସଭାପତି ପ୍ରଶାନ୍ତ କୁମାର ସାହୁୟ ବିଭିନ୍ନ ସମୟରେ ଥିବା ସରକାର କେବଳ ପ୍ରତିଶୃତି ଦେଇ ତାକୁ ନିଭାଇ ନଥିବାବେଳେ ଗ୍ରାମବାସୀଙ୍କ ସ୍ୱର ହୋଇ ଉମରକୋଟ ସାମ୍ବାଦିକ ସଂଘ ଆଜି ମନ୍ତ୍ରୀଙ୍କୁ ଡାକି ଥିବାରୁ ଓ ଗ୍ରାମବାସୀ ମାନଙ୍କ ଅସୁବିଧା ଶୁଣାଇ ଥିବାରୁ ଅଞ୍ଚଳବାସୀ ସେମାନଙ୍କ ଅସୁବିଧା ଦୂର ହେବ ବୋଲି ଆଶାବାଦୀ ଅଛନ୍ତିୟ ଶେଷରେ ସଂଘର ସଭାପତି ପ୍ରଶାନ୍ତ କୁମାର ସାହୁ ଧନ୍ୟବାଦ ଅର୍ପଣ କରି ଥିଲେ।

## ପୃଥକ ପୃଥକ ସ୍ଥାନରୁ ଗଂଜେଇ ଜବତ, ଚାରି ଜଣ ଗିରଫ

ଦଶପଲ୍ଲା,(ମହାଭାରତ): ଗଂଜେଇ ବ୍ୟବସାୟ ଦିନକୁ ଦିନ ବଢ଼ିବାରେ ଲାଗିଥିବା ବେଳେ ଅବକାରୀ ବିଭାଗ ଓ ପୋଲିସ ପାଇଁ ମୁଣ୍ଡ ବିନ୍ଧାର କାରଣ ପାଲଟିଛି। ତେବେ କନ୍ଧମାଳ ଜିଲ୍ଲାରୁ ଭୁବନେଶ୍ୱର ତଥା ଅନ୍ୟ ସ୍ଥାନ ମାନଙ୍କୁ ଦଶପଲ୍ଲା ଦେଇ ଗଂଜେଇ ଚାଲାଣ ହେଉଛି। ତେବେ ନୟାଗଡ ଜିଲ୍ଲା ଅବକାରୀ ଅଧିକ୍ଷକ ଜ୍ଞାନ ରଞ୍ଜନ ପଣ୍ଡାଙ୍କ ନିର୍ଦ୍ଦେଶ କ୍ରମେ ତଥା ଅବକାରୀ ଉପ ଅଧିକ୍ଷକ ପ୍ରକାଶ କୁମାର ସା ଙ୍କ ତତ୍ତ୍ୱାବଧାନ ରେ ଅବକାରୀ ନିରୀକ୍ଷକ ରମେଶ ଚନ୍ଦ୍ର ମହାନ୍ତି ଓ ଦଶପଲ୍ଲା ଉପ ନିରୀକ୍ଷକ ବାଦଲ ସାମଲ ଓ ଅନ୍ୟ କର୍ମଚାରୀ ଙ୍କ ମିଳିତ ଭାବେ ଚଢ଼ାଉ କରି କନ୍ଧମାଳ ଜିଲ୍ଲା ଫିରିଙ୍ଗିଆ ଥାନା ଅନ୍ତର୍ଗତ ଭାତୁର ଗ୍ରାମର ରୁଷି ଡିଗଲ ଙ୍କ ପୁତ୍ର ବାଟୁ ଡିଗଲ୨୫(ଗାଡି ଚାଳକ )ଓ ସେହି ଗ୍ରାମର ସାଜନ ଡିଗଲ ଙ୍କ ପୁତ୍ର ବିପ୍ର ଚରଣ ଡିଗଲ ବୟସ ୨୮ (ସହଯୋଗୀ )ଙ୍କ ଠାରୁ ୬୦ କେଜି ଗଂଜେଇ ସହ ଗୋଟିଏ ମାରୁତି ଡ଼ିଜ୍ୱାରେ ଗାଡି ନଂ ଓ ଡି ୦୭ ବି ବି ୪୮୪୩ କୁ ମହୀପୁର ଛକ ଠାରୁ ଧରି ଥିବା ବେଳେ ।ଣିଗୋଛା ସ୍ଥାନରେ କନ୍ଧମାଳ ଜିଲ୍ଲା ଫିରିଙ୍ଗିଆ ଥାନା ଅନ୍ତର୍ଗତ ଲଦା ପଦର ଗ୍ରାମର କିଶୋର ଡିଗଲ ଙ୍କ ପୁତ୍ର ପ୍ରଶାନ୍ତ ଡିଗଲ (୪୫) ଓ ମାଝୀପଡ଼ା ଗ୍ରାମର ସାମନ୍ତ ଡିଗଲ (୩୫) ଙ୍କ ଠାରୁ ୮୪ କେଜି ଗଂଜେଇ ଧରିବା ସହ ଟାଟା ହାରିଆର ଗାଡି ନଂ ଓ ଡି ୦୨ବି ଟି ୯୧୩୨ ଜବତ କରିବା ସହିତ ତାଙ୍କ ନାମରେ ମାମଲା ରୁଜୁ କରି କୋର୍ଟ ଚାଲାଣ କରିଛନ୍ତି।

## ମାଟି ତଳୁ ବିପୁଳ ପରିମାଣରେ ଗଞ୍ଜେଇ ଜବତ କଲା ପୋଲିସ



ରା -ଉଦୟଗିରି (ମହାଭାରତ): ଗଜପତି ଜିଲାରେ ମୋହନା, ଅଡବା ଓ ରା -ଉଦୟଗିରି ଥାନା ଅଞ୍ଚଳରେ ପ୍ରତିଦିନ କୋଟି କୋଟି ଟଙ୍କାର ଗଞ୍ଜେଇ ଜବତ କରାଯାଉଛି । ଯାହା ଫଳରେ ଗଞ୍ଜେଇ ମାଫିଆ ମାନେ ଘରେ ଗଞ୍ଜେଇ ରଖିବା ପାଇଁ ସୁରକ୍ଷିତ ମନେ ନକରି ଜଙ୍ଗଲରେ, କିମ୍ବା ଜମିରେ ଲୁଚେଇ ରଖୁଛନ୍ତି । କିନ୍ତୁ ଆଜି ଗଞ୍ଜେଇ ଚଢ଼ାଉ ବେଳେ ମାଫିଆ ମାନେ ମାଟି ତଳେ ଗଞ୍ଜେଇକୁ ଲୁଚେଇ ରଖିଥିବା ଚିତ୍ର ସାମ୍ନାକୁ ଆସିଛି । ଆଜି ସକାଳୁ ବିଶେଷ ସୂତ୍ରରୁ ଖବର ପାଇଁ ଗଜପତି ଜିଲ୍ଲା ରା -ଉଦୟଗିରି ଉପଖଣ୍ଡ ଆରୋକ୍ଷୀ ଅଧିକ୍ଷକ ଆଇ ପି ଏସ ରାକେଶ କୁମାର ସାହୁଙ୍କ ନିର୍ଦ୍ଦେଶକ୍ରମରେ ରା -ଉଦୟଗିରି ଥାନା ଅଧିକାରୀ ଓ ପୋଲିସ ବାହିନୀ ପକ୍ଷରୁ ମିଳିତ ଚଢ଼ାଉ କରି ରା -ଉଦୟଗିରି ଥାନା ଅନ୍ତର୍ଗତ କିରାମା ପଞ୍ଚାୟତ ବିମନପୁର ଗାଁ ନିକଟରେ ୨୦୧୦ କିଲୋ ଗଞ୍ଜେଇ ଜବତ କରାଯାଇଛି । ମାଫିଆ ମାନେ ଗଞ୍ଜେଇ ଗୁଡିକୁ ଗାଁ ନିକଟ ଜମିରେ ଓ ଆଉ କିଛି ଟିଣ ଭିତରେ ଭର୍ତି କରି ମାଟିତଳେ ପୋତି ରଖିଥିଲେ। ଯାହାକି ସମସ୍ତ ଗଞ୍ଜେଇର ଆନୁମାନିକ ମୂଲ୍ୟ ୨ କୋଟିରୁ ଉର୍ଦ୍ଧ ଟଙ୍କା ହେବ ବୋଲି ଶ୍ରୀ ସାହୁ କହିଛନ୍ତି । ତେବେ ଏହି ଘଟଣାରେ କୌଣସି ବି ଅଭିଯୁକ୍ତଙ୍କୁ ଗିରଫ କରାଯାଇପାରିନାହିଁ ।ଏନେଇ ରା -ଉଦୟଗିରି ପୋଲିସ ସମସ୍ତ ଗଞ୍ଜେଇକୁ ଜବତ କର ଏନ ଡି ପି ଏସ ରା ଧାରା ୫୫/୨୦୨୬ରେ ଏକ ମାମଲା ରୁଜୁ କରି ପୋଲିସ ଅଧିକ ତଦନ୍ତ ଚଲାଇଛି । ଯଥା ଶୀଘ୍ର ଘଟଣାରେ ସମ୍ପୃକ୍ତ ଥିବା ସମସ୍ତଙ୍କୁ ଯଥା ଶୀଘ୍ର ଗିରଫ କରାଯିବ ବୋଲି ଏସ ଡି ପି ଓ ରାକେଶ କୁମାର ସାହୁ ସୂଚନା ଦେଇଛନ୍ତି ।

## ଗ୍ରାମ କୋଠ ଘର ବିବାଦ କୁ ନେଇ ସଂଘବନ୍ଧ ଆକ୍ରମଣ ପାଞ୍ଚଗିରଫ ଦୁଇ ବାଇକ ଜବତ

ଆସିକା (ମହାଭାରତ):ଗ୍ରାମ କୋଠ ଘର ବିବାଦ କୁ ନେଇ ସଂଘବନ୍ଧ ଆକ୍ରମଣ ପାଞ୍ଚ ଗିରଫ ଦୁଇ ବାଇକ ଜବତୟ ଆସିକା ଥାନା ମଙ୍ଗଳପୁର ଗ୍ରାମରେ କିଛି ବର୍ଷ ହେବ ଗ୍ରାମର ଚନ୍ଦ୍ରମଣି ଡାକୁଆଙ୍କ ନିଜ ବାସଗୃହ ନଥିବା ଯୋଗୁଁ ଗ୍ରାମ କୋଠ ଘରେ ନିଜ ପରିବାର ରହିଆସୁଥିଲେ। କିଛି ଦିନ ପୂର୍ବରୁ ମଙ୍ଗଳପୁର ଗ୍ରାମବାସୀ ଉକ୍ତ କୋଠ ଘର କୁ ଖାଲି କରିବା ପାଇଁ ଆସିକା ତହସିଲଦାର ଙ୍କ ନିକଟରେ ଅଭିଯୋଗ କରିଥିଲେ। ଗ୍ରାମବାସୀ ଙ୍କ ଅଭିଯୋଗ କୁ ଭିତ୍ତି କରି ଆସିକା ତହସିଲଦାର ସଂଗୀତା ସେଣ ଉକ୍ତ କୋଠ ଘର ସିଲ କରିଥିଲେୟ କୋଠ ଘର ସିଲ କରିବା ଘଟଣା ଉତକ୍ଷିପ୍ତ ହୋଇ ବାପା ଚନ୍ଦ୍ରମଣି ଡାକୁଆ ପୁଅ କାନ୍ହୁ ଚରଣ ଡାକୁଆ ସାହି ବାସୀଙ୍କି ଅଶ୍ରବ୍ୟ ଭାଷାରେ ଗାଳି ଗୁଲଜ କରିବା ସହ ସମସ୍ତଙ୍କୁ ଜୀବନରୁ ମାରିଦେବାକୁ ଧମକ ଚମକ ଦେଇଆସୁଥିଲେୟ ଗତକାଲି ରାତ୍ରି ୯ଘଣ୍ଟା ୩୦ମିନଟ ସମୟରେ ଚନ୍ଦ୍ରମଣି ଡାକୁଆ ଙ୍କ ତିନି ପୁଅ ସିଲୁ ଡାକୁଆ (୨୮),ଜଗନ୍ନାଥ ଡାକୁଆ(୨୩),ବଳରାମ ଡାକୁଆ (୨୩)ଦୁଇଟି ମୋଟର ସାଇକେଲ ଓଡ଼ି ୩୨ବି ୭୬୩୭,ଓଡ଼ି ୩୨ ଏଚ ୩୧୧୪ ରେ ଆସି ଗ୍ରାମର ପନ୍ଦରା ସାହିର ରୋହିତ ନାଇକ (୩୫) ଓ ତାଙ୍କ ଭାଇ ଅମୁଲ୍ୟ ନାୟକ ଙ୍କ ଘରେ ପଶି ଏକ ଲୁହା ଶାବଳ, ଲୁହା ରଡ଼ ଦ୍ୱାରା ଜୀବନରୁ ମାରିଦେବା ଉଦେଶ୍ୟରେ ସଂଘବଦ୍ଧ ଭାବେ ଆକ୍ରମଣ କରିଥିଲେ। ଏଥିରେ ପ୍ରତିବାଦ କରିବାରୁ ରୋହିତ ନାୟକ ରେ ଭାଇ ପ୍ରସନ୍ତ ନାୟକ ଓ ଭଉଣୀ ଗାୟତ୍ରୀ ନାୟକ ମଧ ଆକ୍ରମଣ ଶିକାର ହୋଇଥିଲେ। ଘଟଣା ସ୍ଥଳରେ ରୋହିତ ଓ ତାଙ୍କ ଭାଇ ଅମୁଲ୍ୟ ରକ୍ତ ଜୁଡୁବୁଡୁ ଅବସ୍ଥାରେ ପଡିରହିଥିଲେ। ଏହା ଦେଖି ଗ୍ରାମର ପ୍ରଶାନ୍ତ ପାଳ ଓ ଅଶୋକ ଦାସ ପ୍ରତିବାଦ କରିବାରୁ ରକ୍ତ ମୁଖା ଚାରି ଭାଇ ଓ ବାପା ଙ୍କ କବଳରୁ ସେମାନେ ମଧ ବର୍ତ୍ତି ନଥିଲେ। ଘଟଣା ସ୍ଥଳରୁ ଗ୍ରାମବାସୀ ଗୁରୁତର ଆହତ ମାନଙ୍କୁ ଆସିକା ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ଏନେଇ ଆସିକା ଥାନାରେ ରୋହିତ ନାୟକ ଏକ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗ କୁ ଭିତ୍ତିକରି ଆସିକା ଥାନା କେସ ନମ୍ବର ୧୬୧/ ୨୬ରେ ପୋଲିସ ଏକ ମାମଲା ଜୁକରି ଚନ୍ଦ୍ରମଣି ଡାକୁଆ ତାଙ୍କ ଚାରି ପୁଅ ସିଲୁ ଡାକୁଆ,ଜଗଭାଥ ଡାକୁଆ,ବଳରାମ ଡାକୁଆ, କାନ୍ହୁ ଚରଣ ଡାକୁଆ କୁ ଗିରଫ କରି କୋର୍ଟ ଚାଲାଣ କରିଛି।

# ମାଟି ହାଣ୍ଡି କଙ୍କଡ଼ା

**ଆବଶ୍ୟକ ସାମଗ୍ରୀ :** ଟମାଟୋ ପେଷ୍ଟ, ତେଜପତ୍ର, ଫୁଟଣ, କଙ୍କଡ଼ା, ପିଆଜ ବଟା, ଲଙ୍କା ଗୁଣ୍ଡ, ଧନିଆ ଗୁଣ୍ଡ, କଟା ପିଆଜ, ଲୁଣ, ଗରମ ମସଲା, ଜିରା ଗୁଣ୍ଡ, ଅଦା-ରସୁଣ ପେଷ୍ଟ, ତେଲ

**ପ୍ରସ୍ତୁତି ପ୍ରଣାଳୀ :** କଙ୍କଡ଼ାକୁ ସଫା କରିବା ପରେ ଏଥିରେ ହଳଦୀ ଗୁଣ୍ଡ, ଲଙ୍କା ଗୁଣ୍ଡ, ଅଳ୍ପ ଲୁଣ, ଅଦା-ରସୁଣ ବଟା ଓ ପିଆଜ ବଟା ପକାଇ ଗୋଳାଇ ଦିଅନ୍ତୁ। ଏବେ ମାଟି ହାଣ୍ଡିରେ ତେଲ ଗରମ କରନ୍ତୁ। ତେଲ ଗରମ ହୋଇଯିବା ପରେ ସେଥିରେ ଫୁଟଣ, ତେଜପତ୍ର, କଟା ପିଆଜ ଏବଂ ସ୍ୱାଦ ଅନୁସାରେ ଆଉ ଟିକେ ଲୁଣ ପକାଇ ଗୋଳାନ୍ତୁ। ପିଆଜ ଭାଜି ହୋଇଯିବା ପରେ ସେଥିରେ ଅଳ୍ପ ପିଆଜ ବଟା, ଅଦା-ରସୁଣ ବଟା, ଲଙ୍କା ଗୁଣ୍ଡ, ଧନିଆ ଗୁଣ୍ଡ ଏବଂ ଜିରା ଗୁଣ୍ଡ ପକାନ୍ତୁ ଓ କଷନ୍ତୁ। ମସଲା ଭଲ ଭାବେ କଷି ହୋଇଯିବା ପରେ ପୂର୍ବରୁ ମସଲା ଗୋଳାଇ ରଖିଥିବା କଙ୍କଡ଼ାକୁ ସେଥିରେ ପକାଇ ଗୋଳାଇ ଦିଅନ୍ତୁ ଓ କଷନ୍ତୁ। କଙ୍କଡ଼ା ଭଲ ଭାବେ କଷି ହୋଇଗଲେ ସେଥିରେ ଟମାଟୋ ପେଷ୍ଟ୍ ଓ ପାଣି ଦେଇ ଫୁଟାନ୍ତୁ। କିଛି ସମୟ ଫୁଟିବା ପରେ ସେଥିରେ ଗରମ ମସଲା ପକାନ୍ତୁ ଓ ଗ୍ୟାସ୍ ବନ୍ଦ କରି ଦିଅନ୍ତୁ। ପ୍ରସ୍ତୁତ ହୋଇଗଲା ଆପଣଙ୍କ ମାଟି ହାଣ୍ଡି କଙ୍କଡ଼ା।



# ମନସ୍କାମନା ପୂରଣ ପାଇଁ ମା'ଙ୍କ ନିକଟରେ ପାନପତ୍ରର କରନ୍ତୁ ପ୍ରୟୋଗ୍



ପାନର ପତ୍ରକୁ ଖୁବ ଶୁଭ ବୋଲି କୁହାଯାଏ। ଏହାର ପ୍ରୟୋଗ ବିଭିନ୍ନ ଔଷଧ ରୂପରେ ମଧ୍ୟ ବ୍ୟବହାର କରାଯାଏ। ଏହା ପାଚନତନ୍ତ୍ରକୁ ସୁସ୍ଥ ରଖିଥାଏ। ବହୁ ପ୍ରାଚୀନ କାଳରୁ ଏହା ଖୁବ ପବିତ୍ର ବୋଲି ମାନ୍ୟତା ରହିଛି। ବେଦରେ ମଧ୍ୟ ଏହାର ଉଲ୍ଲେଖ ରହିଛି। ପ୍ରତ୍ୟେକ ପୂଜାର୍ଚ୍ଚନାରେ ଏହାକୁ ବ୍ୟବହାର କରାଯାଏ। ପ୍ରତି ଶୁଭକାର୍ଯ୍ୟର ଆରମ୍ଭରୁ ଏହାକୁ ବ୍ୟବହାର କରାଯାଏ। ଦେବୀଙ୍କର ଉପାସନାରେ ପାନ ପତ୍ର ବ୍ୟବହାରର ଏକ ବିଶେଷ ମହତ୍ୱ ରହିଛି। ଯାହା ଦ୍ୱାରା ସମସ୍ତ ମନସ୍କାମନା ପୂରଣ ହୋଇଥାଏ। ଜାଣନ୍ତୁ.

ଗୋଟା ପାନ ପତ୍ର ହେବା ସହ ଏଥିରେ ଏହାର ନାଶି ଲାଗିବା ଆବଶ୍ୟକ। ସାମାନ୍ୟ କଟା କିମ୍ବା ଫଟା ହୋଇନଥିବ। ପୂଜାରେ ସମ୍ପୂର୍ଣ୍ଣ ସତେଜ ଓ ସବୁଜ ରଙ୍ଗର ପାନ ପତ୍ର ବ୍ୟବହାର କରିବେ।

ଶୀଘ୍ର ବିବାହ ପାଇଁ - ସିନ୍ଦୂରରେ ଘିଅ ମିଶାଇ ଦିଅନ୍ତୁ। ପାନପତ୍ରର ଚିକ୍କଣ ଅଂଶ ଉପରେ ଏହି ସିନ୍ଦୂରରେ ନିଜ ନାମ ଲେଖନ୍ତୁ। ମା'ଙ୍କୁ ଅର୍ପଣ କରନ୍ତୁ। ଏହି ଉପାୟ ନବରାତ୍ରରେ ନଅ ଦିନ ଯାଏଁ କରନ୍ତୁୟ ଶୁଭଫଳ ପ୍ରାପ୍ତି ହେବ।

ଧନଲାଭ ପାଇଁ - ନବରାତ୍ର ସମୟରେ ପ୍ରତ୍ୟେକ ଦିନ ସନ୍ଧ୍ୟାରେ ମା'ଲକ୍ଷ୍ମୀଙ୍କୁ କର୍ପୂରରେ ଆରତୀ କରନ୍ତୁ। ଏହାପରେ ପାନ ପତ୍ରରେ ଗୋଲାପ ଫୁଲର ପାଖୁଡ଼ା ରଖି ମା'ଙ୍କୁ ଅର୍ପଣ କରନ୍ତୁ। ନବରାତ୍ରପରେ ପ୍ରତ୍ୟେକ ପୂର୍ଣ୍ଣିମା ଦିନ ସନ୍ଧ୍ୟା ସମୟରେ ଏହି ଉପାୟ କରନ୍ତୁ। ଏହାଦ୍ୱାରା ଧନସମ୍ପତ୍ତି ବୃଦ୍ଧି ପାଇଥାଏ।

# ପେଚା କାହିଁକି ରାତିରେ ଦେଖିପାରେ



ପେଚା ଯେତିକି ଭୟଙ୍କର ସେତିକି ବୁଦ୍ଧିମାନ ମଧ୍ୟ। କେହି କେହି ପେଚାକୁ ବୋକା ବୋଲି ଭାବିଥାନ୍ତି। କିନ୍ତୁ ପେଚା ବିଷୟରେ ଏମିତି କିଛି ଖାସ୍ କଥା ଅଛି ଯାହା ଅଧିକାଂଶ ଲୋକେ ଜାଣି ନ ଥିବେ। ତେବେ ଜାଣନ୍ତୁ ଏ ସମ୍ପର୍କରେ : ପେଚା ମା' ଲକ୍ଷ୍ମୀଙ୍କ ବାହନ ଅଟେ। ପୃଥିବୀରେ ୨୦୦ରୁ ଅଧିକ ପ୍ରଜାତିର ପେଚା ଅଛନ୍ତିୟ କେବଳ ଆଣ୍ଟକଟିକାକୁ ଛାଡ଼ିଦେଲେ ବିଶ୍ୱର ସମସ୍ତ ସ୍ଥାନରେ ପେଚା ଦେଖିବାକୁ ମିଳିଥାନ୍ତି। ପେଚା ଏକମାତ୍ର ପକ୍ଷୀ ଯିଏକି, ନୀଳରଙ୍ଗକୁ ଭଲ ଭାବରେ ଦେଖିପାରେ। ବର୍ଷକୁ ପ୍ରାୟ ୧ ହଜାର ମୂଷା ମାରି ଏହା ଖାଇଥାଏ। ପେଚା ଏମିତି ଏକ ପକ୍ଷୀ ଯିଏ ନିଜ ଶରୀର ନ ବୁଲାଇ ମୁଣ୍ଡକୁ ୨୭୦ ଡିଗ୍ରୀରେ ବୁଲାଇଥାଏ। ଯାହା ଦ୍ୱାରା ଚତୁଃପାର୍ଶ୍ୱରେ ଥିବା ସମସ୍ତ ଜିନିଷକୁ ଦେଖିପାରେ। ଯେକୌଣସି ବସ୍ତୁର ଥ୍ରୀ ଡି ଇମେଜ ମଧ୍ୟ ଏହା ଦେଖିପାରେ। ଛବିର ଲମ୍ବ, ଚଉଡ଼ାକୁ ବେଶ୍ ଭଲ ଭାବେ ଦେଖିପାରେ। ସବୁଠୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା ଦିବାଲୋକରେ ପେଚାକୁ ଦେଖାଯାଏ ନାହିଁ। ରାତିରେ ଏହା ମଣିଷଠାରୁ ମଧ୍ୟ ବେଶ୍ ଭଲ ଭାବେ ଦେଖିପାରିଥାଏ। ଏହାର ଏକ କାରଣ ରହିଛି। ମଣିଷ ଆଖି ଭିତରେ ରଡ୍ସ ଏବଂ କୋନ୍ ରହିଛି। ରଡ୍ସରେ ଦେଖିବା ଶକ୍ତି ଥିବାବେଳେ କୋନ୍ ରଙ୍ଗ ଚିହ୍ନିପାରେ। କିନ୍ତୁ ପେଚା ଆଖିରେ କମ୍ କୋନ୍ ଏବଂ ଅଧିକ ରଡ୍ ରହିଛି। ଏଥିପାଇଁ ଅନ୍ଧାରରେ ଏହା ଭଲ ଭାବରେ ଦେଖିପାରେ। ଏହା ବ୍ୟତୀତ ପେଚା ଆଖିରେ ପ୍ରୋଟିନରୁ ତିଆରି ହୋଇଥିବା ଲାଲ୍ ରଙ୍ଗର ଏକ ପଦାର୍ଥ ରହିଛି । ଯାହା ଦ୍ୱାରା ରାତି ହେଲେ ଏହାର ଆଖି ଅଧିକ ସମ୍ବେଦନଶୀଳ ହୋଇଉଠେ। ଆହୁରି ଅନେକ କାରଣ ଯୋଗୁ ପେଚାକୁ ରାତିରେ ଭଲ ଭାବରେ ଦେଖାଯାଇଥାଏ ବୋଲି ଏକ ଗବେଷଣାରୁ ଜଣାପଡ଼ିଛି।

# ଦୁର୍ବାଷ୍ଟମୀ' : ଦୁବରେ ଶିବପୂଜା



ଶିବଭକ୍ତମାନଙ୍କୁ ଭଲରୂପେ ଜଣା ଯେ ଚମ୍ପା, ନାଗେଶ୍ୱର, ଅରଖ, ଦୁଦୁରା, କନିଅର, ମନ୍ଦାର ଓ ନୀଳକଇଁ ଆଦି ହେଉଛି ଶିବଙ୍କର ପ୍ରିୟ ଫୁଲ। ସେହିପରି ଶିବଙ୍କର ପ୍ରିୟ ପତ୍ର ହେଉଛି ବେଲ, ଶମୀ, ଅଁଳା, ଦୂର୍ଲଭା ଓ ଦୁଦୁରା। କୃଷ୍ଣ ଗାସ ଫୁଲ ଏବଂ ଫୁଲ ଓ ପତ୍ରମିଶା ଶ୍ୱେତଗାସ ମଧ୍ୟ ତାଙ୍କର ଖୁବ୍ ପ୍ରିୟ। ଯେଉଁଠାରେ ଶିବଙ୍କ ସହିତ ବିଷ୍ଣୁଙ୍କର ପୂଜା ବା ହରିହର ଉପାସନା ପ୍ରଚଳିତ, ସେଠାରେ ଏସବୁ ସହିତ ତୁଳସୀ ମଧ୍ୟ ତାଙ୍କୁ ଲାଗି କରାଯାଇଥାଏ। ଏହା ବ୍ୟତୀତ, ଶିବଙ୍କୁ ଜଳରେ ଅଭିଷେକ କରାଯିବା ସହିତ, ଦୁଧ, ଦହି, ମହୁ ଓ ଲହୁଣୀ ଆଦିରେ ମଧ୍ୟ ଅଭିଷେକ କରାଯାଇଥାଏ। ଏସବୁ ଦ୍ୱାରା ସେ ତୃପ୍ତ ହୁଅନ୍ତି ଏବଂ ଆଶୁତୋଷ ରୂପେ ଭକ୍ତଙ୍କୁ ବାଞ୍ଛିତ ଫଳ ଦିଅନ୍ତି ବୋଲି ଶାସ୍ତ୍ର ଏବଂ ଗ୍ରନ୍ଥ ଆଦିରେ ଉଲ୍ଲେଖ ଅଛି। ଶିବଙ୍କୁ ଏସବୁ ସମର୍ପଣ କରିବା ନିମନ୍ତେ ବହୁ ଶ୍ଳୋକ ଓ ମନ୍ତ୍ର ଆଦି ରହିଛି। ନିର୍ଦ୍ଦିଷ୍ଟ ତିଥିରେ ଶିବଙ୍କୁ ନିର୍ଦ୍ଦିଷ୍ଟ ଫୁଲ ବା ପତ୍ର ଲାଗି କରାଯିବାର ବିଧି ମଧ୍ୟ ଶାସ୍ତ୍ରରେ ଅଛି। ଏହି ଅନୁସାରେ ଶିବରାତ୍ରିରେ କେତକୀ ଓ ଅଶୋକାଷ୍ଟମୀରେ ଅଶୋକ କି ଓ ଫୁଲ ତାଙ୍କୁ ଲାଗି କରାଯାଇଥାଏ। କିନ୍ତୁ କୌତୂହଳର ବିଷୟ ଏହି ଯେ ଏକ ନିର୍ଦ୍ଦିଷ୍ଟ ତିଥିରେ ଶିବଙ୍କୁ ଦୁବରେ ପୂଜା କରାଯିବାର ବିଧି ଅଛି। ସେହି ତିଥିଟି ହେଉଛି ଭାଦ୍ରବ ଶୁକ୍ଳପକ୍ଷ ଅଷ୍ଟମୀ। ଦୁର୍ଗାଶୟନର ତିଥି ଦୃଷ୍ଟିରୁ ତାହା ନ୍ତଦୁର୍ଗାଷ୍ଟମୀ' ରୂପେ ନାମିତ ହେଲେ ମଧ୍ୟ, ସେଦିନ ଦୁର୍ବାଦଳ ବା ଦୁବରେ ଶିବଙ୍କର ପୂଜା କରାଯାଏ। ଏଣୁ ଦିନଟିକୁ ନ୍ତଦୁର୍ବାଷ୍ଟମୀ' ମଧ୍ୟ କୁହାଯାଏ। ଏହା ସୂଚାଏ ଯେ ଦୁବ ଏକ ପ୍ରକାରର ତୃଣ ହେଲେ ମଧ୍ୟ, ତାହା ଆଦୌ ତୁଚ୍ଛ ନୁହେଁ। ସବୁ ଦେବଦେବୀଙ୍କ ପୂଜା ପରି, ଶିବଙ୍କ ପୂଜାରେ ମଧ୍ୟ ତାହାର ନିର୍ଦ୍ଦିଷ୍ଟ ସ୍ଥାନ ରହିଛି। ତାହାଦ୍ୱାରା ବନବାସୀ ଶିବଙ୍କର ପୂଜା କରାଯିବାପାଇଁ ନ୍ତଦୁର୍ବାଷ୍ଟମୀ'ର ନିର୍ଦ୍ଦିଷ୍ଟ ତିଥି ମଧ୍ୟ ରହିଛି।

# ବିପଦକୁ ଦୂରେଇ ରଖେ ମାଛ ଆକ୍ୱାରିୟମ୍



ଘରର ସାଜସଜ୍ଜାକୁ ଆକର୍ଷଣୀୟ କରିବା ଉପରେ ପ୍ରାୟତଃ ସମସ୍ତେ ଗୁରୁତ୍ୱ ଦେଇଥାନ୍ତି। ଏଥିଲାଗି ଘରକୁ ଆଧୁନିକ ଶୈଳୀରେ ସଜାଇବା ସହ ମାଛ ଆକଓ୍ୱାରିୟମ୍ ମଧ୍ୟ ରଖିଥାନ୍ତି। ଏହା ଘରର ସୌନ୍ଦର୍ଯ୍ୟକୁ ଦ୍ୱିଗୁଣିତ କରିଥାଏ। ହେଲେ ଫେଙ୍ଗସୁଇ ଅନୁସାରେ ଘରେ ଫିସ୍ ଆକଓ୍ୱାରିୟମ୍ ରଖିବା ଦ୍ୱାରା ଘରେ ସୁଖ, ଶାନ୍ତି ଆସିବା ସହ ଘରକୁ ଆସିବାକୁ ଥିବା ସବୁ ବିପତ୍ତିରୁ ଏହା ରକ୍ଷା କରିଥାଏ ବୋଲି ବିଶ୍ୱାସ ରହିଛି। କିନ୍ତୁ ଏହାର କେତେକ ନିୟମ ଅଛି, ଯାହାକୁ ପାଳନ କଲେ ଆପଣଙ୍କୁ ଏହାର ଶୁଭ ଫଳ ମିଳିବ। ଆଜି ମଧ୍ୟ ଏପରି ଲୋକ ଅଛନ୍ତି, ଯେଉଁମାନେ ଘରେ ଆକ୍ୱାରିୟମ୍ତ ରଖିଛନ୍ତି, କିନ୍ତୁ ଏହାକୁ କେଉଁ ଦିଗରେ କିପରି ସ୍ଥାନରେ ରଖାଯାଏ ତାହା ଜାଣି ନଥାନ୍ତି। ତେବେ ଆଜି ଆପଣଙ୍କୁ ଏହି ବିଷୟରେ ସୂଚନା ଦେବୁ। ଆପଣ କେଉଁ ଦିଗରେ ଫିସ୍ ଆକ୍ୱାରିୟମ୍ ରଖିଲେ ଏହା ଆପଣଙ୍କୁ ଶୁଭ ଫଳ ଦେବ, ଆସନ୍ତୁ ଜାଣିବା। ଘରେ ରଙ୍ଗିନ୍ ମାଛ ରଖିବା ଦ୍ୱାରା ଘରକୁ ଆସିବାକୁ ଥିବା ବିପଦ ଟଳି ଯାଇଥାଏ। ଫେଙ୍ଗସୁଇ ମଧ୍ୟ ଏହି କଥା କହିଯାଏ ଯେ, ଘରେ ମାଛ ରଖିବା ଫଳରେ ଧନ ବିଥାଏ ଏବଂ ଏହା ସବୁ ବିପଦକୁ ଦୂରେଇ ଦେଇଥାଏ। ଫେଙ୍ଗସୁଇ ଅନୁସାରେ ଘରେ ବା ଅଫିସରେ ଆକ୍ୱାରିୟମ୍ ରଖିବା ସମୟରେ କିଛି ବିଷୟ ପ୍ରତି ଧ୍ୟାନ ଦେବା ଆବଶ୍ୟକ। ଏହାକୁ ପୂର୍ବ, ଉତ୍ତର, ଉତ୍ତର-ପୂର୍ବ ଦିଗରେ ରଖିବା ଶୁଭ ବୋଲି ଧରାଯାଏ। ଏହା ସହ ଆପଣଙ୍କ ଦାମ୍ପତ୍ୟ ଜୀବନ ସୁରୁଖୁରୁରେ ଅତିବାହିତ କରିବାକୁ ଏହାକୁ ମୁଖ୍ୟ ଦ୍ୱାରର ବାମ ପାଖରେ ରଖିବା ଆବଶ୍ୟକ। ଫିସ୍ ଆକ୍ୱାରିୟମକୁ ରୋଷେଇଘର ବା ବାଥରୁମରେ ରଖିବା ଉଚିତ ନୁହେଁ। ଘରେ ସକରାତ୍ମକ ଚିନ୍ତାଧାରା ବଜାୟ ରଖିବାକୁ ଚାହିଁଲେ ମଝିରେ ମଝିରେ ତାହାର ପାଣି ବଦଳେଇବା ଦରକାର। ଫେଙ୍ଗସୁଇ ଅନୁସାରେ କଳା ରଙ୍ଗର ମାଛ ଘର ଉପରେ କୌଣସି ବିପଦକୁ ଆସିବାକୁ ଦିଏନାହିଁ। ତେବେ ଆକ୍ୱାରିୟମ ଥିବା ଅବସ୍ଥାରେ ଯଦି କୌଣସି ମାଛ ମରିଯାଇଥାନ୍ତି, ତେବେ ତୁରନ୍ତ ଉକ୍ତ ମାଛକୁ ବାହାର କରି କୌଣସି ପୋଖରୀ ବା ନଦୀରେ ଭସାଇ ଦିଅନ୍ତୁ। ଫେଙ୍ଗସୁଇ ଅନୁସାରେ ଯେତେବେଳେ କୌଣସି ମାଛ ମରିଯାଏ, ସେତେବେଳେ ତାହା କୌଣସି ନା କୌଣସି ନକରାତ୍ମକ ଶକ୍ତିକୁ ନେଇ ଚାଲିଯାଇଥାଏ ବୋଲି ବିଶ୍ୱାସ ରହିଛି।



# ଯୁବା ଦିଶିବାର ସହଜ ଉପାୟ

ମୁଖମଣ୍ଡଳରେ ବାର୍ଦ୍ଧକ୍ୟର ଛାପ ଦିଶିଲେ ଅଧା ସୌନ୍ଦର୍ଯ୍ୟ ସେଇଟି କମିଯାଏ। ଏପରି ପରିସ୍ଥିତିରେ ଅଧିକାଂଶ ଲୋକ ସଂକୋଚ ଅନୁଭବ କରିଥାନ୍ତି। ଆପଣଙ୍କ ଚର୍ମର ରଙ୍ଗ ଯାହା ହେଉ ପଛେ



ତାହା ଆଦୌ ଗୁରୁତ୍ୱପୂର୍ଣ୍ଣ ନୁହେଁ, ଆପଣ କେତେ ଆକର୍ଷଣୀୟ ଭାବେ ନିଜକୁ ଉପସ୍ଥାପିତ କରୁଛନ୍ତି ତାହା ହିଁ ଗୁରୁତ୍ୱପୂର୍ଣ୍ଣ। ନିମ୍ନରେ ସେ ସଂପର୍କରେ ଉଲ୍ଲେଖ କରାଯାଇଛି। ଏହି ସବୁ ଦିଗକୁ ଧ୍ୟାନ ଦେଲେ ଆପଣ ବି ଦିଶିବେ ଚୀର ସବୁଜ। ଡାକ୍ତରଙ୍କଠାରୁ ଆରମ୍ଭ କରି ଯୋଗ ଗୁରୁ, ସେଲିବ୍ରେଟି ଏବଂ ସବୁ ଧରଣର ବିୟୁଟିସିଆନମାନେ ମତ ଦିଅନ୍ତି ଯେ ପାଣି ପିଇବା ଉତ୍ତମ ତ୍ୱଚା ପାଇଁ ସବୁଠାରୁ ଅଧିକ ଜରୁରୀ। ଯିଏ ଯେତେ ପରିମାଣରେ ପାଣି ପିଅନ୍ତି ତାଙ୍କ ତ୍ୱଚା ସେତେ ଚିକ୍କଣ ଦିଶେ। ବ୍ରଣ ସମସ୍ୟା ମଧ୍ୟ ପାଖ ପଶେ ନାହିଁ। ଫଳ, ପରିବା, ଦୁଗ୍ଧ ଜାତୀୟ ଖାଦ୍ୟ ନିଷ୍ଚୟ ଖାଆନ୍ତୁ। ଫଳରେ ତ୍ୱଚା ତେଲିଆ ଦିଶେ। ଦୂରରୁ ମଧ୍ୟ ଆପଣଙ୍କ ଚେହେରା ଚକମକ କରିବ। ପାରୁଛନ୍ତି ଯଦି କଲରା, ଲାଉ ଏବଂ ଗାଜର ରସ ପିଅନ୍ତୁ। ଚା, କଫି କିମ୍ବା ଫାଷ୍ଟଫୁଡରୁ ନିଜକୁ ଦୂରେଇ ରଖନ୍ତୁ। ମନେ ରଖନ୍ତୁ ଫାଷ୍ଟଫୁଡ ପ୍ରିୟ ଲୋକଙ୍କ ମଧ୍ୟରେ ଖୁବ୍ କମ୍ ବୟସରେ ବାର୍ଦ୍ଧକ୍ୟର ଛାପ ସ୍ପଷ୍ଟ ବାରି ହୋଇପଡ଼େ। ମଝିରେ ମଝିରେ ମୁହଁରେ ଅମୃତଭଣ୍ଡା, କଦଳୀ, ଆଳୁ, ବିଲାତି ବାଇଗଣ କିମ୍ବା ମହୁ କୌଣସିରୁ ଗୋଟାଏ ଲେପ ଦିଅନ୍ତୁ। ଏହା ଦ୍ୱାରା ତ୍ୱଚା ନରମ ହୋଇଥାଏ। ଅଧିକରୁ ଅଧିକ ଥର ମୁହଁ ଧୁଅନ୍ତୁ। ଥଣ୍ଡା ପାଣିରେ ମୁହଁ ଧୋଇଲେ ବେଶି ଭଲ। ବ୍ରଣ, ଦାଗ କିମ୍ବା ଛଉ ଆଦି ସମସ୍ୟା ପାଖ ପଶେ ନାହିଁ। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା ରାତିରେ ଜଲ୍ଦି ଶୋଇ ଜଲ୍ଦି ଉଠନ୍ତୁ। ବିଳମ୍ବିତ ରାତିରେ ଶୋଇବା ତ୍ୱଚା ପାଇଁ ଆଦୌ ଶୁଭଙ୍କର ନୁହେଁ।

# ସିଏମ୍ ଟ୍ରଫି ଆନ୍ତଃଜିଲ୍ଲା କବାଡି ଓ ଭଲିବଲ ଚାମ୍ପିଆନ୍ ଟ୍ରଫି ଉଦଯାପିତ



କେନ୍ଦ୍ରାପଡା, ୧୩।୪ : ଆନ୍ତଃଜିଲ୍ଲା ୧୬ ବର୍ଷରୁ କମ୍ କବାଡି ଏବଂ ଭଲିବଲ୍ ୧୪ବର୍ଷରୁ କମ୍ ବାଳକ ଓ ବାଳିକା ବିଭାଗ ସି.ଏମ୍. ଟ୍ରଫି ୨୦୨୬ କେନ୍ଦ୍ରାପଡା ସ୍ୱୟଂଶାସିତ ମହାବିଦ୍ୟାଳର ଖେଳ ପଡିଆରେ ଉଦଯାପିତ ହୋଇଯାଇଅଛି । ଉକ୍ତ ପ୍ରତିଯୋଗିତା ଦୁଇଦିନ ଧରି ଆରମ୍ଭ ହୋଇ ଆଜି ଉଦ୍ଯାପିତ ହୋଇଯାଇଅଛି । ଉଦଘାଟନ ଉତ୍ସବରେ ମୁଖ୍ୟ ଅତିଥି ରୂପେ କେନ୍ଦ୍ରାପଡା ଜିଲ୍ଲାପାଳ ରଘୁନାଥ ଆର୍ ଆୟାର ଯୋଗ ଦେଇଥିବା ବେଳେ ସମ୍ମାନୀତ ଅତିଥି ରୂପେ ଅତିରିକ୍ତ ଜିଲ୍ଲାପାଳ ନବକିଶୋର ଜେନା ଯୋଗଦେଇଥିଲେ । ଏହି ପ୍ରତିଯୋଗିତାରେ ବାଳକ ବିଭାଗର ୧୦ଟି ଭଲିବଲ କବାଡି ଦଳ ଯୋଗଦେଇଥିବା ସ୍ଥଳେ ୬ଟି ଭଲିବଲ୍ ଓ କବାଡି ଦଳ ବାଳିକା ବିଭାଗରେ ଯୋଗଦେଇଥିଲେ । ଆଜିର ଉଦଯାପନ ଦିବସରେ ମୁଖ୍ୟ ଅତିଥି ରୂପେ କେନ୍ଦ୍ରାପଡା ଜିଲ୍ଲା କ୍ରୀଡା ଅଧିକାରୀ ଲୋକନାଥ ପାଣିଗ୍ରାହୀ ଏବଂ ସମ୍ମାନୀତ ଅତିଥି ରୂପେ କେନ୍ଦ୍ରାପଡା ଜିଲ୍ଲା ଶିକ୍ଷା ବିଭାଗର ଡି.ପି.ଓ ଶ୍ମିତା ପ୍ରତିଭା ସାହୁ ଉପସ୍ଥିତ ରହିଥିଲେ । ଉକ୍ତ ପ୍ରତିଯୋଗିତାରେ ଭଲିବଲ୍ ବାଳକ ବିଭାଗରେ ଗରଦପୁର ବ୍ଲକ୨-୦ ସେଟ୍ ରେ କୁରିଶିଆ ମହାକାଳପଡାକୁ ପରାସ୍ତ କରି ଚାମ୍ପିଆନ ଆଖ୍ୟା ଅର୍ଜନ କରିଥିବା ବେଳେ ବାଳିକା ବିଭାଗରେ ହରିହର ନନ୍ଦ ବାଳାଶ୍ରମ ୨-୦ ସେଟ୍ ରେ ପିଏମଶ୍ରୀ କେନ୍ଦ୍ରୀୟ ବିଦ୍ୟାଳୟକୁ ପରାସ୍ତ କରି ଚାମ୍ପିଆନ ଆଖ୍ୟା ଅର୍ଜନ କରିଛନ୍ତି । ସେହିପରି କବାଡି ପ୍ରତିଯୋଗିତାରେ ବାଳକ ବିଭାଗରେ ହରିହର ନନ୍ଦ ବାଳାଶ୍ରମ ୩ ପଏଣ୍ଟ ବ୍ୟବଧାନରେ ଜେନିତ୍ ପବ୍ଲିକ ସ୍କୁଲ ବିଜୟୀ ହୋଇ ଚାମ୍ପିଆନ୍ ଆଖ୍ୟା ଅର୍ଜନ କରିଥିବା ସ୍ଥଳେ ବାଳିକା ବିଭଅଗରେ ବେଳାରୁଗା, ଡେରାବିଶ୍ ୧୨ ପଏଣ୍ଟ ବ୍ୟବଧାନରେ ବେରୁଆ ସ୍କୁଲକୁ ପରାସ୍ତ କରି ଚାମ୍ପିଆନ୍ ଆଖ୍ୟା ଅର୍ଜନ କରିଅଛି । ଏହି ପ୍ରତିଯୋଗିତାରେ କେନ୍ଦ୍ରାପଡା ଜିଲ୍ଲା କ୍ରୀଡା ସଂସଦର ସଂପାଦକ ସୟଦ ଅକମଲ ଅଲ୍ଲି ଉପସ୍ଥିତ ରହି ଜିଲ୍ଲାର କ୍ରୀଡାବିତ୍ ମାନେ କିପରି ଜିଲ୍ଲାର କ୍ରୀଡା ଭିତ୍ତି ଭୂମି ଏବଂ କ୍ରୀଡା ବିକାଶ ହୋଇପାରିବ ସେଥି ନିମନ୍ତେ ସମସ୍ତ ସହଯୋଗ କାମନା କରିଥିଲେ । ଏହି ପ୍ରତିଯୋଗିତାରେ ସବୁ ବିଭାଗର ଖେଳାଳୀ ମାନଙ୍କୁ ଚୟନ କରାଯାଇ ଏକ ଟ୍ରେନିଙ୍ଗ ଶିବିର କରଯାଇ ରାଜ୍ୟ ସ୍ତରୀୟ ପ୍ରତିଯୋଗିତା ପାଇଁ ଜିଲ୍ଲା ଦଳ ଚୟନ କରାଯିବା ପାଇଁ ସମସ୍ତ ସହଯୋଗ ନିମନ୍ତେ ଅନୁରୋଧ କରିଥିଲେ । ଜିଲ୍ଲା କ୍ରୀଡା ସଂପାଦକ ଜ୍ୟୋର୍ତିମୟ ଦାସ ଉପସ୍ଥିତ କ୍ରୀଡା ସଂଗଠନ ଏବଂ ପ୍ରଶାସନିକ ଅଧିକାରୀ ଏବଂ ଖେଳ ପରିଚାଳା କରୁଥିବା ଶାରୀରିକ ଶିକ୍ଷା ଶିକ୍ଷକ ଏବଂ ସମସ୍ତ କ୍ରୀଡାବିତ୍ମାନଙ୍କୁ ସି.ଏମ୍ ଟ୍ରଫି ସମ୍ପର୍ଣ୍ଣ କରିଥିବାରୁ ସମସ୍ତଙ୍କୁ ଜିଲ୍ଲା କ୍ରୀଡା ସଂଗଠନ ତରଫରୁ ଧନ୍ୟବାଦ ଅର୍ପଣ କରିଥିଲେ । ଉଦ୍ଯାପନ ଦିବସରେ ଜାତୀୟ ପୂର୍ବତନ ଭଲିବଲ ଖେଳାଳୀ ସମସୁର ରେହମାନ ଏବଂ ପୂର୍ବତନ ଖେଳାଳୀ ମହମଦ ଅଜହର ଅଲ୍ଲୀ, ଦେବେନ୍ଦ୍ର କୁମାର ସାହୁ, ଦେବାଶିଷ ରଣା, ସସ୍ମିତା ପଣ୍ଡା, ସ୍ୱସ୍ତିକା ପଣ୍ଡା, ଶକ୍ତି ସ୍ୱରୂପ ସାହୁ, ମନୋଜ ଦାସ, ଏବଂ ଜିଲ୍ଲାର ବରିଷ୍ଠ ଶାରୀରିକ ଶିକ୍ଷକ ମାନେ ଖେଳପରିଚାଳନାରେ ସହଯୋଗ କରିଥିଲେ ।

# ବିଶ୍ୱ ମୁଷ୍ଟିଯୁଦ୍ଧରେ ମନୋଜ ପ୍ରଥମ ଭାରତୀୟ ବୈଷୟିକ ଅଧିକାରୀ



ନୂଆଦିଲ୍ଲୀ, ୧୩।୪: ବିଶ୍ୱ ମୁଷ୍ଟିଯୁଦ୍ଧରେ ବୈଷୟିକ ଅଧିକାରୀ ହେବାରେ ଲେଫ୍ଟନାଣ୍ଟ୍ କର୍ଣ୍ଣଲ୍ ମନୋଜ କୁମାର ପ୍ରଥମ ଭାରତୀୟ ହେବାର ଗୌରବ ଅର୍ଜନ କରିଛନ୍ତି । ଏହି ବିଷୟରେ ଭାରତୀୟ ବକ୍ସିଂ ମହାସଂଘ (ବିଏଫଆଇ) ନିଶ୍ଚିତ କରିଛି ।

ଏଥିସହ ରାଜେନ୍ଦ୍ରନ ରବୀନ୍ଦ୍ରନ ମଧ୍ୟ ମହାଦେଶୀୟ ଆଇଟିଓ ବିଶ୍ୱ ବକ୍ସିଂ ପରୀକ୍ଷାରେ ସଫଳତା ସହ ଉତ୍ତୀର୍ଣ୍ଣ ହୋଇଛନ୍ତି ବୋଲି ବିଏଫଆଇ କହିଛି । ସାମାଜିକ ଗଣମାଧ୍ୟମରେ ବିଏଫଆଇ ମଧ୍ୟ ଉଭୟଙ୍କୁ ଅଭିନନ୍ଦନ ଜଣାଇଛି । ନିକଟରେ ମଙ୍ଗୋଲିଆରେ ଉଲାନବାଟରଠାରେ ଶେଷ ହୋଇଥିବା ଏସୀୟ ପ୍ରତିଯୋଗିତାରେ ଭାରତୀୟ ମୁଷ୍ଟିଯୁଦ୍ଧ ଦଳ ୪ ସ୍ୱର୍ଣ୍ଣ ସହ ୧୬ ପଦକ ଜିତିଥିଲା ।

# ଟପ୍ସ ଯୋଜନାରେ ହେବ ବ୍ୟାପକ ପରିବର୍ତ୍ତନ

## ସନ୍ତରଣ, ସାଇକ୍ଲିଂକୁ ମିଳିବ ପ୍ରାଧାନ୍ୟ

ନୂଆଦିଲ୍ଲୀ, ୧୩।୪ଟାର୍ଗେଟ୍ ଅଲିମ୍ପିକ୍ସ ପୋଡିୟମ୍ (ଟପ୍ସ) ଯୋଜନାରେ ସରକାର ବ୍ୟାପକ ଢାଞ୍ଚାଗତ ପରିବର୍ତ୍ତନ କରିବେ । ବିଶେଷକରି ସନ୍ତରଣ, ସାଇକ୍ଲିଂ ଭଳି ଅଲିମ୍ପିକ୍ସ ପଦକ ବୃଦ୍ଧି ସମ୍ଭାବନା ରଖି ଭଳି ଖେଳକୁ ପ୍ରାଧାନ୍ୟ ଦେବେ ସରକାର । ଟପ୍ସ ଯୋଜନାକୁ ପରିବର୍ତ୍ତନ କରି ତ୍ରୈମାସିକ ସମୀକ୍ଷା କରାଯିବ । ଏହି ଯୋଜନା ଅଧୀନରେ ଥିବା ଖେଳାଳିଙ୍କ ସଂଖ୍ୟାକୁ ୨୦୩୨ ସୁଦ୍ଧା ୩୦୦୦କୁ ଏବଂ ୨୦୩୬ ସୁଦ୍ଧା ୫୦୦୦କୁ ବଢାଇବା ପାଇଁ ମଧ୍ୟ ସରକାର ଲକ୍ଷ୍ୟ ଧାର୍ଯ୍ୟ କରିଛନ୍ତି । ଖେଲୋ ଇଣ୍ଡିଆ, ଅସ୍ମିତା ଲିଗ୍‌କୁ 'ଟପ୍ସ' ଯୋଜନା ସହ ଯୋଡି ଦିଆଯିବ ଏବଂ 'ଟପ୍ସ' ବିକାଶ ଜରିଆରେ ଖେଳାଳିଙ୍କୁ କୋର୍ ଗ୍ରୁପ୍‌ରେ ସାମିଲ କରାଯିବ । ଏହି ମର୍ମରେ କେନ୍ଦ୍ର କ୍ରୀଡାମନ୍ତ୍ରୀ ମନସୁଖ ମାଣ୍ଡବୀୟ ଅଲିମ୍ପିକ୍ସ ପଦକ ସମ୍ଭାବନା ରଖୁଥିବା ଖେଳକୁ ଅଗ୍ରାଧିକାର ଦେବାକୁ ମତ ରଖିଛନ୍ତି । ଗତବର୍ଷ 'ଟପ୍ସ' ଯୋଜନାରେ ୨୪୫ ଖେଳାଳି ସାମିଲ ଥିବାବେଳେ ବର୍ତ୍ତମାନ ଏହା ୩୯୯ରେ ପହଞ୍ଚିଛି । ସନ୍ତରଣ, ସାଇକ୍ଲିଂ ସହିତ ଜିମ୍ନାଷ୍ଟିକ୍ସ ଓ ରୋଇଂକୁ ମଧ୍ୟ ପ୍ରାଧାନ୍ୟ ମିଳିବ । ସୂଚନାଯୋଗ୍ୟ, ୨୦୨୮ ଲସ୍‌ଏଞ୍ଜେଲ୍ସ ଅଲିମ୍ପିକ୍ସରେ ୩୬ ଖେଳରୁ ମୋଟ ୩୫୦+ ପଦକ ଉପଲବ୍ଧ ଥିବାବେଳେ କେବଳ ସନ୍ତରଣ ୫୫ ପଦକ ସୁଯୋଗ ରହିଛି । ରୋଇଂରେ ୧୫ ଇଭେଣ୍ଟରୁ ୪୫, ସାଇକ୍ଲିଂରେ ୨୨ ଇଭେଣ୍ଟରୁ ୬୬ ପଦକ ରହିଛି ।

# ବୁମ୍ରା ୱିକେଟ୍‌ହୀନ

ମୁମ୍ବାଇ,. ୧୩।୪ ଆଇପିଏଲ୍‌ର ଚଳିତ ଋତୁରେ ମୁମ୍ବାଇ ଇଣ୍ଡିଆନ ଏପର୍ଯ୍ୟନ୍ତ ପାଞ୍ଚଟି ମ୍ୟାଚ୍‌ଖେଳିସାରିଥିଲେ ବି ଦଳର ପ୍ରମୁଖ ବୋଲର୍‌ଯଶପ୍ରୀତ୍ ବୁମ୍ରା ଏପର୍ଯ୍ୟନ୍ତ ୱିକେଟ୍‌ହୀନ ରହିଛନ୍ତି । ଆଶ୍ଚର୍ଯ୍ୟଲାଗିଲେ ବି ସତ ।



ରବିବାର ୱାଙ୍ଖେଡ଼ରେ ଆର୍‌ସିବି ବିପକ୍ଷରେ ଖେଳାଯାଇଥିବା ମ୍ୟାଚ୍‌ରେ ସେ ୩୫ରନ୍ ବ୍ୟୟ କରିଥିଲେ ବି କୌଣସି ୱିକେଟ୍ ଅକ୍ତିଆର କରିପାରିନଥିଲେ । ସେହିପରି ପଞ୍ଜାବ କିଙ୍ଗସ୍ ବିପକ୍ଷ ମ୍ୟାଚ୍‌ରେ ସେ ୪୦, କେକେଆର୍ ବିପକ୍ଷ ମ୍ୟାଚ୍‌ରେ ୩୫, ଦିଲ୍ଲୀ କ୍ୟାପିଟାଲ୍ସ ବିପକ୍ଷ ମ୍ୟାଚ୍‌ରେ ୨୧ ଓ ରାଜସ୍ଥାନ ରୟାଲ୍ସ ବିପକ୍ଷ ମ୍ୟାଚ୍‌ରେ ସେ ୩ ଓଭର ବୋଲିଂ କରି ୩୨ ରନ୍ ବ୍ୟୟ କରିଥିଲେ ବି ଗୋଟିଏ ବି ୱିକେଟ୍ ଦଖଲ କରିପାରିନଥିଲେ । ବୁମ୍ରାଙ୍କ ପରି ଜଣେ ବିଶ୍ୱର ପ୍ରମୁଖ ବୋଲର୍ ୱିକେଟ୍ ପାଇବା ପାଇଁ ସଂଘର୍ଷ କରିବା ବିଶେଷଜ୍ଞଙ୍କୁ ଆଚମ୍ବିତ କରିଛି ।

ତେବେ ପୂର୍ବତନ ସ୍ପିନର ଆର.ଅଶ୍ୱିନ ଏହାକୁ ନେଇ ଆଶ୍ଚର୍ଯ୍ୟ ହେବା ବଦଳରେ ବୁମ୍ରାଙ୍କୁ ସମର୍ଥନ କରିଛନ୍ତି । ସେ କହିଛନ୍ତି ଯେ ଏହି ପ୍ରସଙ୍ଗ ଉପରେ ଅତ୍ୟଧିକ ଗୁରୁତ୍ୱ ଦେବା ମୁମ୍ବାଇ ଇଣ୍ଡିଆନ୍ସର ଅଭିଯାନକୁ ପ୍ରଭାବିତ କରିପାରେ । 'ଏକ୍ସ'ରେ ସେ ଲେଖିଛନ୍ତି, "ୱିକେଟ୍ ନେବା ଅପେକ୍ଷା ଲକ୍ଷ୍ୟଭେଦୀ ୟର୍କର୍ ପକାଇ ରନ୍‌କୁ ରୋକିବା ଅଧିକ ଗୁରୁତ୍ୱପୂର୍ଣ୍ଣ । ବିଶେଷକରି ୱାଙ୍ଖେଡ଼ ପରି ପଡ଼ିଆରେ ଏହା ଆହୁରି ଗୁରୁତ୍ୱପୂର୍ଣ୍ଣ । "ଯେତେବେଳେ ଜଣେ ବୋଲର୍ ଲଗାତାର ବୋଲିଂ କରୁନାହିଁ, ଆଇପିଏଲ୍ ସୂଚୀରେ ସାମାନ୍ୟ ପରିବର୍ତ୍ତନ ତୁମର ୱିକେଟ୍ ନେବାର ସମ୍ଭାବନା ଅପର ବୋଲର୍ ଉପରେ ନିର୍ଭର କରେ'' ।

# ରୟାଲ୍ ପ୍ରବନ୍ଧକଙ୍କୁ ନୋଟିସ

ଗୁଆହାଟୀ, ୧୩।୪ : ଆର୍‌ସିବି ବିପକ୍ଷ ମ୍ୟାଚ୍ ବେଳେ ରାଜସ୍ଥାନ ରୟାଲ୍ସ ପ୍ରବନ୍ଧକ ରୋମି ଭିଣ୍ଡର ଡଗ୍‌ଆଉଟ୍‌ରେ ମୋବାଇଲ୍ ଫୋନ୍ ବ୍ୟବହାର କରିଥିବାରୁ ବିସିସିଆଇ ତାଙ୍କୁ କାରଣ ଦର୍ଶାଅ ନୋଟିସ୍ ଜାରି କରିଛି । ଗୁଆହାଟୀରେ ଅନୁଷ୍ଠିତ ଏହି ମ୍ୟାଚ୍‌ରେ ରୋମି ଡଗ୍‌ଆଉଟ୍‌ରେ ବସି ମୋବାଇଲ୍ ଫୋନ୍ ବ୍ୟବହାର କରୁଥିବାର ଦୃଶ୍ୟ ଟେଲିଭିଜନ୍ କ୍ୟାମେରାରେ କଏଦ ହୋଇଯାଇଥିଲା । ସୋସିଆଲ୍ ମିଡିଆରେ ଏହାକୁ ଜଣେ ଅପଲୋଡ୍ କରିବା ପରେ ବିସିସିଆଇ ନଜରକୁ ଆସିଛି । ଟିନ୍‌ଏଜ୍ ସେନ୍‌ସେସନ୍ ବୈଭବ ସୂର୍ଯ୍ୟବଂଶୀଙ୍କ ସହ ସେ ଆଲୋଚନା କରୁଥିଲେ । ଆଇପିଏଲ୍ ଅଫିସିଆଲ୍ ୱେବସାଇଟ୍‌ରେ ଆଇପିଏଲ୍-୨୦୨୬ ପ୍ରୋଟୋକଲ୍ ଅନୁସାରେ ଉଲ୍ଲେଖରହିଛି 'କେଣସି ଦଳର ପ୍ରବନ୍ଧକ (ମ୍ୟାନେଜର୍) ଡ୍ରେସିଂ ରୁମ୍‌ରେ ମୋବାଇଲ୍ ଫୋନ୍ ବ୍ୟବହାର କରିପାରିବେ, ଡଗ୍‌ଆଉଟ୍‌ରେ ନୁହେଁ' । ଯେଉଁ କ୍ଲଜ୍‌କୁ ରୋମି ଉଲ୍ଲଂଘନ କରିଛନ୍ତି । ୪୮ ଘଣ୍ଟା ଭିତରେ ଉତ୍ତର ରଖିବାକୁ କୁହାଯାଇଛି । ତେବେ ରୋମି ମେଡିକାଲ୍ ଗ୍ରାଉଣ୍ଡ୍‌ରେ ମୋବାଇଲ୍ ବ୍ୟବହାର କରିଥିବା ଜଣାପଡିଛି । ଫୁସ୍‌ଫୁସ୍ ରୋଗରେ ପିଡିତ ହୋଇ ନିକଟରେ ସେ ନାଗପୁରର ଏକ ହସପିଟାଲ୍‌ରେ ଚିକିତ୍ସିତ ହେଉଥିଲେ । ଇତିମଧ୍ୟରେ ତାଙ୍କ ଓଜନ ୧୦ କିଲୋଗ୍ରାମ ହ୍ରାସ ପାଇଛି । ମୋବାଇଲ୍ ଫୋନ୍ କଟକଣା ସମ୍ପର୍କରେ ସେ ଅବଗତ ଥିଲେ ବି କେବଳ ମେଡିକାଲ୍ ଗ୍ରାଉଣ୍ଡ୍‌ରେ ପାଖରେ ରଖିଥିବା କୁହାଯାଇଛି । ସେ କାହାରିକୁ କଲ୍ କରିବା କି କାହା କଲ୍ ଗ୍ରହଣ କରୁନଥିଲେ । ବିସିସିଆଇର ଦୁର୍ନୀତି ନିବାରଣ ଅଧିକାରୀଙ୍କୁ ସେ ସ୍ପଷ୍ଟୀକରଣ ଦେଇସାରିଥିବା ପ୍ରକାଶ ।



# ମୁମ୍ବାଇକୁ ୧୮ ରନ୍‌ରେ ପରାସ୍ତ କଲା ବେଙ୍ଗାଲୁରୁ

ମୁମ୍ବାଇ, ୧୩।୪ ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍) ୨୦୨୬ର ୨୦ତମ ମୁକାବିଲାରେ ମୁମ୍ବାଇ ଇଣ୍ଡିଆନ୍‌ସକୁ ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ ପରାସ୍ତ କରିଛି । ରଜତ ପାଟିଦାରଙ୍କ ବେଙ୍ଗାଲୁରୁ ଟିମ୍ ଉଭୟ ବ୍ୟାଟିଂ ଏବଂ ବୋଲିଂ କ୍ଷେତ୍ରରେ ଦମଦାର ପ୍ରଦର୍ଶନ କରିଛନ୍ତି । ଘରୋଇ ମାଟିରେ ମୁମ୍ବାଇର ବିଜୟ ଲକ୍ଷ୍ୟକୁ ପୂରା କରିବାକୁ ଦେଇ ନାହିଁ ବେଙ୍ଗାଲୁରୁ । ମୁମ୍ବାଇ ୨୦ ଓଭରରେ ୫ଟି ୱିକେଟ୍ ହରାଇ ୨୨୨ ରନ୍ କରିଛି । ଫଳରେ ବେଙ୍ଗାଲୁରୁ ଏହି ମ୍ୟାଚ୍‌କୁ ୧୮ ରନ୍‌ରେ ଜିତିଛି ।



୨୪୧ ରନ୍‌ର ଲକ୍ଷ୍ୟ ନେଇ ମୁମ୍ବାଇ ବ୍ୟାଟିଂ କରିଥିଲା । ଦଳର ଇନିଂସ ଆରମ୍ଭ କରିଥିଲେ ରାୟନ ରିକେଲଟନ ଏବଂ ରୋହିତ ଶର୍ମା । ଉଭୟ ପ୍ରଥମ ୱିକେଟ ପାଇଁ ୭୨ ରନ୍‌ର ଭାଗିଦାରୀ କରିପାରିଥିଲେ । ରାୟନ ୨୨ଟି ବଲ୍ ଖେଳି ୩୭ ରନ୍ କରିଥିଲେ, ଯେଉଁଥିରେ ୩ଟି ଚୌକା ଏବଂ ୩ଟି ଛକା ସାମିଲ ଥିଲା । ରୋହିତ ଶର୍ମା ରିଟାର୍ଡ ଆଉଟ୍ ହେବା ପୂର୍ବରୁ ୧୩ଟି ବଲ୍ ଖେଳି ୧୯ ରନ୍ ସଂଗ୍ରହ କରିଥିଲେ । ସେ ୨ଟି ଚୌକା ଏବଂ ଗୋଟିଏ ଛକା ମାରିଥିଲେ । ମୁମ୍ବାଇର ବିସ୍ଫୋରକ ବ୍ୟାଟର ତିଲକ ବର୍ମା ୩ଟି ବଲ୍ ସାମ୍ନା କରି ମାତ୍ର ୧ ରନ୍ କରିଥିଲେ ।

ୱାଙ୍ଖେଡେ ଷ୍ଟାଡିୟମରେ ରବିବାର ଖେଳାଯାଇ ଥିବା ଏହି ମ୍ୟାଚ୍‌ରେ ଘରୋଇ ଦଳ ଟସ୍ ଜିଣି ପ୍ରଥମେ ବୋଲିଂ ନିଷ୍ପତ୍ତି ନେଇଥିଲା । ବେଙ୍ଗାଲୁରୁ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୨୦ ଓଭରରେ ୪ଟି ୱିକେଟ୍ ହରାଇ ୨୪୦ ରନ୍ ସଂଗ୍ରହ କରିଥିଲା । ବେଙ୍ଗାଲୁରୁ ପାଇଁ ଫିଲିପ୍ ସଲ୍ଟ ଏବଂ ବିରାଟ କୋହଲି ଇନିଂସ ଆରମ୍ଭ କରିଥିଲେ । ଉଭୟ ବ୍ୟାଟର ବିସ୍ଫୋରକ ବ୍ୟାଟିଂ କରିଥିଲେ ଏବଂ ପ୍ରଥମ ୱିକେଟ ପାଇଁ ୧୨୦ ରନ୍‌ର ଭାଗିଦାରୀ କରିପାରିଥିଲେ । ଫିଲିପ୍ ସଲ୍ଟ ବ୍ୟକ୍ତିଗତ ଭାବେ ୭୮ ରନ୍ ସଂଗ୍ରହ କରିଥିଲେ । ସେ ୩୬ଟି ବଲ୍ ସାମ୍ନା କରି ୬ଟି ଚୌକା ଏବଂ ୬ଟି ଛକା ମାରିଥିଲେ ।

କିଙ୍ଗ କୋହଲି ମଧ୍ୟ ତାଙ୍କର ଇନିଂସର ଜଲୱା ଦେଖାଇଥିଲେ । ସେ ୩୮ଟି ବଲ୍ ଖେଳି ୫ଟି ଚୌକା ଏବଂ ଗୋଟିଏ ଛକା ବଳରେ ୫୦ ରନ୍ ସଂଗ୍ରହ କରିଥିଲେ । ସେହିପରି ଅଧିନାୟକ ରଜନ ପଟିଦାରଙ୍କ ବ୍ୟାଟ୍‌ରୁ ୫୩ ରନ୍ ସଂଗ୍ରହ ହୋଇଥିଲା । ପଟିଦାର ୨୦ଟି ବଲ୍ ଖେଳି ୪ଟି ଚୌକା ଏବଂ ୫ଟି ଛକା ମାରିଥିଲେ । ଦ୍ୱିତୀୟ ୱିକେଟ୍ ୧୮୫ ଏବଂ ତୃତୀୟ ୱିକେଟ୍ ୧୯୪ ରନ୍‌ରେ ପଡିଥିଲା । ମଧ୍ୟକ୍ରମର ବ୍ୟାଟର ଜିତେଶ ଶର୍ମା ଏଲ୍‌ବିଡବ୍ଲ୍ୟୁ ଆଉଟ ହେବା ପୂର୍ବରୁ ବ୍ୟକ୍ତିଗତ ଭାବେ ୧୦ ରନ୍ ସଂଗ୍ରହ କରିଥିଲେ । ସେ ୯ଟି ବଲ୍ ଖେଳି ଗୋଟିଏ ଚୌକା ମାରିଥିଲେ । ଟିମ୍ ଡେଭିଡ ମଧ୍ୟ ବିସ୍ଫୋରକ ବ୍ୟାଟିଂ କରିଥିଲେ । ସେ ଅପରାଜିତ ୩୪ ରନ୍ କରିଥିଲେ । ୧୬ଟି ବଲ୍‌ରୁ ୨ଟି ଚୌକା ଏବଂ ୩ଟି ଛକା ମାରିଥିଲେ ।

# ଆଇପିଏଲ୍ ସୂଚୀରେ ସାମାନ୍ୟ ପରିବର୍ତ୍ତନ

ନୂଆଦିଲ୍ଲୀ, ୧୩।୪: ବିସିସିଆଇ ସୋମବାର ଚଳିତ ଆଇପିଏଲ୍ ସୂଚୀରେ ସାମାନ୍ୟ ପରିବର୍ତ୍ତନ କରଛି । ଚଳିତ ମାସ ୨୬ ତାରିଖରେ ଗୁଜରାଟରେ ହେବାକୁଥିବା ମ୍ୟୁନିସିପାଲ କର୍ପୋରେସନ୍ ନିର୍ବାଚନ ଲାଗି ଏହି ପରିବର୍ତ୍ତନ କରାଯାଇଛି । ଏହି ଦିନ ଅପରାହ୍ଣ ୩.୩୦ରେ ଗୁଜରାଟ ଟାଇଟନ୍ସ ଓ ଚେନ୍ନାଇ ସୁପର୍ କିଙ୍ଗ୍‌ସ ମଧ୍ୟରେ ଅହମଦାବାଦର ନରେନ୍ଦ୍ର ମୋଦୀ ଷ୍ଟାଡିୟମ୍‌ରେ ଖେଳାଯାଇଥିବା ମ୍ୟାଚ୍‌ର ସ୍ଥାନ ପରିବର୍ତ୍ତନ କରାଯାଇଛି । ଏହି ମ୍ୟାଚ୍ ସେହି ସମାନ ତାରିଖ ଏପ୍ରିଲ୍ ୨୬ ଅପରାହ୍ଣ ୩.୩୦ରେ ଚେନ୍ନାଇସ୍ଥିତ ଏମ୍ ଚିଦାମ୍ବରମ୍ ଷ୍ଟାଡିୟମ୍‌ରେ ଖେଳାଯିବ । ସେହିପରି ଉଭୟ ଦଳ ମଧ୍ୟରେ ମେ' ୨୧ ତାରିଖ ରାତି ୭.୩୦ରେ ଚେନ୍ନାଇରେ ଖେଳାଯିବାକୁ ଥିବା ମ୍ୟାଚ୍ ଅହମଦାବାଦରେ ଆୟୋଜିତ ହେବ । ଏହା ଦୁଇ ମ୍ୟାଚ୍ ବାଦ୍ ଘୋଷିତ ସୂଚୀରେ କେଣସି ପରିବର୍ତ୍ତନ କରାଯାଇ ନାହିଁ ।

# ଅଧାରୁ ପଡ଼ିଆ ଛାଡ଼ିଲେ କୋହଲି, ରୋହିତ

ବେଙ୍ଗାଲୁରୁ, ୧୩।୪ ରବିବାର ଖେଳାଯାଇଥିବା ମୁମ୍ବାଇ ଇଣ୍ଡିଆନ୍ସ-ଆରସିବି ମ୍ୟାଚ୍‌ରେ ଭାରତୀୟ କ୍ରିକେଟ୍‌ର ଦୁଇ କିମ୍ବଦନ୍ତି ବିରାଟ କୋହଲି ଓ ରୋହିତ ଶର୍ମା ସାମାନ୍ୟ ଆହତ ହୋଇ ପଡ଼ିଆ ଛାଡ଼ିଥିବା ସମସ୍ତଙ୍କୁ ଆଚମ୍ବିତ କରିଛି । ପୁଣି ମୁମ୍ବାଇର ପାଳି ଚାଲିଥିବାବେଳେ ଉଭୟ ପଡ଼ିଆ ଛାଡ଼ିଥିଲେ ।

ଏହି ମ୍ୟାଚ୍‌ରେ ବିରାଟ ୩୮ ବଲ୍‌ରୁ ୫୦ ରନ୍ କରିଥିଲେ । ତେବେ ମୁମ୍ବାଇର ଇନିଂସ ସମୟରେ ନିଜର ଗୋଇଠିରେ ସାମାନ୍ୟ ଯନ୍ତ୍ରଣା ଅନୁଭବ କରିବା ପରେ ବିରାଟ ଫିଲଡିଂରୁ ଦୂରେଇ ଯାଇଥିଲେ । ଆଗକୁ ସମସ୍ୟା ନ ବଢିବା ପାଇଁ ସତର୍କତାମୂଳକ ପଦକ୍ଷେପ ଭାବେ ତାଙ୍କୁ ବିଶ୍ରାମ ଦିଆଯାଇଥିଲା ବୋଲି ଜଣାପଡ଼ିଛି । ତେବେ କୌଣସି ବଡ଼ ଧରଣର ଆହତ



ସମସ୍ୟା ନେଇ ଏପର୍ଯ୍ୟନ୍ତ ଆର୍‌ସିବି ପକ୍ଷରୁ କୌଣସି ସୂଚନା ଦିଆଯାଇନାହିଁ । ଦଳର ଅଧିନାୟକ ରଜତ ପଟିଦାର ମଧ୍ୟ କହିଛନ୍ତି ଯେ ସେ ଏ ନେଇ ଅଧିକ ଜାଣିନାହାନ୍ତି, କିନ୍ତୁ ସେ ବୋଧହୁଏ ଠିକ୍ ଅଛନ୍ତି ।ରିଟାୟାର୍ଡ ହର୍ଟ୍ ହୋଇ ପଡ଼ିଆ ଛାଡ଼ିଥିଲେ ରୋହିତ । ସେହିପରି ରୋହିତ ଶର୍ମା ବ୍ୟାଟିଂ କରୁଥିବାବେଳେ ଜଙ୍ଘ ମାଂସପେଶୀରେ ଯନ୍ତ୍ରଣା ଯୋଗୁଁ ରିଟାୟାର୍ଡ ହର୍ଟ୍ ହୋଇ ପଡ଼ିଆ ଛାଡ଼ିଥିଲେ । ପଡ଼ିଆ ଛାଡ଼ିବା ବେଳକୁ ସେ ୧୩ ବଲ୍‌ରୁ ୧୮ ରନ୍ କରିଥିଲେ ଓ ଶେଷ ପର୍ଯ୍ୟନ୍ତ ଆଉ ବ୍ୟାଟିଂ ପାଇଁ ଆସିନଥିଲେ ।ଆସିବା ପରେ ଏହି ନିୟମକୁ କଡ଼ାକଡ଼ି କରାଯାଇଥିଲା ।

# ଅଭିନେତ୍ରୀଙ୍କୁ 'ମେସେଜ୍' ପଠାଇ ବିବାଦରେ ଚହଲ୍

ମୁମ୍ବାଇ: ପୁଣି ଥରେ ଚର୍ଚ୍ଚାକୁ ଆସିଯାଇଛନ୍ତି କ୍ରିକେଟ୍‌ର ଯୁଜବେନ୍ଦ୍ର ଚହଲ । ଟେଲିଭିଜନ ଅଭିନେତ୍ରୀ ତାନିଆ ଚାଟାର୍ଜୀ ଦାବି କରିଛନ୍ତି ଯେ ଚହଲ୍ ତାଙ୍କୁ ଇନଷ୍ଟାଗ୍ରାମ୍‌ରେ ବ୍ୟକ୍ତିଗତ ବାର୍ତ୍ତା ପଠାଉଛନ୍ତି । ଏକ ଇନ୍‌ଷ୍ଟାଗ୍ରାମ୍ ଫଟୋରେ ଚହଲ୍ 'କ୍ୟୁଟ୍' ବୋଲି ଲେଖିଥିବା ଅଭିନେତ୍ରୀ ଜଣାଇଛନ୍ତି । ଏ ନେଇ ସେ ଏକ ମୋବାଇଲ ସ୍କ୍ରିନ୍‌ସଟ୍ ସେୟାର କରିବାପରେ ସୋସିଆଲ୍ ମିଡିଆରେ ତାହା ଭାଇରାଲ ହେବା ସହ ଚର୍ଚ୍ଚାର ଖୋରାକ୍ ଯୋଗାଇଛି । ତେବେ ଏ ନେଇ ତାନିଆ କୌଣସି ଅସଦାଚରଣ ଅଭିଯୋଗ ଆଣିନାହାନ୍ତି । ଏ ନେଇ ଚହଲ୍‌ଙ୍କ ପକ୍ଷରୁ କୌଣସି ପ୍ରତିକ୍ରିୟା ଆସିନାହିଁ । ୨୦୨୫ରେ ଧନଶ୍ରୀ ବର୍ମାଙ୍କ ସହ ଛାଡ଼ପତ୍ର ପରେ ବି ଚହଲ୍‌ଙ୍କ ବ୍ୟକ୍ତିଗତ ଜୀବନ ଗଣମାଧ୍ୟମରେ ଚର୍ଚ୍ଚାରେ ରହିଆସିଛି । ଏହା ପରେ ଆରଜେ ମେହଭାସ୍ ଓ ସେଫାଲି ବାଗ୍‌ଗାଙ୍କ ସହ ତାଙ୍କର ସଂପର୍କ ଥିବା ଗୁଜବ ଉଠିଥିଲା । ତେବେ ଏ ନେଇ ଚହଲ କୌଣସି ଔପଚାରିକ ସ୍ୱୀକାରୋକ୍ତି ପ୍ରକାଶ କରିନାହାନ୍ତି । ପୁଣି ଦୁଇ ଦିନ ତଳେ ସେ ଏକ କାର୍‌ରେ ସିଗାରେଟ୍ ଟାଣିବା ଓ ଖଣ୍ଡିଆ ସିଗାରେଟ୍‌କୁ ରାସ୍ତାରେ ପକାଇଦେବାକୁ ନେଇ ବିବାଦରେ ଥିଲେ ।



# ହାର୍ଦ୍ଦିକ, ଡେଭିଡ୍‌ଙ୍କୁ ଜରିମାନା

ମୁମ୍ବାଇ: ରବିବାର ଖେଳାଯାଇଥିବା ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ (ଆର୍‌ସିବି) ଓ ମୁମ୍ବାଇ ଇଣ୍ଡିଆନ୍ସ ମ୍ୟାଚ୍‌ରେ ନିୟମ ଉଲ୍ଲଂଘନ କରି ଟିମ୍ ଡେଭିଡ୍ ଓ ହାର୍‌ଦିକ ପାଣ୍ଡ୍ୟା ଜରିମାନା ଗଣିଛନ୍ତି । ଆର୍‌ସିବି ଅଲ୍‌ରାଉଣ୍ଡର ଟିମ୍ ଡେଭିଡ୍ ଅମ୍ପାୟାରଙ୍କ ନିଷ୍ପତ୍ତିକୁ ଅମାନ୍ୟ କରିଥିବାରୁ ସୋମବାର ତାଙ୍କୁ ମ୍ୟାଚ୍ ପାଉଣାର ୨୫ ପ୍ରତିଶତ କଟାଯିବା ସହ ଗୋଟିଏ ଡିମେରିଟ୍ ପଏଣ୍ଟ ମିଳିଛି । ଖେଳାଳି ଓ ଦଳୀୟ ଅଧିକାରୀଙ୍କ ପାଇଁ ଥିବା ଆଇପିଏଲ୍ ନିୟମର ଧାରା ୨.୪ ଉଲ୍ଲଂଘନ କରିଥିବାରୁ ଡେଭିଡ୍‌ଙ୍କୁ ଏହି ଜରିମାନା କରାଯାଇଛି ବୋଲି ଆଇପିଏଲ୍ ପକ୍ଷରୁ ଜାରି ବିଜ୍ଞପ୍ତରେ ସୂଚନା ଦିଆଯାଇଛି ।ସେହିଭଳି ମୁମ୍ବାଇ ଇଣ୍ଡିଆନ୍‌ସ ଅଧିନାୟକ ହାର୍‌ଦିକ ପାଣ୍ଡ୍ୟାଙ୍କୁ ଧୀମା ଓଭର-ରେଟ୍ ଲାଗି ଜରିମାନା କରାଯାଇଛି । ଏହା ତାଙ୍କର ପ୍ରଥମ ଦୋଷ ହୋଇଥିବାରୁ ପାଣ୍ଡ୍ୟାଙ୍କୁ ୧୨ ଲକ୍ଷ ଟଙ୍କା ଜରିମାନା କରାଯାଇଛି । ଉଭୟ ଦୋଷ ମାନିବା ସହ ଦଣ୍ଡ ସ୍ୱୀକାର କରି ନେଇଥିବାରୁ ପରବର୍ତ୍ତୀ ଶୁଣାଣିର ଆବଶ୍ୟକ ପଡିନାହିଁ ।



# ଏସୀୟ କ୍ରୀଡା, ବିଶ୍ୱକପ୍ ପାଇଁ ଅଲଗା ଦଳ ପଠାଇବ ହକି ଇଣ୍ଡିଆ !

ଭୁବନେଶ୍ୱର: ଖେଳାଳିଙ୍କୁ ଆହତଜନିତ ସମସ୍ୟାରୁ ବଞ୍ଚାଇବା ସହିତ ଉନ୍ନତ ପ୍ରଦର୍ଶନ ଆଶାରେ ହକି ଇଣ୍ଡିଆ ଚଳିତ ବର୍ଷର ଏସୀୟ କ୍ରୀଡା ଏବଂ ବିଶ୍ୱକପ୍ ଲାଗି ଅଲଗା ଅଲଗା ଦଳ ପଠାଇବ । ଏସୀୟ କ୍ରୀଡା ୨୦୨୮ ଲସ୍‌ଏଞ୍ଜେଲ୍ସ ଅଲିମ୍ପିକ୍ସ ଯୋଗ୍ୟତା ମାନଦଣ୍ଡ ରଖିଥିବାରୁ ହକି ଇଣ୍ଡିଆ ସେଠାରୁ ଶ୍ରେଷ୍ଠ ଭାରତୀୟ ଦଳ ପଠାଉ ବୋଲି ସରକାର ଆଗ୍ରାଧିକାର ଦେଇଛନ୍ତି । ଏସୀୟ କ୍ରୀଡାର ସ୍ୱର୍ଣ୍ଣ ଜିତିବା ଦଳ ସିଧାସଳଖ ଏହି ଟିକେଟ୍ ହାତେଇନେବ । ଖେଳାଳିଙ୍କ କ୍ଲାନ୍ତିର ପରିଚାଳନା ପାଇଁ ଏସୀୟ କ୍ରୀଡା ଓ ବିଶ୍ୱକପ୍ ଲାଗି ଅଲଗା ଅଲଗା ଦଳ ଯାଉ ବୋଲି ହକି ଇଣ୍ଡିଆର ପ୍ରଶିକ୍ଷକମାନେ ମଧ୍ୟ ମତ ପୋଷଣ କରୁଛନ୍ତି । ଏକାଧିକ ପ୍ରତିଯୋଗିତାରେ ଖେଳିବାକୁ ଥିଲେ ହକି ଇଣ୍ଡିଆ ନିଜର 'ବି' ଦଳ ପଠାଉ ବୋଲି କ୍ରୀଡା ମନ୍ତ୍ରଣାଳୟ ମଧ୍ୟ ଅଗ୍ରହ ପ୍ରକାଶ କରିସାରିଛି । ସୂଚନାଯୋଗ୍ୟ, ହକି ବିଶ୍ୱକପ୍ ବେଲଜିୟମ୍ ଓ ନେଦରଲାଣ୍ଡ୍‌ସରେ ଅଗଷ୍ଟ ୧୫ରୁ ୩୦ ତାରିଖ ପର୍ଯ୍ୟନ୍ତ ଖେଳାଯିବ । ଏସୀୟ କ୍ରୀଡା ଏହା ପରେ ସେପ୍ଟେମ୍ବର ୧୯ରୁ ଅକ୍ଟୋବର ୪ ତାରିଖ ମଧ୍ୟରେ ଜାପାନର ଆଇଚି-ନାଗୋୟାରେ ଖେଳାଯିବ । ଉଭୟ ପ୍ରତିଯୋଗିତାର ଧାର୍ଯ୍ୟ ତାରିଖରେ କେଣସି ଅସୁବିଧା ନଥିଲେ ମଧ୍ୟ ବୈଷୟିକ ଦୃଷ୍ଟିକୋଣରୁ ଚିନ୍ତାର କାରଣ ହୋଇଛି ।

Printed _ Published by Biswajit Samanta on behalf of Kusuma Samanta printed at Niyati Publication (P) Ltd., 166-B MANCHESWAR INDUSTRIAL ESTATE, BHUBANESWAR-751010 _ Published From LP-115, PRASANTI VIHAR, HOUSING BOARD COLONY BHUBANESWAR-751 024. Tele: (0674)2546981 Fax: (0674)2546982
Mob.: 9937028982, 7847944970, 7008420927 , Email : odishamahabharata@gmail.com, orissamahabharat@rediffmail.com Editor: SURJIT KUMAR DHAL ସମ୍ପାଦକ: ସୁରଜିତ୍ କୁମାର ଧଳ